୧୯ ବର୍ଷରୁ କମ୍ ଏସିଆ କପ୍
ପାକିସ୍ତାନକୁ ୯୦ ରନ୍‌ରେ ହରାଇଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୩୧୭ ● ୧୫ ଡିସେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-317 ● 15th December 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ସିଡ୍‌ନୀରେ ପହଲଗାମର ପୁନରାବୃତ୍ତି

# ଆତଙ୍କବାଦୀଙ୍କ ଆଖିବୁଜା ଗୁଳିଚାଳନା : ୧୨ରୁ ଊର୍ଦ୍ଧ୍ୱ ମୃତ



**ସିଡ୍‌ନୀ, ୧୪।୧୨**

ରବିବାର ଅଷ୍ଟ୍ରେଲିଆର ସବୁଠାରୁ ପ୍ରସିଦ୍ଧ ବେଳାଭୂମି ମଧ୍ୟରୁ ଗୋଟିଏ ସିଡ୍‌ନୀର ବଣ୍ଡି ବିଚ୍‌ରେ ଆତଙ୍କ ଖେଳିଯାଇଛି । ଅଷ୍ଟ୍ରେଲିଆର ସିଡ୍‌ନୀରେ ପହଲଗାମ ଭଳି ଘଟଣା ଘଟିଛି । ଆତଙ୍କବାଦୀଙ୍କ ଆଖିବୁଜା ଗୁଳି ଚାଳନା ଖବର ପରେ ବହୁ ସଂଖ୍ୟକ ଲୋକ ନିଜ ଜୀବନ ବଞ୍ଚାଇବାକୁ ଦୌଡୁଥିବାର ଦେଖାଯାଇଛି । ଏହି ଘଟଣାରେ ୧୨ରୁ ଊର୍ଦ୍ଧ୍ୱ ଜଣଙ୍କର ମୃତ୍ୟୁ ହୋଇଛି । ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଛି ।

ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ନ୍ୟୁ ସାଉଥ୍ ୱେଲ୍ସ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମଗ୍ର ଅଞ୍ଚଳକୁ ସିଲ୍ କରିଦେଇଛି । ଲୋକମାନଙ୍କୁ ସେଠାରୁ ଦୂରେଇ ରହିବା ଏବଂ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଅପିଲ୍ କରାଯାଇଛି ।

ନ୍ୟୁ ସାଉଥ୍ ୱେଲ୍ସ ପୋଲିସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି କହିଛି ଯେ ବଣ୍ଡି ବିଚ୍ *(ପୃଷ୍ଠା ୭ରେ)*

### ସିଡ୍‌ନୀ ଆତଙ୍କବାଦୀ ଆକ୍ରମଣକୁ ମୋଦୀଙ୍କ ନିନ୍ଦା

**ନୂଆଦିଲ୍ଲୀ, ୧୪।୧୨**

ଅଷ୍ଟ୍ରେଲିଆର ସିଡ୍‌ନୀରେ ହନୁକା ଉତ୍ସବ ପାଳନ କରୁଥିବା ଇହୁଦୀ ସଂପ୍ରଦାୟର ଲୋକମାନଙ୍କୁ ଟାର୍ଗେଟ କରି ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିନ୍ଦା କରିଛନ୍ତି ।

ସେ ମଧ୍ୟ ଏହି ଆକ୍ରମଣରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରମାନଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରିଥିଲେ । ସେ ଆଶ୍ୱାସନା ଦେଇଥିଲେ ଯେ ଏହି ଦୁଃଖର ମୁହୂର୍ତ୍ତରେ ଭାରତ ଅଷ୍ଟ୍ରେଲିଆର ଲୋକଙ୍କ ସହିତ ସମ୍ପୂର୍ଣ୍ଣ ଏକତାରେ ଠିଆ ହୋଇଛି ।

ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଲେଖିଛନ୍ତି, 'ଆଜି ଅଷ୍ଟ୍ରେଲିଆର ବଣ୍ଡି ବିଚ୍‌ରେ ଘଟିଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣକୁ ଆମେ ଦୃଢ଼ ନିନ୍ଦା



କରୁଛୁ । ଏହି ଆକ୍ରମଣ ହନୁକା ପର୍ବ ପାଳନ କରୁଥିବା ଇହୁଦୀ ଲୋକଙ୍କୁ ଟାର୍ଗେଟ କରି କରାଯାଇଥିଲା । ଭାରତ ପକ୍ଷରୁ, ମୁଁ ସେମାନଙ୍କ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରୁଛି । ଏହି ଦୁଃଖର ମୁହୂର୍ତ୍ତରେ ଆମେ ଅଷ୍ଟ୍ରେଲିଆର ଲୋକଙ୍କ ସହିତ ଠିଆ ହୋଇଛୁ । ଆତଙ୍କବାଦ ପ୍ରତି ଭାରତ ଶୂନ୍ୟ ସହିଷ୍ଣୁତା ରଖେ *(ପୃଷ୍ଠା ୭ରେ)*

# ବିଳମ୍ବିତ ନ୍ୟାୟ ଲୋକଙ୍କ ଉପରେ ବୋଝ: ସିଜେଆଇ

**କଟକ, ୧୪।୧୨**
**ନ୍ୟୁଜ୍ ବ୍ୟୁରୋ**

କଟକରେ ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଲେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ।

ହାଇକୋର୍ଟ ବାର୍ ଆସୋସିଏସନ୍ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧାରଣ ଲୋକ କିଭଳି ତ୍ୱରିତ ନ୍ୟାୟ ପାଇବେ ତାହା ଉପରେ ଧ୍ୟାନ ଦିଆଯିବା ଜରୁରୀ ବୋଲି କହିଛନ୍ତି । ସାଧାରଣ ଲୋକଙ୍କ ପାଇଁ ମାମଲାର ଖର୍ଚ୍ଚ ବୋଝ ଭଳି ହୋଇଯାଉଛି, ଯାହା ସାଧାରଣ ଲୋକଙ୍କର ନ୍ୟାୟ ପ୍ରଦାନ ପ୍ରକ୍ରିୟା ଉପରେ ଥିବା



ଭରସାରେ ପ୍ରତିବନ୍ଧକ ସାଜୁଛି । ଅଦାଲତ ଗୁଡିକରେ ମାମଲାର ବୋଝ ଚିନ୍ତାଜନକ ଥିବା କଥା ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ସ୍ୱୀକାର କରିବା ସହ ମେଡିଏସନ ବା ମଧ୍ୟସ୍ଥତା ମାଧ୍ୟମରେ ମାମଲା ବୋଝ କମାଇବାକୁ ପରାମର୍ଶ ଦେଇଛନ୍ତି । ଏହାସହ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି, ଆର୍ଟିଫିସିଆଲ *(ପୃଷ୍ଠା ୭ରେ)*

# ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ହେଲେ ନୀତିନ ନବୀନ

**ନୂଆଦିଲ୍ଲୀ, ୧୪।୧୨**

ବଡ଼ ଘୋଷଣା କଲା ବିଜେପି । ଭାରତୀୟ ଜନତା ପାର୍ଟି ଏକ ବଡ଼ ସାଂଗଠନିକ ପରିବର୍ତ୍ତନ କରିଛି । ନୀତିନ ନବୀନ ହେଲେ ବିଜେପି ନୂଆ ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି । ବିଜେପି ସଂସଦୀୟ ବୋର୍ଡରେ ନୀତିନ ନବୀନଙ୍କ ନାଁ ଘୋଷଣା କରାଯାଇଛି । ବିହାର ସରକାରରେ ମନ୍ତ୍ରୀ ଅଛନ୍ତି ନୀତିନ ନବୀନ । ତାଙ୍କର ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ । ରାଷ୍ଟ୍ରୀୟ ସଭାପତି ହେବା ପୂର୍ବରୁ ଜେପି ନଡ୍ଡାଙ୍କୁ *(ପୃଷ୍ଠା ୭ରେ)*



### ନୀତିନ ନବୀନଙ୍କୁ ମୋଦୀଙ୍କ ପ୍ରଶଂସା

**ନୂଆଦିଲ୍ଲୀ, ୧୪।୧୨**

ନୀତିନ ନବୀନ ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ନୀତିନ ନବୀନ ଜଣେ ଯୁବ ନେତା ଏବଂ ପରିଶ୍ରମୀ କାର୍ଯ୍ୟକର୍ତ୍ତା । ବିଧାୟକ ଓ ମନ୍ତ୍ରୀ ଭାବେ ତାଙ୍କ ରେକର୍ଡ ପ୍ରଶଂସନୀୟ । ନୀତିନ ନବୀନଙ୍କ ନିଷ୍ଠା *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଭଦ୍ରକରେ ଅବୈଧ ସିମ୍‌କାର୍ଡ ଚକ୍ର ଧ୍ୱଂସ, ରାଜ୍ୟବ୍ୟାପୀ ତଦନ୍ତ ଆରମ୍ଭ ।
- ରାଜ୍ୟରେ ଘନ କୁହୁଡ଼ି, ସଡ଼କ ଓ ରେଳ ଚଳାଚଳ ପ୍ରଭାବିତ ।
- ହିରାସତ ମୃତ୍ୟୁ ଅଭିଯୋଗ, ସ୍ୱାଧୀନ ତଦନ୍ତ ପାଇଁ ଦାବି ତୀବ୍ର ।
- ସଡ଼କ ଦୁର୍ଘଟଣା ପରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ, ପରିବହନ ଅସ୍ତବ୍ୟସ୍ତ ।
- ଧାନ କଟା ଯନ୍ତ୍ରରେ ଚାଷୀଙ୍କ ମୃତ୍ୟୁ, ସୁରକ୍ଷା ଅଭାବ ନେଇ ପ୍ରଶ୍ନ ।
- ଧର୍ମଶାଳାରେ ରାଜନୈତିକ ତାଣ୍ଡବ, ପୋଲିସ ମୁତୟନ ବଢ଼ିଲା ।
- ଶିକ୍ଷାନୁଷ୍ଠାନରେ ଛାତ୍ର ମୃତ୍ୟୁ, ଅଭିଭାବକଙ୍କ ପ୍ରତିବାଦ ।
- ବାଲେଶ୍ୱରରେ ବିଶାଳ ଅଜଗର ଉଦ୍ଧାର, ଗ୍ରାମବାସୀ ଆତଙ୍କିତ ।

# ଆମର ସଂସ୍କୃତି ବିଶ୍ୱର ସମାଧାନ ଅଟେ : ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୧୪।୧୨**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ଦିନ କହିଛନ୍ତି ଯେ ଆମର ସଂସ୍କୃତିରେ ନିହିତ ପ୍ରକୃତି ସହିତ ତାଳମେଳ କରିବା ପର୍ଯ୍ୟାବରଣ ପାଇଁ ଜୀବନଶୈଳୀର ବୈଶ୍ୱିକ ଆଧାର ।

ଶ୍ରୀମତୀ ମୁର୍ମୁ ଏହି କଥା ରବିବାର ରାଷ୍ଟ୍ରୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ କହିଛନ୍ତି । ଏହି ଅବସରରେ ସେ ନୂଆଦିଲ୍ଲୀରେ ରାଷ୍ଟ୍ରୀୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ ଏବଂ ରାଷ୍ଟ୍ରୀୟ ଚିତ୍ରକଳା ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି ଯେ ଶକ୍ତି ବଞ୍ଚାଇବା କେବଳ କମ୍ ବ୍ୟବହାର କରିବା ନୁହେଁ, ପରନ୍ତୁ ବୁଦ୍ଧିମାନ, ଦାୟିତ୍ୱବାନ ଏବଂ କୁଶଳତା ସହିତ ବ୍ୟବହାର କରିବା । ସୂର୍ଯ୍ୟ ପରି ନବୀକରଣ ଶକ୍ତି ବିକଳ୍ପ ଭାବେ ଆପଣାଇବା । ଏହାଦ୍ୱାରା ଆମେ ନା କେବଳ ଶକ୍ତି *(ପୃଷ୍ଠା ୭ରେ)*

# ଏସଆଇଆର ବିରୋଧରେ ଦିଲ୍ଲୀରେ କଂଗ୍ରେସର ମହାରାଲି



**ନୂଆଦିଲ୍ଲୀ, ୧୪।୧୨**

ରାଜଧାନୀ ଦିଲ୍ଲୀରେ କଂଗ୍ରେସର ରଣହୁଙ୍କାର । ବିଭିନ୍ନ ରାଜ୍ୟରୁ ଶହ ଶହ କର୍ମୀଙ୍କୁ ନେଇ ରାମଲୀଳା ମୈଦାନରେ ବିଶାଳ ରାଲି ଆୟୋଜନ କରିଛି କଂଗ୍ରେସ । କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସାମିଲ ହୋଇଛନ୍ତି । ଏସଆଇଆର ଓ ଭୋଟ ଚୋରୀ ପ୍ରସଙ୍ଗରେ ଲୋକଙ୍କୁ ଅବଗତ କରାଇବା ପାଇଁ କଂଗ୍ରେସ ଏହି ମହାରାଲି କରିଛି । କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନଙ୍କ ଏକାଠି ହୋଇଥିବା ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଛି କଂଗ୍ରେସ । ଏହି ମହାରାଲି ପରେ ୫୫ ଲକ୍ଷ ଦସ୍ତଖତ ହୋଇଥିବା ଏକ ସ୍ମାରକୀପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି । ଏହି ଆନ୍ଦୋଳନ ଗଣତନ୍ତ୍ର ଏବଂ ନିରପେକ୍ଷ ନିର୍ବାଚନକୁ ସୁରକ୍ଷା ଦେବା ପାଇଁ ହୋଇଥିବା କହିଛନ୍ତି କଂଗ୍ରେସ ମହାସଚିବ କେ.ସି ବେଣୁଗୋପାଳ ।

## ଏକାଳ ପଖାଳ



ଦଳଟାର ଫାଟ ବଢ଼ି ବଢ଼ି ଚାଲେ
ହେଉନି ଜମାରୁ ବନ୍ଦ
ନେତା ପରସ୍ପର ସହି ନପାରନ୍ତି
ଆସଇ ଜଳିବା ଗନ୍ଧ
ଚିଠିରେ ଆପତ୍ତି ଛନ୍ଦ
ଶୁଣି ସଭାପତି ଲାଙ୍ଗୁଡରେ ଠିଆ
କହୁଛନ୍ତି ଖାଲି ମନ୍ଦ ।

### ଦୁର୍ଘଟଣାରେ ପ୍ରାଣ ହାନିକୁ ନେଇ ଦୁଃଖ ପ୍ରକାଶ କରିବା ସହ ସହାୟତା ଘୋଷଣା

**ଭୁବନେଶ୍ୱର, ୧୪।୧୨**
**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଛତ୍ରପୁର ତହସିଲର ପ୍ରହଲ୍ଲାଦ ନାୟକ(ପିତା - ରତନ ନାୟକ) ଙ୍କର ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

### ରାଜକୁମାର ଗୋଏଲ ହେଲେ ମୁଖ୍ୟ ସୂଚନା କମିଶନର

**ନୂଆଦିଲ୍ଲୀ, ୧୪।୧୨**

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରାଜ କୁମାର ଗୋଏଲ ଦେଶର ପରବର୍ତ୍ତୀ ମୁଖ୍ୟ ସୂଚନା କମିଶନର ହେବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ତିନି ସଦସ୍ୟ ବିଶିଷ୍ଟ ପ୍ୟାନେଲ ଗୋଏଲଙ୍କ ନାମ ସୁପାରିଶ କରିଛନ୍ତି ।



ଗୋଏଲ ଅରୁଣାଚଳ ପ୍ରଦେଶ-ଗୋଆ-ମିଜୋରାମ-କେନ୍ଦ୍ରଶାସିତ ଅଞ୍ଚଳ କ୍ୟାଡରର ୧୯୯୦ ବ୍ୟାଚର ଆଇଏଏସ୍ ଅଧିକାରୀ । ସେ ଚଳିତ ବର୍ଷ ଅଗଷ୍ଟ ୩୧ରେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟର ନ୍ୟାୟ ବିଭାଗ ସଚିବ ଭାବରେ ଅବସର ନେଇଥିଲେ । ସେ *(ପୃଷ୍ଠା ୭ରେ)*

# ପୋତି ହେଉଛି ଚିଲିକା: ପ୍ରତି ବର୍ଷ ପଶୁଛି ୮ ଲକ୍ଷ ଟନ୍‌ର ପଟୁମାଟି



**ଭୁବନେଶ୍ୱର, ୧୪।୧୨ : ନ୍ୟୁଜ୍ ବ୍ୟୁରୋ**

ଏସିଆର ବୃହତ୍ତମ ଲବଣାକ୍ତ ହ୍ରଦ ଚିଲିକା ପୋତି ହେଉଛି । ପ୍ରତିଦିନ ଏହା ମଧ୍ୟକୁ ପ୍ରବେଶ କରୁଥିବା ପଟୁ ମାଟି ଦ୍ୱାରା ହ୍ରଦ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଲାଣି । ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ଉତ୍ପାଦନ ମଧ୍ୟ ପ୍ରଭାବିତ ହେଉଛି । ଚିଲିକା ମୁହାଣ ଓ ଏହାର ପାର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହେଉଛି । ପ୍ରଶାସନ ପକ୍ଷରୁ ନିୟମିତ ବ୍ୟବଧାନରେ ପଙ୍କ ଉଦ୍ଧାର ଓ ଅନ୍ତନାଳୀ ଖୋଳା କାର୍ଯ୍ୟକ୍ରମ ଜାରି ରହିଥିଲେ ମଧ୍ୟ ସେତେଟା ସଫଳତା ମିଳିପାରି ନାହିଁ ବରଂ ଚିଲିକାର ଆର୍ଦ୍ରଭୂମି ଆୟତନ ଧୀରେ ଧୀରେ ହ୍ରାସ ପାଇବା ସହ ଜୀବଜଗତର ଏହି ମୂଲ୍ୟବାନ ପ୍ରାକୃତିକ ସମ୍ପଦ ପ୍ରତି ବିପଦ ସୃଷ୍ଟି ହୋଇଛି ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଚିଲିକା ପୋତି ହେଉଥିବା ସମ୍ପର୍କରେ ରାଜ୍ୟ ସରକାର ଅବଗତ ରହିଛନ୍ତି । ହ୍ରଦର ଗଭୀରତା ସର୍ବନିମ୍ନ ୦.୩୮ ମିଟରରୁ ସର୍ବାଧିକ ୬.୨୦ ମିଟର ରହିଛି । *(ପୃଷ୍ଠା ୭ରେ)*




31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଡିସେମ୍ବର ୨୦୨୫ ସୋମବାର





# ବରିଷ୍ଠ ନାଗରିକମାନଙ୍କ ବହୁମୁଖୀ ଆବଶ୍ୟକତା ପୂରଣ ନିମନ୍ତେ ପରାମର୍ଶ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ : ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ୟୁନିକ୍ ରବିବାର ଦିନ 'ସୁନ୍ଦର ବୟସର ଯାତ୍ରାକୁ ଆଲିଙ୍ଗନ' ଶୀର୍ଷକ ଏକ ଦିନିକିଆ ଆଲୋଚନାଚକ୍ରର ସଫଳତାର ସହିତ ଆୟୋଜନ କରିଥିଲା, ଯେଉଁଥିରେ ବରିଷ୍ଠ ନାଗରିକ ସମ୍ପ୍ରଦାୟର ବହୁମୁଖୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଶିଷ୍ଟ ଚିକିତ୍ସା ବିଶେଷଜ୍ଞ, ଚିନ୍ତନ ନେତା ଏବଂ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଏକତ୍ର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏକ ପ୍ରେରଣାଦାୟକ ଉଦଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ପରେ ମାନସିକ ସ୍ୱାସ୍ଥ୍ୟ, ସୁସ୍ଥ ବାର୍ଦ୍ଧକ୍ୟ, ଡିଜିଟାଲ୍ ସୁରକ୍ଷା, ପୁଷ୍ଟିସାର, ଆଧ୍ୟାତ୍ମିକତା ଏବଂ ବରିଷ୍ଠ ସଶକ୍ତିକରଣ ଉପରେ ଧ୍ୟାନ କେନ୍ଦ୍ରିତ କରି ଏକ କ୍ରମିକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବୈଷୟିକ ଏବଂ ସାଂସ୍କୃତିକ ବିଭାଗ ଅନୁଷ୍ଠିତ ହୋଇଥିଲା । ଉପସ୍ଥାପନା ସମାରୋହ କ୍ଲବର ସଭାପତି ଜସ୍ପଭ. ସଂଘମିତ୍ରା ରଥ ସ୍ୱାଗତ ଭାଷଣ ଦେଇଥିଲେ, ଏହା ପରେ ଜସ୍ପଭ. ଆର୍ଯ୍ୟ





ପାଣିଗ୍ରାହୀ, ଅଧକ୍ଷା ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଜସ୍ପଭ. ସୁଧୀର. କୁମାର ବେହେରା, ସଚିବ ଆନୁଷ୍ଠାନିକ ଭାବରେ କନକ୍ଲେଭର ବିଷୟବସ୍ତୁ ସ୍ଥିର କରିଥିଲେ । ମୁଖ୍ୟ ବକ୍ତା କୃପାସିନ୍ଧୁ ସାହୁ ଭାଷଣ ଦେଇଥିଲେ ଏବଂ କ୍ଲବ ଦ୍ୱାରା ତାଙ୍କୁ - ଆଦର୍ଶ ସେବା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସମ୍ମାନିତ ମୁଖ୍ୟ ଅତିଥି ଜଷ୍ଟିସ୍ ଲକ୍ଷ୍ମୀକାନ୍ତ ମହାପାତ୍ର, ବରିଷ୍ଠ ନାଗରିକଙ୍କ ପ୍ରତି ମର୍ଯ୍ୟାଦା, ଅଧିକାର ଏବଂ ସାମାଜିକ ଦାୟିତ୍ୱ ଉପରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରି ସଭାକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ କ୍ଲବର ସଫଳତା ଏବଂ ପଦକ୍ଷେପଗୁଡ଼ିକୁ ଉନ୍ମୋଚନ କରିଥିବା ଏକ ସ୍ମାରକୀ ପ୍ରକାଶ କରାଯାଇଥିଲା । ଟେକ୍ନିକାଲ୍ ଅଧିବେଶନଗୁଡ଼ିକ ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ, ପ୍ରଫେସର, ମାନସିକ ସ୍ୱାସ୍ଥ୍ୟ-ପ୍ରତିଷ୍ଠା, ଏସସିବି ମେଡିକାଲ୍ କଲେଜଙ୍କ ଦ୍ୱାରା ଆରମ୍ଭ ହୋଇଥିଲା, ଯିଏ ବୟସ୍କମାନଙ୍କ ମାନସିକ ସ୍ୱାସ୍ଥ୍ୟ ଆବଶ୍ୟକତା ଉପରେ କ୍ଲିନିକାଲ୍ ଦୃଷ୍ଟିକୋଣ ବାଣ୍ଟିଥିଲେ । ଏହା ପରେ ଡ୍ରିମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ ସାଇନ୍ସ ଆଣ୍ଡ ହସ୍ପିଟାଲର ପ୍ରଫେସର ଡକ୍ଟର ଅର୍ପିତା ପ୍ରିୟଦର୍ଶିନୀ, 'ନିର୍ଭୟ ବାର୍ଦ୍ଧକ୍ୟ' ଏବଂ ଆତ୍ମବିଶ୍ୱାସ ଏବଂ ସକାରାତ୍ମକତା ସହିତ ପରବର୍ତ୍ତୀ ଜୀବନକୁ ଗ୍ରହଣ କରିବାର ଉପାୟ ଉପରେ ବକ୍ତବ୍ୟ ରଖିଥିଲେ ।

ଏୟାର କମୋଡୋର ନିରଞ୍ଜନ କୁମାର ପାର୍ହି 'ସୁରକ୍ଷିତ ରୁହନ୍ତୁ – ଅନଲାଇନ୍ ଆଜିର ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ମାର୍ଟ ମାର୍ଗଦର୍ଶିକା' ଶୀର୍ଷକ ଅନଲାଇନ୍ ସୁରକ୍ଷା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଉପସ୍ଥାପନ କରିଥିଲେ । ପ୍ରକୃତିବିତ୍ ଏବଂ ପାରମ୍ପରିକ ଭାରତୀୟ ଔଷଧ ବିଶେଷଜ୍ଞ ସ୍ୱରୂପା ସେନାପତି, 'ଆୟୁର୍ବେଦ ସହିତ ସୁନ୍ଦର ବାର୍ଦ୍ଧକ୍ୟ' ବିଷୟରେ ଦର୍ଶକଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହାପରେ ବ୍ରହ୍ମା କୁମାରୀଙ୍କ ଭଉଣୀ ଦେବେଶ ନନ୍ଦିନୀ, ବୟସ୍କ କଲ୍ୟାଣରେ ଆଧ୍ୟାତ୍ମିକତାର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ ।

## ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

# ଭୂମିହୀନଙ୍କୁ ଚିହ୍ନଟ କରି ପଟା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡା,ନ୍ୟୁଜ୍ ବ୍ୟୁରୋ : କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲିକ, ନବକ୍ରୀଷ୍ଣ ଜେନା (ସାଧାରଣ), ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ସୁପର ଭାଇଜର, ଜିଲ୍ଲା ରାଜସ୍ୱ ଅଧିକାରୀ, ଅବକାରୀ ଅଧିକ୍ଷକ, ପୂର୍ତ୍ତ ଓ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ବାଲି ସୈରାତ, ଖଣି ଖାଦାନ ଗୁଡିକର ରାଜସ୍ୱ ଆଦାୟ, ବେଆଇନ ଭାବରେ ଚାଲିଥିବା ମାଟି ଉଠାଣ ବନ୍ଦ କରିବା, ରାଜସ୍ୱ ମାମଲା ଫଏସଲା ଯଥା-ଜବରଦଖଲ ଉଚ୍ଛେଦ, ବସୁନ୍ଧରା ସର୍ଭେ, ଖଜଣା ଆଦାୟ, (ଖାତା) ଜମିପଟା ସଂଶୋଧନ, ଦାଖଲ, ଖାରଜ ମାମଲା ଫଏସଲା, ବିଭିନ୍ନ ଲାଇନ ଡିପାଟମେଣ୍ଟ ରୁ ମାଗିଥିବା ଜାଗାକୁ ଚିହ୍ନଟ କରି ସେମାନଙ୍କୁ ପ୍ରଦାନ କରିବା, ଜିଲ୍ଲାରେ ବସବାସ କରୁଥିବା ଭୂମିହୀନଙ୍କୁ ଚିହ୍ନଟ କରି ପଟା ପ୍ରଦାନ ଆଦି ସଂପର୍କରେ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ଲାଇନ ଡିପାଟମେଣ୍ଟ ର ଅଧିକାରୀ ଉପସ୍ଥିତ ଥିଲେ ।



# ନବାଗତ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ଉତ୍ସବ

ବାରିପଦା, ନ୍ୟୁଜ୍ ବ୍ୟୁରୋ : ବାରିପଦାର ପ୍ରତିଷ୍ଠିତ ସାଇ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍ସ ଯଥା ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସାଇ ଡିଗ୍ରୀ କଲେଜ ଓ ସାଇ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ଓ ନବାଗତ ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ଉତ୍ସବ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଜ୍ୟୋତି ଶଙ୍କର ମିଶ୍ରଙ୍କର ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ମୁଖ୍ୟ ଅତିଥି, ମୟୁରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ବକ୍ତା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଉତ୍ତର ଓଡିଶା) ର ଡେପୁଟି ସେକ୍ରେଟାରୀ ରାଜେଶ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସାଇ ବିଦ୍ୟା ନିକେତନର ପ୍ରଧାନ ଶିକ୍ଷକ ଭାରତୀ ଭୂଷଣ ନାୟକ ତାଙ୍କ





ଉଦବୋଧନରେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଶିକ୍ଷାଲାଭ ସହିତ ଦେଶ ପ୍ରତି ସେମାନଙ୍କର କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିବା ବେଳେ ସାଇ ଡ଼ିଗ୍ରୀ କଲେଜର ଅଧକ୍ଷ ଅମୀୟ ରଞ୍ଜନ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ବକ୍ତା ପୂର୍ଣ୍ଣ ଚନ୍ଦ୍ର ସେଠୀ ପିଲାମାନଙ୍କୁ ବୃକ୍ଷ ରୋପଣର ଆବଶ୍ୟକତା ଓ ସେମାନଙ୍କ ଜୀବନରେ ପିତାମାତାଙ୍କ ମହାନ ଅବଦାନ ବିଷୟରେ ଆଲୋକପାତ କରିଥିବା ବେଳେ ସମ୍ମାନିତ ଅତିଥି ରାଜେଶ କୁମାର ପ୍ରଧାନ ଛାତ୍ରଛାତ୍ରୀ ମାନଙ୍କୁ ଉଚ୍ଚ ଶିକ୍ଷା ଲାଭ ସହିତ ସମାଜ ମଙ୍ଗଳ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ ।

ସାଇ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ ଉତ୍ତର ଓଡିଶାର ଶିକ୍ଷାକ୍ଷେତ୍ରରେ ସାଇ ଗ୍ରୁପର ଅବଦାନ ଓ ଅକଳ୍ପନୀୟ ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଧନ୍ୟବାଦ ଜଣେଇବା ସହିତ ସଫଳତା ଲାଭ ନିମନ୍ତେ ଆଗାମୀ ଦିନରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ଛାତ୍ରଛାତ୍ରୀ ମାନଙ୍କୁ ନୂତନ ଶିକ୍ଷା ପଦ୍ଧତି ବିଷୟରେ ଅବଗତ କରେଇବା ସହ ଉଚ୍ଚଶିକ୍ଷା ସହିତ ନୂତନ ଗବେଷଣା କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହାପରେ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବରେ ସାଇ ଡିଗ୍ରୀ କଲେଜ ତୃତୀୟ ବର୍ଷ ଉଦ୍ଭିଦ ବିଜ୍ଞାନ ଛାତ୍ରୀ ସୁନନ୍ଦା ବାରିକ, ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ରଶ୍ମିରେଖା ଦାଶ ଏବଂ ସାଇ ବିଦ୍ୟା ନିକେତନର ନବମ ଶ୍ରେଣୀ ଛାତ୍ର ଦୀପକ କୁମାର ମହାନ୍ତ ପୁରସ୍କୃତ ହୋଇଥିଲେ । ବର୍ଷର ଶ୍ରେଷ୍ଠ କର୍ମଚାରୀ ଭାବରେ ଜନେନ୍ଦ୍ର ମହାକୁଡ଼ ଏବଂ ଶ୍ରେଷ୍ଠ ଅଧାପକ ଭାବରେ ରସାୟନ ବିଭାଗର ସତ୍ୟଜିତ ପଣ୍ଡା ପୁରସ୍କୃତ ହୋଇଥିଲେ ।

ସଭାଶେଷରେ ଇଂରାଜୀ ବିଭାଗର ଅଧ୍ୟାପକ ତାପସ ନନ୍ଦଲାଲ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମନୋମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରସିଦ୍ଧ କଣ୍ଠ ଶିଳ୍ପୀ ବିଶ୍ୱଜିତ ଆଟୋଇ ଓ ଜସ୍ମିନ ଗିରି ସଂଗୀତ ପରିବେଷଣ କରିଥିଲେ । ଶେଷରେ ଏହି ଉତ୍ସବର ସଫଳତା ପାଇଁ ଅନୁଷ୍ଠାନସମୂହର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳନ





ଜଗତସିଂହପୁର,ନ୍ୟୁଜ୍ ବ୍ୟୁରୋ : ଜଗତସିଂହପୁର ସଦରସ୍ଥିତ ଆଦିକବି ସାରଳାଦାସ ସଂସ୍କୃତି ଭବନ ପରିସରରେ ଜଗତସିଂହପୁର ଜ଼ିଲ୍ଲା ଦଳିତ ବିକାଶ ପରିଷଦ ପକ୍ଷରୁ ଭାରତ ରତ୍ନ ବାବା ସାହେବ ଡାକ୍ତର ଆମ୍ବେଦକରଙ୍କ ୬୯ ତମ ମହାପାରୀନିର୍ବାଣ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ସିପି ଛକ ନିକଟରୁ ଏକ ବିଶାଳ ଶୋଭାଯାତ୍ରା ଆସି ଜ଼ିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଭାରତ ରତ୍ନ ବାବା ସାହେବଙ୍କ ପ୍ରତିମୂର୍ତ୍ତି ନିକଟରେ ପହଂଚି ମାଲ୍ୟାର୍ପଣ କରିଥିଲେ । ପରେ ଜ଼ିଲ୍ଲା ଦଳିତ ବିକାଶ ପରିଷଦର ଜ଼ିଲ୍ଲା ସଭାପତି ଶଙ୍କର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀଧର ଭୋଇ, ମୁଖ୍ୟବକ୍ତା ଭାବେ ଭାବେ ଅଭିରାମ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବୀରେନ୍ଦ୍ର ପ୍ରସାଦ ଦାସ, ମାୟାଧର ନାୟକ, ରତ୍ନାକର କାଣ୍ଡି, ନାଥ କାଣ୍ଡି, ଶିକ୍ଷବିତ୍ ଗଣେଶ୍ୱର ହାଁସଦା, କ୍ଷେତ୍ର ମୋହନ ଭୋଇ, ବିଭ୍ରାନ୍ତ ବିଶ୍ୱଜିତ ପ୍ରମୁଖ ଯୋଗଦେଇଥିଲେ । ପରିଷଦର ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଜନସାଧାରଣ ଯୋଗଦେଇଥିଲେ । ସଭାପତି ଶ୍ରୀଯୁକ୍ତ ଦାସ ଧାନ କଟା ସମୟରେ ମୁଲ ମଜୁରି ନଲାଗି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ସମସ୍ତ ଉପସ୍ଥିତ ଜନସାଧାରଣ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଉପରୋକ୍ତ ଅତିଥିମାନେ ଉପସ୍ଥିତ ଜନସାଧାରଣ ମାନଙ୍କୁ ସେମାନଙ୍କର ସମସ୍ୟା ଉପରେ ଆଲୋଚନା କରିବାସହିତ ଅଧିକାର ଓ ସାମାଜିକ ବିଧିବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ ।

# ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ଶୌର୍ଯ୍ୟ ଦିବସ ପାଳନ





କେନ୍ଦ୍ରାପଡା,ନ୍ୟୁଜ୍ ବ୍ୟୁରୋ : ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲ୍ଲା ତରଫରୁ ଜିଲ୍ଲା କାର୍ଯ୍ୟାଳୟ ତିନିମୁହାଣିଠାରେ ସୌର୍ଯ୍ୟ ଦିବସ ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ଶେଖର ରାଉତଙ୍କ ଅଧକ୍ଷତାରେ ପାଳନ କରାଯାଇଅଛି ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ କ୍ଷେତ୍ରୀୟ ସହ ସେବା ପ୍ରମୁଖ (କଲିକତା କ୍ଷେତ୍ର) ହରିଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସହ ସମ୍ପାଦକ ଶ୍ରୀଯୁକ୍ତ ସନ୍ତୋଷ ସାହୁ, ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲ୍ଲା ସହ ସଂଯୋଜକ ଯଶପାଲ୍ ସୁତାର, ସହ ସଂଯୋଜକ ନୀଳକଣ୍ଠ ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତା ମାନଙ୍କୁ ମାର୍ଗ ଦର୍ଶନ କରିବା ସହ ଉକ୍ତ କାର୍ଯ୍ୟକ୍ରମର ମହିମା ମଣ୍ଡନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଖଣ୍ଡରୁ ୨୦୦ ଶହରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରି ଥିଲେ ।

# ଅବସର ପ୍ରାପ୍ତ ସୈନିକଙ୍କ ପରଲୋକ

କେନ୍ଦ୍ରାପଡା,ନ୍ୟୁଜ୍ ବ୍ୟୁରୋ : ସେନା ବାହିନୀରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ପୂର୍ବତନ ସୈନିକ ଭେଟେରାନ ହାବିଲଦାର କୈଳାସ ଚନ୍ଦ୍ର ପ୍ରଧାନଙ୍କ ହୃଦଘାତ ରେ ପରଲୋକ ହୋଇ ଯାଇଛି । ଡାଳିଚି ଗ୍ରାମର ୪ ପ୍ରଧାନଙ୍କ ଦେହାନ୍ତ ଖବର ପାଇ ପୂର୍ବତନ ସୈନିକ ସଂଘର ସଦସ୍ୟମାନେ ତାଙ୍କର ଶେଷ ଦର୍ଶନ କରିବା ସହ ଜାତୀୟ ପତାକା ଓ ଫୁଲର ରିଚ ଅର୍ପଣ କରି ସମ୍ମାନ ଜଣାଇଥିଲେ । ଏହା ସହ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।



# ପ୍ରେସ କ୍ଲବର ଗାରିମା ଓ ଗୌରବ ବଜାୟ ରଖିବା ଉପରେ ଗୁରୁତ୍ୱ

ଧାମନଗର,ନ୍ୟୁଜ୍ ବ୍ୟୁରୋ : ଧାମନଗର ପ୍ରେସ କ୍ଲବ ପକ୍ଷରୁ ଏକ ବୈଠକ ସ୍ଥାନୀୟ ସାଗର ଭୂୟାଁ ପାର୍କ ନିକଟ ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରେସ କ୍ଲବର ସଭାପତି କିଷାନ କୁମାର ରାଉତ ପୌରୋହିତ୍ୟ କରିଥିଲେ । ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅନ୍ୟତମ ପୁରାତନ ସାମ୍ବାଦିକ ସଂଗଠନ ରୂପେ ପରିଚିତ ଧାମନଗର ପ୍ରେସ କ୍ଲବର ସାଂଗଠନିକ ଅଭିବୃଦ୍ଧି, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଏବଂ ଗଣମାଧମ ସମ୍ପର୍କିତ କର୍ମଶାଳା ଆୟୋଜନ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ପ୍ରେସ କ୍ଲବର ଗାରିମା ଓ ଗୌରବ ବଜାୟ ରଖିବା ଉପରେ ପ୍ରତ୍ୟେକ ସଦସ୍ୟଙ୍କ ଭୂମିକା ରହିଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଏହି ଅବସରରେ ବରିଷ୍ଠ ସଦସ୍ୟ ପ୍ରମୋଦ ସ୍ୱାଇଁଙ୍କୁ ନୂତନ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା । ଶୃଙ୍ଖଳା କମିଟି ଅଧକ୍ଷ ବାସୁଦେବ ତ୍ରିପାଠୀ, ଉପଦେଷ୍ଟା ରସାନନ୍ଦ ମହାପାତ୍ର, ଅନିଲ କୁମାର ବାରିକ, ଦୀନବନ୍ଧୁ ଦାଶ, ବୈକୁଣ୍ଠ ସାହୁ, ଅଭିମନ୍ୟୁ ମଲ୍ଲିକ,ପ୍ରଦୀପ ମହାପାତ୍ର, ରଜତ ପଣ୍ଡା, ସୁଧାକର ଦାଶ, ଅନନ୍ତ ଜେନା, ଦେବେନ୍ଦ୍ର ଆନ୍ଦିଆ, ସନ୍ତୋଷ ମହାପାତ୍ର, କୁଳମଣି ବେହେରା, ଜଗନ୍ନାଥ ବେହେରା, ସଞ୍ଜୀବ ମହାନ୍ତି, ତାପସ ରଂଜନ ସାହୁ, ସେକ ହମିଦ, ପ୍ରଶାନ୍ତ ସାହୁ, ଜ୍ଞାନେନ୍ଦ୍ର ସାହୁ, ବିଭୂତି ମଲ୍ଲିକ, ଗୋ ?ରାଙ୍ଗ ଦାଶ, ସୁଦୀପ୍ତ ଖଟୁଆ, ବିଶ୍ୱଜିତ ପଲେଇ, ମାନଗୋବିନ୍ଦ ଜେନା, ସରୋଜ ଦାସ, ସରୋଜ ଖୁଣ୍ଟିଆ, ଦେବାଶିଷ ରଥ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ସାଧାରଣ ସମ୍ପାଦକ ସରୋଜ ସେଠୀ ପ୍ରାରମ୍ଭିକ ସୂଚନା ଦେବା ସହ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ ।





# 'ସ୍ୱର୍ଗତ ଗୁରୁଚରଣ ଦାସ ଥିଲେ ବିଶିଷ୍ଟ ରାଷ୍ଟ୍ରବାଦୀ ନେତା'

କେନ୍ଦ୍ରାପଡା,ନ୍ୟୁଜ୍ ବ୍ୟୁରୋ : ସ୍ୱର୍ଗତଃ ଗୁରୁଚରଣ ଦାସ କେବଳ ସ୍ୱୟଂ ସେବକ ନ ଥିଲେ ବରଂ ଏକାଧାର ରେ ସେ ଜଣେ ରାଷ୍ଟ୍ରବାଦୀ ନେତା, ମିଶାବନ୍ଦୀ, ସୁସଂଗଠକ, ରାଜନେତା, ଦେଶ ଭକ୍ତ, ପ୍ରବୀଣ ସାମ୍ବାଦିକ ଓ ଦରଦୀ ମଣିଷ ଥିଲେ । କେନ୍ଦ୍ରାପଡ଼ା ନୁହେଁ ସମଗ୍ର ଓଡ଼ିଶାରେ ସ୍ୱର୍ଗତ ଦାସ ଅନେକ ସ୍ୱୟଂ ସେବକ ଗଢିଛନ୍ତି । ଆଜି ବି ତାଙ୍କ ନୀତି ଆଦର୍ଶରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ କାର୍ଯ୍ୟକର୍ତ୍ତା କାର୍ଯ୍ୟ କରୁଛନ୍ତି, ତାଙ୍କ ଅନ୍ତେବାସୀମାନରେ ଅମେ ସମସ୍ତେ ତାଙ୍କ ଜନ୍ମଦିବସରେ ଏକାଠି ହୋଇ ପ୍ରତିବର୍ଷ ତାଙ୍କ ସ୍ମୃତି ଦିବସ ପାଳନ କରି କାର୍ଯ୍ୟକର୍ତ୍ତା ମାନଙ୍କୁ ଏକାଠି କରି ପରସ୍ପର ଭାବର ଆଦାନପ୍ରଦାନ କରିବା ହେଲେ ଏହା ସ୍ୱର୍ଗତଃ ଦାସଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସୋମବାର ଚତୁର୍ଦ୍ଦଶ ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ମତ



ବ୍ୟକ୍ତ କରିଛନ୍ତି, ମୁଖ୍ୟ ବକ୍ତାଭାବେ ରାଜ୍ୟ ସମବାୟ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସମନ୍ତ ଯୋଗ ଦେଇ ସ୍ୱର୍ଗତଃ ଗୁରୁଚରଣ ଦାସ ଥିଲେ ପ୍ରଖର ରାଷ୍ଟ୍ରବାଦୀ ନେତା, ସେ ଜନସଂଘର ପ୍ରତିଷ୍ଠାତା ସଦସ୍ୟ ଥିବାବେଳେ ନିଶାବନ୍ଦୀ ଭାବେ ଦୀର୍ଘ ୧୦ମାସ ଜେଲରେ ରହି କାରାବରଣ କରିଥିଲେ, ତାଙ୍କର ନୀତି ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ସେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ, ସମ୍ମାନୀତ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ୍ନ ନାୟକ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ଜୀବନି ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ନାମରେ କରାଯାଇଥିବା ଟ୍ରଷ୍ଟର ବିଭିନ୍ନ ସାମାଜିକ ଓ ସେବା ମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଂଶସା କରିଥିଲେ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ପୂର୍ବତନ ଖାଦ୍ୟ ଯୋଗାଣ ନିଗମ ର ଅଧକ୍ଷ ସୁଦୀପ୍ତ ରାୟ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ରାଷ୍ଟ୍ର ଭକ୍ତି, ଦେଶପ୍ରେମ ସମ୍ପର୍କରେ ମତବ୍ୟକ୍ତ କରିବା ସହ ତାଙ୍କର କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ,ଏହି କାର୍ଯ୍ୟକ୍ରମରେ ଗୁରୁଚରଣ ଦାସ ସ୍ମୃତି କମିଟିର ଅଧକ୍ଷ ବୈଦ୍ୟନାଥ ଚାଟାର୍ଜୀ ସଭାପତିତ୍ୱ କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ, କାର୍ଯ୍ୟକ୍ରମରେ ସେ ସମୟ ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଚାରଧାରାର କାମ କରୁଥିବା ପ୍ରାୟ ୨୩ଜଣ ପ୍ରତିଭାଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ମାନପତ୍ର (ମୋମେଣ୍ଟମ) ଓ ଉପଢୌକନ, ନଡ଼ିଆ ଆଦି ପ୍ରଦାନ କରାଯାଇ ଥିଲା, ରବିନାରାୟଣ ପତି, ଗୀତାଞ୍ଜଳି ସେଠି, ଗୌରୀ ପ୍ରସାଦ ରଥ, ସୁଲେଖ ପ୍ରଧାନ, ଶରତ ଷଡ଼ଙ୍ଗୀ, ଉପିନ ରାଉତ, ସାମ୍ବାଦିକ ଜଗନ୍ନାଥ ଦାସ, ପ୍ରଦୀପ୍ତ ମହାପାତ୍ର, କବିୟତ୍ରୀ ଅନୁସୟା ମିଶ୍ର, ରବି ନାରାୟଣ ପତି,ସର୍ବେଶ୍ୱର ମିଶ୍ର, ଦିପକ ରଥ, ଅନ୍ତର୍ଯ୍ୟାମୀ ବେଜ, ବିଦ୍ୟୁତ କୁମାର ଖୁଣ୍ଟିଆ, ଗୋଲେଖ ଚନ୍ଦ୍ର ବେହେରା କୈଳାସ ଚନ୍ଦ୍ର ଦାସ, ଅର୍ଜୁନ ମଣ୍ଡଳ, ଅଶୋକ କୁମାର ସ୍ୱାଇଁ, ନୃସିଂହ ଚରଣ ପତ୍ରି, ପ୍ରଫୁଲ୍ଲ ଦାସ, ଉମାଶଙ୍କର ଦାସ, ଇଂ ବିଷ୍ଣୁ ଚରଣ ବେହେରା, ସରୋଜ କାନ୍ତ ସାହୁ, ପ୍ରମୁଖ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ, କାର୍ଯ୍ୟକ୍ରମକୁ ସଂଯୋଜକ ଅଭିମନ୍ୟୁ ଗୋଛାୟତ ସଂଯୋଜନା କରିଥିଲେ, ଟ୍ରଷ୍ଟର ସମ୍ପାଦକ ବିରଞ୍ଚି ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ବିଜେପି କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ବିଜେପି ନେତା ସୁନାକାର ବେହେରା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପୂର୍ବର୍ତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, କରୁଣାକର ସାହୁ,ପ୍ରଶାନ୍ତ ସେଠି, ଇଂ ରୁଦ୍ର ନାରାୟଣ ମୁଦୁଲି, ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ, ସିଲୁପ୍ରସାଦ ମହାରଣା, ଇଂ ସୋନୁ ପ୍ରସାଦ ଦଳାଇ, ବନ୍ଦନା ଦାସ, ଝିଲ୍ଲୀ ଦାସ, ବିଘ୍ନେଶ ସେଠି, ଯଶୋବନ୍ତ ପାତ୍ର, ପ୍ରତାପ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିକ୍ରମ ରାଉତରାୟ, ସଚ୍ଚିଦାନନ୍ଦ ବେହେରା ପ୍ରମୁଖଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ନାକ୍ କର୍ମଶାଳା

କେନ୍ଦ୍ରାପଡା,ନ୍ୟୁଜ୍ ବ୍ୟୁରୋ: କେନ୍ଦ୍ରାପଡା ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାର ଆଭ୍ୟନ୍ତରୀଣ ଗୁଣବତା ନିର୍ଦ୍ଧାରଣ କୋଷ (ଆଇ.କ୍ୟୁ.ଏ.ସି) ପକ୍ଷରୁ 'ଅନୁବନ୍ଧିତ ମହାବିଦ୍ୟାଳୟ ପାଇଁ ନାକ୍ ବାଇନାରୀ ମାନ୍ୟତା' ଶୀର୍ଷକକୁ ନେଇ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥରେ ମହାବିଦ୍ୟାଳୟର ଅଧକ୍ଷ ଡ଼ ମଥୁରି ଚରଣ ନାୟକ ପୌରୋହିତ୍ୟ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଇ.କ୍ୟୁ.ଏ.ସିର ସଂଯୋଜିକା ଡ଼ ଏରିକା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଏନ୍. ଆଇ.ଟି.ଟି.ଟି.ଆର୍, କଲିକତାର ପ୍ରାଧ୍ୟାପକ ଡ଼ ଆର୍.ସୁବାରାଓ ବିଷୟ ବିଶେଷଜ୍ଞ ଭଠବେ ଯୋଗଦେଇ ଅନୁବନ୍ଧିତ ମହାବିଦ୍ୟାଳୟ ପାଇଁ ନାକ୍ ବାଇନାରୀ ମାନ୍ୟତା ସମ୍ପର୍କିର୍ତ ତଥ୍ୟ ଓ ମନ୍ତବ୍ୟ ପ୍ରଦାନ କରିଥିଲେ । ଏନ୍. ଆଇ.ଟି.ଟି.ଟି.ଆର୍, ଭୁବନେଶ୍ୱରର ପ୍ରାଧ୍ୟାପକ ଉତ୍କଳ ରଞ୍ଜନ ଦାସ ନାକ୍ ମାନ୍ୟତାର ଗୁରୁତ୍ୱ ସମ୍ପର୍କର ମତବ୍ୟକ୍ତ କରିଥିଲେ । ଏହି କର୍ମଶାଳାରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ପ୍ରତିନିଧିମାନେ ଯୋଗଦେଇଥିବା ବେଳେ ଉଦ୍‌ଯାପନୀ ପର୍ବରେ ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ପ୍ରମାଣ ପତ୍ର ବିତରଣ କରାଯାଇଥିଲା । ଶେଷେର ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ସବିତା ଦାସ ଧନ୍ୟବାଦ ଅପର୍ଣ କରିଥିଲେ । ଅଧ୍ୟାପକ ଡ଼ ଶକ୍ତିଶେଖର ଦାଶ କାର୍ଯ୍ୟକ୍ରମର ସଂଯୋଜନା କରିଥିଲା ବେଳେ ପ୍ରାଧ୍ୟାପକ ତପନ କୁମାର ଦାସ, ଡ଼ ଆଶୁତୋଷ ରାଉତ ତଥା ଆଇ.କ୍ୟୁ.ଏ.ସି ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଦେଢବର୍ଷରେ ଲାଞ୍ଚ ନେଇ ଧରାପଡିଛନ୍ତି ୨୦ ପୋଲିସ

ଭୁବନେଶ୍ୱର,ନ୍ୟୁଜ୍ ବ୍ୟୁରୋ : ଦେଢ ବର୍ଷ ମଧରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ୨୦ଜଣ ପୋଲିସ ଅଧିକାରୀ/କର୍ମଚାରୀ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ସେହିପରି ଦେଢ଼ ମଧରେ, ୨୭୧ ଜଣ ସରକାରୀ ଅଧିକାରୀ/କର୍ମଚାରୀଙ୍କୁ ବିଭିନ୍ନ ମକଦ୍ଦମାରେ ଗିର' କରାଯାଇଛି । ୧୭୪ ଜଣ ସରକାରୀ ଅଧିକାରୀ/କର୍ମଚାରୀ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି । ୩୩ ଜଣ ସରକାରୀ ଅଧିକାରୀ/କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି । ୬୫ଜଣ ସରକାରୀ ଅଧିକାରୀ/କର୍ମଚାରୀଙ୍କ ପେନସନ ବନ୍ଦ କରିଦିଆଯାଇଛି । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।



# ‘ବିଜ୍ଞାନ ମେଳା ଶିଶୁମାନଙ୍କ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ କରେ’



କେନ୍ଦୁଝର,ନ୍ୟୁଜ ବ୍ୟୁରୋ : ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫-୨୬ ସ୍ଥାନୀୟ ପି.ଏମ. ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ,କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୁନି ବୈଜ୍ଞାନିକ ମାନଙ୍କୁ ଅଭିନବ ଚିନ୍ତାଧାରାରେ ପରିବେଶ ଉପଯୋଗୀ ବିଜ୍ଞାନ ପ୍ରକଳ୍ପ ଗୁଡିକୁ ପ୍ରସ୍ତୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ,କେନ୍ଦୁଝରର ଅଧକ୍ଷା କଲ୍ୟାଣୀ ମାଝୀ ଉପସ୍ଥିତ ରହି ନିଜର ବକ୍ତବ୍ୟ ଛଳରେ ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ଶିଶୁ ମାନଙ୍କ ଠାରେ ନୂତନ ବୈଜ୍ଞାନିକ ଚିନ୍ତାଧାରାର ଅଭ୍ୟୁଦୟ ଘଟିଥାଏ ବୋଲି ପ୍ରକାଶ କରିଥିଲେ ଓ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ର ନାରାୟଣ ସାମଲ ଓ ମଣ୍ଡଳ ଶିକ୍ଷାଧିକାରୀ, ପାଟଣାର ପୂର୍ଣ୍ଣଚନ୍ଦ୍ର ଅମାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ବିଜ୍ଞାନ ପ୍ରଦର୍ଶନୀର ବିବରଣୀ ପ୍ରଦାନ କରିଥିବା ବେଳେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ, କେନ୍ଦୁଝର ସଦରର କପିଳ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ । ମଣ୍ଡଳ ଶିକ୍ଷାଧିକାରୀ, ଘଟଗାଁ ତଥା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରର ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟ ନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀର ମୁଖ୍ୟ ବିଷୟ ବସ୍ତୁ : ‘ବିଜ୍ଞାନ, ପ୍ରଯୁକ୍ତି, ଯାନ୍ତ୍ରିକ ବିଜ୍ଞାନ ଓ ଗଣିତ ମାଧ୍ୟମ ରେ ଭାରତକୁ ଉନ୍ନତ ଓ ସ୍ୱାବଲମ୍ବୀ କରିବା’ ଏବଂ ଉପରୋକ୍ତ ମୁଖ୍ୟ ବିଷୟ ବସ୍ତୁ ଆଧାରିତ ୭ଟି (ସାତ) ଉପମୁଖ୍ୟ ବିଷୟବସ୍ତୁରେ ସମୁଦାୟ ୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ତନ୍ମଧ୍ୟରୁ ପ୍ରତି ଉପ ବିଷୟ ବସ୍ତୁରୁ ସର୍ବୋତ୍କୃଷ୍ଟ ୭ଟି ପ୍ରକଳ୍ପ ରାଜ୍ୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ କେନ୍ଦୁଝର ଜିଲ୍ଲା ତରଫରୁ ଅଂଶ ଗ୍ରହଣ କରିବେ। ଉଦଯାପନୀ ସମାରୋହରେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ପ୍ରତିଭା ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ସର୍ବଶେଷରେ କୃତି ବୈଜ୍ଞାନିକ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଉପ ବିଷୟବସ୍ତୁ ମଧ୍ୟରୁ ଧାରଣକ୍ଷମ କୃଷିରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଟୁଙ୍ଗୁରୁର୍ଦ୍ଧିର ରାନୀ ପ୍ରଧାନ,ଆବର୍ଜନା ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୋମଲ ମହାନ୍ତି, ସବୁଜଶକ୍ତିରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ବି.ଯଶସ୍ୱୀ ପ୍ରୀତମ, ଆମୋଦଦାୟକ ଗାଣିତିକ ପ୍ରକଳ୍ପରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ଆଦ୍ୟସ୍ରଷ୍ଟା ପଟ୍ଟନାୟକ, ବିକାଶଶୀଳ ପ୍ରଯୁକ୍ତି ବିଦ୍ୟାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ଦେବାଞ୍ଜନ ଘଡେଇ, ସ୍ୱାସ୍ଥ୍ୟ ଓ ପରିଛନ୍ନତାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ସୁଆଁପଦାର ଅନୁସୂୟା ପୃଷ୍ଟି, ଜଳ ସଂରକ୍ଷଣ ଓ ପରିଚାଳନାରେ ଆଶାଦେବୀ ଉଚ୍ଚ ବିଦ୍ୟାଳୟ, ଜମ୍ବୀରା, ହାଟଡିହିର ଲିପ୍ସାରାଣୀ ରାଉତ ପ୍ରଭୃତି ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛନ୍ତି । ଏହି ଅବସରରେ ୨୦୨୪-୨୫ ଶିକ୍ଷା ବର୍ଷର ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ଭୋପାଳ ଠାରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ପ୍ରଦର୍ଶନୀରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୁନି ବୈଜ୍ଞାନିକ ଦେବସ୍ମିତା ରାଉତ ଓ ମାର୍ଗଦର୍ଶୀ ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କୁ ଜିଲ୍ଲା ତରଫରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ବିଜ୍ଞାନ ପ୍ରକଳ୍ପ ବିଚାରକ ଭାବେ ଯୋଗେଶ୍ୱର ପତି, ପ୍ରାକ୍ତନ ଅଧ୍ୟାପକ, ପଦାର୍ଥ ବିଜ୍ଞାନ, କୁଳମଣି ପ୍ରଧାନ, ଅଧକ୍ଷ ପି.ଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟିକେଶ୍ୱର ବାରିକ, ଅଧ୍ୟାପକ, ଜଗବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ ହରିଚନ୍ଦନପୁର ଓ ସନତ କୁମାର ଦାସ, ଅଧ୍ୟାପକ,ଉଦ୍ଭିଦ ବିଜ୍ଞାନ, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମପୁର ଯୋଗ ଦେଇଥିଲେ ।

# ସାମ୍ବାଦିକ ଅଶୋକ କୁମାର ବାଗଙ୍କୁ ବାବା ସାହେବ ଆମ୍ବେଦକର ଜାତୀୟ ଫେଲୋସିପ ଆୱାର୍ଡ



ପାଟଣାଗଡ,ନ୍ୟୁଜ ବ୍ୟୁରୋ : ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ପକ୍ଷରୁ ଦିଲ୍ଲୀଠାରେ ଆୟୋଜିତ ହୋଇଥିବା ଜାତୀୟ ସମ୍ମିଳନୀରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଅଞ୍ଚଳର ସାମାଜିକ କର୍ମୀ ତଥା ସାମ୍ବାଦିକ ଅଶୋକ କୁମାର ବାଗଙ୍କୁ “ବାବା ସାହେବ ଡ଼. ବି.ଆର. ଆମ୍ବେଦକର ଜାତୀୟ ଫେଲୋସିପ ଆୱାର୍ଡ” ରେ ସମ୍ମାନିତ କରାଯାଇଛି। ସମାଜ ସେବା, ମାନବିକ ଚିନ୍ତାଧାରା ଓ ଦଳିତ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ଅବଦାନକୁ ସମ୍ମାନ ଜଣାଇ ଏହି ଜାତୀୟ ସ୍ତରର ଫେଲୋସିପ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଭାରତୀୟ ଦଳିତ ସାହିତ୍ୟ ଏକାଡେମୀର ଜାତୀୟ ସଭାପତି ଡ଼. ଏସ.ପି. ସୁମନକ୍ଷରଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ଼. ସତ୍ୟନାରାୟଣ ଜଟିଆ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଏବଂ ପୂର୍ବତନ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ସଂଘପ୍ରିୟ ଗୌତମ ମଞ୍ଚାସିନ ଥିଲେ। ଏହି ଜାତୀୟ ସମ୍ମିଳନୀରେ ଭାରତର ସମସ୍ତ ରାଜ୍ୟର ସଭାପତି, ଉପସଭାପତି, ସେକ୍ରେଟାରୀ ସହ ବହୁ ସଦସ୍ୟ ଉପସ୍ଥିତଥିଲେ। ଓଡ଼ିଶା ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ର ସଭାପତି ନିହାଲ ସିଂ ଓ ଜାତୀୟ ସେକ୍ରେଟାରୀ ତଥା ଆଇନଜିବୀ ଦୀପକ ରଞ୍ଜନ ବାଗ ଉପସ୍ଥିତ ଥିବା ଜଣାଯାଇଛି।

# ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗରେ ଓୟୁଜେର ଶୋକ

ସମ୍ବଲପୁର,ନ୍ୟୁଜ ବ୍ୟୁରୋ : ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ଅକାଳ ବିୟୋଗ ରେ ଆଜି ଓୟୁଜେ ରେଙ୍ଗାଲିବ୍ଲକ ୟୁନିଟ୍ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇ ସ୍ୱର୍ଗତ ମହାନନ୍ଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ମହାନନ୍ଦଙ୍କ ଫଟୋଚିତ୍ରରେ ଧୂପଦୀପ ପ୍ରଜ୍ୱଳନ କରାଯାଇ ଅମର ଆତ୍ମାର ଶାନ୍ତି ଓ ସଦ୍ ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମହାନନ୍ଦଙ୍କ ପରିବାରକୁ ସରକାର ଶୀଘ୍ର ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କର ସନ୍ତାନସନ୍ତତିଙ୍କ ପାଠପଢା ଦାୟିତ୍ୱ ସରକାର ବହନ କରି ତାଙ୍କର ଧର୍ମପତ୍ନୀଙ୍କୁ ଥଇଥାନ ବ୍ୟବସ୍ଥା କରାଯିବାକୁ ସଭାରେ ଦାବୀ କରାଯାଇଛି। ଏହାବ୍ୟତୀତ ସ୍ୱର୍ଗତ ମହାନନ୍ଦଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇ ନାହିଁ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଇ କରିଥିବା ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରାଯାଇଛି। ସଂଘର ବରିଷ୍ଠ ସଦସ୍ଯ ହରିହର ନାଥଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାକୁ ବରିଷ୍ଠ ସାମ୍ବାଦିକ ଦୁର୍ଗାଶଙ୍କର ବାଗ ସଂଯୋଜନା କରିଥିଲେ।ବ୍ଲକ ୟୁନିଟର ସଭାପତି ମନୋଜ ମୁଦୁଲି, ସମ୍ପାଦକ ହିମାଂଶୁ ଦାସ ଓୟୁଜେ ଜିଲ୍ଲା ଉପ- ସଭାପତି ଦିନେଶ ମାହାଣା, କୋଷାଧ୍ୟକ୍ଷ ହେମନ୍ତ କୁମାର ରାଉତ, ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ସଂଯୋଜକ ଅନ୍ତର୍ଯାମୀ ପାଣି, ବରିଷ୍ଠ ସମାଜସେବୀ ଶଶିଭୂଷଣ ସାହୁ, ଦୟାସଗର ଧର,ବସନ୍ତ ରଣା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମହାନନ୍ଦଙ୍କ ବ୍ୟକ୍ତିତ୍ୱ ଓ ସାମ୍ବାଦିକତାର ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷ ରେ ବ୍ଲକ ୟୁନିଟ୍‌ର କୋଷାଧ୍ୟକ୍ଷ ସୁନିଲ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।



# ବରଗଡରେ ରାଷ୍ଟ୍ରୀୟ ଲୋକ ଅଦାଲତ: ୨୬,୭୯,୫୯୯ ଟଙ୍କା ଆଦାୟ




ବରଗଡ଼,ନ୍ୟୁଜ ବ୍ୟୁରୋ : ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ, ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଅନୁପ କୁମାର ଚନ୍ଦନ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସମାଧାନ କରାଯାଇଥିଲା । ଉକ୍ତ ଲୋକ ଅଦାଲତ ରେ ୩,୫୧୬ ଗୋଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୧୨,୫୨୪ ଗୋଟି ବିଚାରଧିନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବିଭିନ୍ନ ବ୍ୟାଙ୍କ, ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା । ଉକ୍ତ ମକଦ୍ଦମା ମାନଙ୍କ ମଧ୍ୟରୁ ୭୪ ଗୋଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୯,୨୭୭ ଗୋଟି ବିଚାରଧିନ ମୋକଦ୍ଦମା ମାମଲା ର ବିଚାର ହୋଇ ପ୍ରାକ୍ ମାମଲା ବାବଦକୁ ୨୪,୬୨,୫୨୯/- ଟଙ୍କା ଏବଂ ବିଚାରଧିନ ମାମଲା ବାବଦକୁ ୨,୧୭,୧୫,୦୭୦/-ଟଙ୍କା ଆଦାୟ ହୋଇଥିଲା । ଉକ୍ତ ଲୋକ ଅଦାଲତକୁ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅନୁପ କୁମାର ଚନ୍ଦନ୍ ଏବଂ ସଚିବ ବିଭୂତି ଭୁଷଣ ନାୟକଙ୍କ ପରିଚାଳନା କରିଥିଲେ। ପାରିବାରିକ ଅଦାଲତର ବିଚାରପତି ମାନସ ରଞ୍ଜନ ରଥ, ଅତିରିକ୍ତ ଜିଲ୍ଲା ବିଚାରପତି ପ୍ରିୟ ରଞ୍ଜନ ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ପୁନମ ଜେନା, ବରିଷ୍ଠ ଦେବାନୀ ବିଚାରପତି ସୁଚରିତା ମହାନ୍ତି, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ) ପ୍ରଜ୍ଞା ପୂଜାପ୍ରଦା, ବରିଷ୍ଠ ଦେବାନୀ ବିଚାରପତି ବର୍ଷା ଶର୍ମା, ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଶ୍ରାଷ୍ଟି ସାମନ୍ତ, ଦେବାନୀ ବିଚାରପତି ସଂଗ୍ରାମ କୁମାର ମିଶ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଚନ୍ଦନ ଦେହୁରୀ ବିଭିନ୍ନ ଅଦାଲତଗୁଡିକୁ ପରିଚାଳନା କରିଥିଲେ । ପ୍ରାଧିକରଣ ଅର୍ନ୍ତଭୁକ୍ତ ଆଇନ୍‌ଜୀବୀ, ଜିଲ୍ଲା ଓକିଲ ସଂଘର ଆଇନ୍‌ଜୀବୀ, ପୋଲିସ ଅଧିକାରୀମାନେ, ଆଇନସେବା ପ୍ରାଧିକରଣ ଓ ସିଭିଲ କୋର୍ଟର କର୍ମଚାରୀମାନେ ଲୋକ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ ।

# ବାଇକ୍‌କୁ ଧକ୍କା ଦେଲା ବସ୍ : ଯୁବକ ମୃତ

କଟକ,ନ୍ୟୁଜ ବ୍ୟୁରୋ : ଘରୋଇ କଲେଜ ବସ୍ ଧକ୍କାରେ ଚାଲିଗଲା ଯୁବକଙ୍କ ଜୀବନ । କଟକ ସିଡିଏ ବୀରେନ ମିତ୍ର ପାର୍କ ନିକଟରେ ନଦୀ ବନ୍ଧ ରାସ୍ତାରେ ଘଟିଛି ଏଭଳି ମର୍ମନ୍ତୁଦ ଦୁର୍ଘଟଣା । ଯୁବକ ଜଣଙ୍କ ନରାଜ ପଟୁ ବାଇକ୍ ?ରେ ଯାଉଥିବା ବେଳେ ଧକ୍କା ଦେଇଥିଲା କଲେଜ ବସ୍ । ଘଟଣାସ୍ଥଳରେ ମର୍କତ ନଗର ଥାନା ପୋଲିସ ପହଞ୍ଚି ମୃତଦେହକୁ ଏସସିବି ମେଡିକାଲକୁ ପଠାଇଛି । ଅନ୍ୟପଟେ ଯୁବକଙ୍କ ପରିଚୟ ମିଳିପାରି ନଥିବା ବେଳେ ଉଭୟ ବାଇକ୍ ଓ ବସ୍‌କୁ ଜବତ କରିଛି ପୋଲିସ ।

# ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେଉ




ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ : ଜିଲ୍ଲା ଆଇନ ସେବା ପ୍ରାଧିକରଣ ବିଭାଗ ସୋନପୁର ତରଫରୁ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦିବସ ଅଙ୍ଗନୱାଡ଼ି କେନ୍ଦ୍ର ରୁଗୁଡ଼ିପାଲି ସୁବର୍ଣ୍ଣପୁର ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଅଛି। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଓ ସହକାରୀ ଶିକ୍ଷକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗୁଡ଼ିପାଲି ଦୋଳଗୋବିନ୍ଦ ପଣ୍ଡା ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି ଆଜିକାର ଦିବସ ର ସ୍ୱାସ୍ଥ୍ୟ ବାର୍ତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ। ସୁଲଭ, ଗୁଣାତ୍ମକ ସ୍ୱାସ୍ଥ୍ୟ ତଥା ସମସ୍ତଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଏବଂ ଆଇନ ସମ୍ମତ ଉପରେ ସଚେତନତା ବାର୍ତ୍ତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆମେ ସମସ୍ତେ ମିଶି ଏକ ସୁସ୍ଥ ସୁନ୍ଦର ସମାଜ ଗଠନରେ ସହାୟକ ହୋଇପାରିବା ଉପରେ ଆଲୋକପାତ କରି ଥିଲେ । ଉକ୍ତ ସଭାରେ ରୁଗୁଡିପାଲି ଗ୍ରାମର ଜନସାଧାରଣ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ । କେଶବ ଗୁରୁ, ଅଙ୍ଗନୱାଡି କର୍ମୀ ଜ୍ୟୋତିଶ୍ରୀ ବେହୁରା ଓ ପ୍ରମିଳା ବାଗ ତଥା ସ୍ୱେଚ୍ଛାସେବୀ ସବୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଗୀତାଞ୍ଜଳି ରଣା ଅଙ୍ଗନ୍ୱାଡ଼ି କର୍ମୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପୋଷ୍ଟର ଓ ଲିଫଲେଟ ପ୍ରଦର୍ଶନ କରାଯାଇ ସମସ୍ତଙ୍କୁ ସଚେତନ ପାଇଁ ବଣ୍ଟନ କରାଯାଇଥିଲା।

# ଏମକେସିଜି : ଅବ୍ୟବସ୍ଥା ଘେରରେ ଶିଶୁଙ୍କ ଏନ୍‌ବିଏସ୍ ପରୀକ୍ଷା



ବ୍ରହ୍ମପୁ. ନ୍ୟୁଜ ବ୍ୟୁରୋ : ଗତବର୍ଷ ଏମ୍‌କେସିଜି ମେଡ଼ିକାଲ୍ ବାୟୋକେମିଷ୍ଟ୍ରି ବିଭାଗ ପକ୍ଷରୁ ନବଜାତ ଶିଶୁଙ୍କ ସକାଶେ ନ୍ୟୁବର୍ଣ୍ଣ ସ୍କ୍ରିନିଂ ରକ୍ତ ପରୀକ୍ଷା ଆରମ୍ଭ କରାଯାଇଥିଲା । ଏହି ପରୀକ୍ଷା ଦ୍ୱାରା ନବଜାତ ଶିଶୁଙ୍କ ଥାଇରଏଡ୍‌ତ ରୋଗ ଚିହ୍ନଟ କରାଯାଇଥାଏ । ପ୍ରସବ ପରେ ନବଜାତ ଶିଶୁର ଏନ୍‌ବିଏସ୍ ରକ୍ତ ପରୀକ୍ଷା କରିବାକୁ ମେଡ଼ିକାଲ୍ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଥିଲା । ଯଦି ନବଜାତକଙ୍କ କ୍ଷେତ୍ରରେ ଥାଇରଏଡ୍ ରୋଗ ଚିହ୍ନଟ ହୁଏ, ତେବେ ଶିଶୁଙ୍କ ଚିକିତ୍ସା ସଠିକ୍ ସମୟରେ କରିବା ସହ ବିଭିନ୍ନ ରୋଗକୁ ମୁକ୍ତ କରିବାକୁ ଏହି ପରୀକ୍ଷା ବେଶ ସହାୟକ ହୋଇଥାଏ । କିନ୍ତୁ ମେଡ଼ିକାଲ୍‌ରେ ଏନ୍‌ବିଏସ୍ ରକ୍ତ ପରୀକ୍ଷା ବ୍ୟବସ୍ଥା ଏକ ବର୍ଷରୁ ଅଧିକ କାଳ ଧରି ଆରମ୍ଭ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଲ୍ୟାବ୍‌ରେ ଜଣେ ମଧ ଟେକ୍ନିସିଆନ୍ ?ଙ୍କୁ ନିଯୁକ୍ତି ଦିଆଯାଇନାହିଁ । ଫଳରେ ନବଜାତଙ୍କ ରକ୍ତ ନମୁନା ସଂଗ୍ରହ କରିବା ଅସମ୍ଭବ ହୋଇପଡ଼ିଛି । ସମସ୍ୟା ସମ୍ପର୍କରେ ବିଭାଗୀୟ ମୁଖ୍ୟ ବାରମ୍ବାର ଏମ୍‌କେସିଜି ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହେଉନାହିଁ । ଫଳରେ ମେଡ଼ିକାଲ୍ ?ରେ ପ୍ରସବ କରିଥିବା ସମସ୍ତ ଥାଇରଏଡ୍ ରୋଗୀଙ୍କ ନବଜାତ ଶିଶୁଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରିବାକୁ ସମସ୍ୟା ଉପୁଜିଛି । ଶିଶୁ ଜନ୍ମର ୪୮ରୁ ୭୨ ଘଂଟା ମଧ୍ୟରେ ରକ୍ତ ନମୁନା ସଂଗ୍ରହ କରି ଏନ୍ ?ବିଏସ୍ ପରୀକ୍ଷା କରିବା ଜରୁରୀ । ଲ୍ୟାବ୍ ଟେକ୍ନିସିଆନ୍ ନଥିବାରୁ ବିଭିନ୍ନ ସମୟରେ ବିଭାଗୀୟ ଡ଼ାକ୍ତର ନବଜାତଙ୍କ ନମୁନା ସଂଗ୍ରହ କରୁଥିବା ବେଳେ ଆବଶ୍ୟକ ସଂଖ୍ୟକ ଏନ୍‌ବିଏସ୍ ରକ୍ତ ପରୀକ୍ଷା ହେଉନଥିବା ଅଭିଯୋଗ ହୋଇଛି । ମେଡ଼ିକାଲ୍‌ର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ଅଧୀନରେ ଥିବା ଲେବର ରୁମ୍‌ରେ ପ୍ରତ୍ୟହ ଶତାଧିକ ଶିଶୁ ଜନ୍ମ ଗ୍ରହଣ କରିଥାନ୍ତି । ସେଥି ମଧ୍ୟରୁ କିଛି ନବଜାତ ଶିଶୁଙ୍କ ଜନ୍ମ ବେଳେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଶିଶୁଟି ଜନ୍ମମ ସମୟରେ ନ କାନ୍ଦିବା, ସଠିକ୍ ଭାବରେ ନ ଖାଇବା ଓ ଗୋଡ଼ହାତ ନ ହଲେଇବା ଆଦି ବିଭିନ୍ନ ସମସ୍ୟା ଦେଖାଦେଇଥାଏ । ଗର୍ଭଧାରଣ ସମୟରେ ମା” ଙ୍କ ଶରୀରରେ ଯଦି ଥାଇରଏଡ୍ ରୋଗ ଥାଏ ତେବେ ସେଥିରୁ ଅଧିକାଂଶ ନବଜାତ ଶିଶୁଙ୍କ କ୍ଷେତ୍ରରେ ଏଭଳି ଲକ୍ଷ୍ୟଣ ଦେଖିବାକୁ ମିଳିଥାଏ । ଏହାକୁ ଯଦି ଅଣଦେଖା କରାଯାଏ ତେବେ ଶିଶୁଟିର ମସ୍ତିଷ୍କ ସମେତ ଶରୀରର ବିକାଶରେ ପ୍ରଭାବ ପଡ଼ିଥାଏ । ପରବର୍ତୀ ସମୟରେ ଉକ୍ତ ଶିଶୁଟି ପରିବାର ଓ ସମାଜ ପାଇଁ ଏକ ପ୍ରକାର ବୋଝ ହୋଇଯାଏ । ଏଭଳି ଶିଶୁଙ୍କ ନ୍ୟୁବର୍ଣ୍ଣ ସ୍କ୍ରିନିଂ ପରୀକ୍ଷା ନିମନ୍ତେ ଗତବର୍ଷ ଅଗଷ୍ଟ ୮ ତାରିଖ ଠାରୁ ମେଡ଼ିକାଲ୍‌ରେ ଆରମ୍ଭ ହୋଇଥିଲା ପରୀକ୍ଷା ବ୍ୟବସ୍ଥା । ରାଜ୍ୟର ମେଡ଼ିକାଲ୍ କଲେଜଗୁଡ଼ିକ ମଧ୍ୟରେ କଟକସ୍ଥିତ ଏସ୍‌ସିବି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ପ୍ରଥମେ ଏହି ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଦ୍ୱିତୀୟରେ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ କରାଯାଇଥିଲା । ଏନ୍‌ବିଏସ୍ ପରୀକ୍ଷାରେ ଶିଶୁଙ୍କ ରକ୍ତ ନମୁନାରେ ଯଦି ପଜିଟିଭ୍ ଚିହ୍ନଟ ହୁଏ ତେବେ ଉକ୍ତ ଶିଶୁମାନେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଅତିକମ୍‌ରେ ୩ ମାସ ଔଷଧ ସେବନ କରି ସୁସ୍ଥ ହୋଇଥାଆନ୍ତି । କିନ୍ତୁ ନବଜାତ ଶିଶୁଙ୍କ ଏନ୍‌ବିଏସ୍ ରକ୍ତ ପରୀକ୍ଷା କ୍ଷେତ୍ରରେ ମେଡ଼ିକାଲ୍ ପକ୍ଷରୁ ହୋଇଥିବା ଅବ୍ୟବସ୍ଥା କାରଣରୁ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ ଧିମା ପଡ଼ିଯାଇଛି । ଫଳରେ ନବଜାତମାନେ ବିଭିନ୍ନ ସମସ୍ୟା ନେଇ ନିକଟରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ବିଧାନସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ । ଖୁବ୍ ଶୀଘ୍ର ଏକ ଲ୍ୟାବ୍ ଟେକ୍ନିସିଆନ୍‌ଙ୍କୁ ନିଯୁକ୍ତି ଦେବା ସହ ଆବଶ୍ୟକ ମୁତାବକ ଏନ୍‌ବିଏସ୍ ରକ୍ତ ପରୀକ୍ଷା କରିବାକୁ ବିଧାୟକ ଦାବି କରିଥିଲେ ।

# କେନ୍ଦ୍ରାପଡାରେ ରାଷ୍ଟ୍ରୀୟ ଅଦାଲତ : ୪୩୨୯ ମାମଲା ପଞ୍ଜିକୃତ




କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ : କେନ୍ଦ୍ରାପଡା ଜିଲ୍ଲା ଆଇନେସବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୩୨୯ଟି ମାମଲା ପଞ୍ଜିକରଣ ହୋଇଥିବା ବେଳେ ୩୨୦୮ ମାମଲା ଫଏସଲା ହୋଇ ୨ କୋଟି ୨୧ ଲକ୍ଷ ୧୨ ହଜାର ୭୦୬ ଟଙ୍କା ଆଦାୟ କରାଯାଇଛି। ଏଥିରେ ବିଦ୍ୟୁତ୍, ଜଳ ବିଲ ପୈଠ, ସାଲିଜ ବିହିନ, ଜମି ଅଧିଗ୍ରହଣ, ରାଜସ୍ୱ ମାମଲା, ବ୍ୟାଙ୍କ ଋଣ, ଚେକ ବାଉନ୍ସ, ଫୌଜଦାରୀ ଆଦି ମାମଲା ଗୁଡିକ ରହିଛି। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନେସବା ପ୍ରାଧିକରଣ ଅଧ୍ୟକ୍ଷା ଲୁନା ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାଧିକରଣ ଅଧକ୍ଷ ସନ୍ତୋଷ କୁମାର ମହାପାତ୍ର ଓ କୋର୍ଟର୍ର ସମସ୍ତ ବିଚାରପତି ସହଯୋଗ କରିଥିଲେ ।

# ବାଇକ୍ ଦୁର୍ଘଟଣା : ଶିଶୁ ମୃତ, ବାପା ଓ ମା’ଗୁରୁତର

ଉମରକୋଟ,ନ୍ୟୁଜ ବ୍ୟୁରୋ : ଉମରକୋଟଥାନା ବେହେଡା ଗାଁ ନିକଟରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଶିଶୁ (୧୨ ମାସ)ର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଶିଶୁର ବାପା ଓ ମା’ ଗୁରୁତର ହୋଇଛନ୍ତି। ମୃତକ ହେଲା ମହାରାଷ୍ଟ୍ର ରାଜ୍ୟ କେଦାମଡି ଗାଁର ପ୍ରୀତି ଚୌହାନ। ଆହତମାନେ ହେଲେ ମୃତାର ବାପା କରମଲାଲ ଚୌହାନ(୩୫) ଓ ମା’ ରେଶମା ଚୌହାନ(୨୨) । ଏକ ବାଇକ୍ ?ରେ ଏହି ୩ଜଣ ରାଇଘର ବ୍ଲକ ଯୋଡେଙ୍ଗାରୁ ଉମରକୋଟ ବ୍ଲକ ବିରିସାଡି ଗାଁକୁ ଆସୁଥିଲେ। ସେହି ସମୟରେ ବେହେଡା ଗାଁ ନିକଟରେ ସାମ୍ନାପଟୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ସମସ୍ତେ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ନିକଟ ଗ୍ରାମବାସୀ ମୃତାହତଙ୍କୁ ଉଦ୍ଧାର କରି ଏକ ଗାଡ଼ିରେ ଉମରକୋଟ ମେଡ଼ିକାଲରେ ଭର୍ତ୍ତି କରାଇଥିଲେ । ଡାକ୍ତରଖାନାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ରେଶମାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ଥିବା ପୁଲିସ କହିଛି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୫।୧୨।୨୦୨୫, ମାର୍ଗଶିର ଦି୩୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୧୩।୩୫** **ଚନ୍ଦ୍ରୋଦୟ-ରାଘ୨।୫୪।୧୦**

**ଏକାଦଶୀ-** ରାଘ୯।୨୦ପର୍ଯ୍ୟନ୍ତ । **ଚିତ୍ରାନକ୍ଷତ୍ର-** ଦିଘ ୧୧।୦୯ ପର୍ଯ୍ୟନ୍ତ **ତୁଳାଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-**ମେଷ,ବୃଷ, କର୍କଟ,ସିଂହ, ତୁଳା, ବିଛା,ଧନୁ ଓ ମକର ରାଶିର। **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ୯।୨୦ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୭ ଗତେ ଘ ୭।୩୮ ମଧ୍ୟେ । ଦିଘ ୯।୧୦ ଗତେ ଘ ୧୧।୨୦ ମଧ୍ୟେ । **ପର୍ବୋତ୍ସବ-**ସଫଳା ଏକାଦଶୀ,ମାସାନ୍ତ,ସର୍ଦ୍ଦାର ପଟେଲଙ୍କ ତିରୋଧାନ ଦିବସ ।



**ମେଷ:** ଆଜି ବାକିଥିବା କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ବନ୍ଧୁ ଦର୍ଶନ ଲାଭ ସହିତ ସହଯୋଗ ପ୍ରାପ୍ତ ହେବ । ଅନ୍ୟମନସ୍କ ରହିବେ । ଯାନ୍ତ୍ରିକ ଶିଳ୍ପ ନିମନ୍ତେ ଆଲୋଚନା କରିପାରନ୍ତି । ଗୃହେ ଶାନ୍ତି ଲାଭ ।



**ବୃଷ:** ମନରେ ବିରକ୍ତି ପ୍ରକାଶ ପାଇବ । ବାକ୍ୟରେ ସଂଯମତା ରହିବ ନାହିଁ । ଘରେ ଓ ବାହାରେ ସବୁଠି ଶତ୍ରୁ ଲାଗି ରହିବ । ସାବଧାନତା ଅବଲମ୍ବନ ନକଲେ ଠକାମିର ଶିକାର ହେବେ । ଘରେ ଆନନ୍ଦ ଲାଗି ରହିବ ।



**ମିଥୁନ:** କୌଣସି ଗୁରୁ ଦାୟିତ୍ୱ ବହନ କରି ବ୍ୟସ୍ତ ରହିବେ । ପାରସ୍ପରିକ ପରାମର୍ଶ କ୍ରମେ ଉନ୍ନତିର ଆଶା ଉଜ୍ଜଳ ହେବ । ରୋଜଗାରରେ ଶିଥିଳତା ଆସିବ । ପାରିବାରିକ ଜଞ୍ଜାଳ ବଢିବାର ସୂଚନା ।



**କର୍କଟ:** ଶାରୀରିକ ଅସୁସ୍ଥତା । ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ଉଦାସ ରହିବେ । ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି । ଲୋକ ସମ୍ପର୍କ ବଢିବ । ଠକାମୀର ଶିକାର ହୋଇପାରନ୍ତି । ସାଧାରଣ କଥାକୁ କେନ୍ଦ୍ର କରି ଗୃହେ କଳହ ।



**ସିଂହ:** ମାନସିକ ଦ୍ୱନ୍ଦର ଅବସାନ ଘଟିବ । ପାରିବାରିକ ସମସ୍ୟାର ସମାଧାନ ହେବ । ଆଜିର ଯାତ୍ରାରେ ଅଭିକ୍ଷଳିତ ଫଳ ମିଳିବ । ଆୟର ପରିମାଣ ବଢିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**କନ୍ୟା:** ରୋଜଗାରରେ ବାଧା ଉପୁଜିବ । କର୍ମକ୍ଷେତ୍ରରେ ପ୍ରତାରିତ ହୋଇପାରନ୍ତି । ପାରିବାରିକ ଶାନ୍ତି ଅନୁଭବ କରିବେ । ବନ୍ଧୁ ସହଯୋଗରୁ କର୍ମ ପ୍ରାପ୍ତି । ନୂତନ ଦ୍ରବ୍ୟ ଲାଭ ହେବ । ମନ ଭଲ ରହିବ ।



**ତୁଳା:** ଶୁଭ କାର୍ଯ୍ୟରେ ଯୋଗଦାନ । ଆହାରେ ତୃପ୍ତି । ଆନନ୍ଦ ଉତ୍ସବ ମଧ୍ୟରେ ନିଜକୁ ମଜାଇ ରଖିବେ । ଦେହ ଓ ମନ ଭଲ ରହିବ । କୌଣସି ନୂତନ କାର୍ଯ୍ୟର ସନ୍ଧାନ ପ୍ରପ୍ତି ହେବ । ଆୟ ଯୋଗ ରହିଛି ।



**ବିଛା:** ଅଭିଷ୍ଟ ସିଦ୍ଧ ହେବ । ବ୍ୟବସାୟରେ ସଫଳତା ପ୍ରାପ୍ତ ହେବ । ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହେବ । ପରୋପକାର କରି ପ୍ରଶଂସିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଲାଭ ।



**ଧନୁ:** ଅନେକ କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତ ହେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଦେଖାଦେବ । ପିଲାମାନେ ପଢାପଢିରେ ଆଗେଇବେ । ମନ ଅସ୍ଥିର ରହିବ ।



**ମକର:** ସହଯୋଗ ବିନା କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବ । ଠକାମିର ଶିକାର ହେବେ । ଆୟର ପରିମାଣ କମିଯିବ । ପରିବାରରେ ସାମାନ୍ୟ ଅଶାନ୍ତିର ଆଶଙ୍କା । ଶତ୍ରୁମାନେ ନାଶ ହେବେ ।



**କୁମ୍ଭ:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବାର ସୂଚନା । ମହିଳାମାନେ ସୁଖୀ ହେବେ । ରୋଜଗାରର ପରିମାଣ ବଢିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି ।



**ମୀନ:** କଚେରୀ ମାମଲାରେ ଶୁଣାଣୀ ବିଳମ୍ବ ହୋଇପାରେ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପରେ ଆନନ୍ଦ ଦେଖାଦେବ । ଦେହ ଓ ମନ ଭଲ ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୬।୧୨।୨୦୨୫, ପୌଷ ଦି୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୧୪।୧୦** **ଚନ୍ଦ୍ରୋଦୟ- ରାଘ୫।୧୦।୧୨**

**ଦ୍ୱାଦଶୀ-** ରାଘ୧୧।୫୮ପର୍ଯ୍ୟନ୍ତ । **ସ୍ୱାତୀନକ୍ଷତ୍ର-** ଦିଘ ୨।୧୦ ପର୍ଯ୍ୟନ୍ତ **ତୁଳାଚନ୍ଦ୍ର-** । **ଚନ୍ଦ୍ରଶୁଦ୍ଧି-** ମେଷ,ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର। **ଘାତ ଚନ୍ଦ୍ର-**ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ୧୧।୫୮ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୮ ଗତେ ଘ ୭।୦୧ ମଧ୍ୟେ । ଦିଘ ୯।୦୧ ଗତେ ଘ ୧୧।୨୦ ମଧ୍ୟେ । **ପର୍ବୋତ୍ସବ-** ଧନୁ ସଂକ୍ରାନ୍ତି,ଲକ୍ଷ୍ମୀନାରାୟଣ ପୂଜା,ବୈଷ୍ଣବ ସମ୍ମତ ପକ୍ଷ ବର୍ଦ୍ଧିନୀ ଏକାଦଶୀ ।

ସମ୍ପାଦକୀୟ

31 YEARS
ସମ୍ବାଦ କଳିକା

# ବୀମା ବଜାରରେ ଗ୍ରାହକ ସେବାରେ ଆସିବ ଉନ୍ନତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ବୀମା କମ୍ପାନିଗୁଡ଼ିକରେ ଏଫ୍‌ଡିଆଇ ସୀମାକୁ ୧୦୦%କୁ ବଢ଼ାଇବା ଲାଗି ଉଦ୍ଦିଷ୍ଟ ବିଲ୍‌ରୁ ମିଳିଛି ଅନୁମୋଦନ । ଏହା ସହିତ ଶିଳ୍ପ କ୍ଷେତ୍ରରେ କେତେକ ଢ଼ାଞ୍ଚାଗତ ସଂସ୍କାରକୁ ମିଳିଛି ମଞ୍ଜୁରି । ଏଥିସହିତ ବୀମା କ୍ଷେତ୍ରକୁ ମଜଭୁତ କରିବା ଲକ୍ଷ୍ୟ ରହିଛି । ଏହି ସଂଶୋଧନ ଦ୍ୱାରା ଦେଶକୁ ବୃହତ୍ ମାତ୍ରାରେ ବିଦେଶୀ ନିବେଶ ଆସିବ । ଶିଳ୍ପ କ୍ଷେତ୍ରରେ ପ୍ରତିଯୋଗିତା ବଢ଼ିବ ଏବଂ ଭାରତର ବୀମା ବଜାରରେ ଗ୍ରାହକ ସେବାରେ ଉନ୍ନତି ଆସିବ । ଚଳିତ ଶୀତ ଅଧିବେଶନରେ ଏହି ବିଲ୍ ଉପସ୍ଥାପିତ ହେବ । ଦେଶରେ ବୀମା ପହଞ୍ଚ ବଢ଼ାଇବା ସହିତ ବୀମା ଆଇନ(ସଂଶୋଧିତ) ବିଲ୍-୨୦୨୫ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ । ଏହା ସହିତ ଶିଳ୍ପର ବିକାଶରେ ସହାୟକ ହେବ ଏବଂ ଇଜ୍ ଅଫ୍ ଡୁଇଙ୍ଗ ବିଜନେସରେ ଆଣିବ ସୁଧାର । ପ୍ରକାଶଯୋଗ୍ୟ, ଏଯାବତ୍ ବୀମା ଶିଳ୍ପ ୮୨,୦୦୦ କୋଟି ଟଙ୍କାର ଏଫ୍‌ଡିଆଇ ସଂଗ୍ରହ କରିଛି । ସେହିଭଳି କୋଇଲା ଶିଳ୍ପ ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । କ୍ୟାବିନେଟ୍ କୋଇଲା ଲିଙ୍କେଜର ନିଲାମୀ ପାଇଁ ଉଦ୍ଦିଷ୍ଟ ନୀତିକୁ ମଞ୍ଜୁରି ଦେଇଛି । ଏହି ନୂଆ ନୀତିର ନାମ 'କୋଲ୍ ସେତୁ' ୱିଣ୍ଡୋ ରଖାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ବିନା କୌଣସି ବାଧାରେ କୁଶଳତା ଏବଂ ପାରଦର୍ଶୀ ଉପାୟରେ କୋଇଲାର ବ୍ୟବହାର କରିବା । ଏହି ନୀତି ଅଧୀନରେ କୋଇଲାର ଉପଯୋଗ ଯେକୌଣସି ଔଦ୍ୟୋଗିକ କାର୍ଯ୍ୟ ଏବଂ ରପ୍ତାନି ପାଇଁ କରାଯାଇପାରିବ । ନୂଆ ନୀତି ସରକାରଙ୍କ ଦ୍ୱାରା କୋଇଲା କ୍ଷେତ୍ରରେ କରାଯାଉଥିବା ସୁଧାରଗୁଡ଼ିକର ଶୃଙ୍ଖଳାରେ ଅନ୍ୟ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ନୀତି ଲମ୍ବା ଅବଧି ପାଇଁ ନିଲାମ ଆଧାରରେ କୋଇଲା ଲିଙ୍କେଜ୍‌ଙ୍କ ଆବଣ୍ଟିତ କରିବାର ଅନୁମତି ଦେବ । ଏହାର ଅର୍ଥ କୌଣସି ଘରୋଇ କ୍ରେତା, ଯିଏ କୋଇଲା ଆବଶ୍ୟକ କରୁଛନ୍ତି ସେ ଏହି 'କୋଲ୍ ସେତୁ' ୱିଣ୍ଡୋରେ ଅଂଶଗ୍ରହଣ କରିପାରିବେ । ଏହି ୱିଣ୍ଡୋ ଅଧୀନରେ କୋକିଂ କୋଲ୍ର ନିଲାମ କରାଯିବ ନାହିଁ । କ୍ୟାବିନେଟ୍ ନିଷ୍ପତ୍ତି ଘୋଷଣା କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଲେ, ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ବ୍ୟାପାରକୁ ସହଜ କରିବା । ଏହାସହିତ ଘରୋଇ କୋଇଲା ଭଣ୍ଡାରକୁ ବଢ଼ାଇବା ଏହାର ଲକ୍ଷ୍ୟ । ଫଳରେ ଦେଶର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମଦାନି କୋଇଲା ଉପରେ ଭାରତର ନିର୍ଭରତା କମିବ । କ୍ୟାବିନେଟ୍ ୨୦୨୬ ଋତୁ ପାଇଁ କୋପ୍ରା ବା ଶୁଖା ନଡ଼ିଆର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧିକୁ ମଞ୍ଜୁରି ଦେଇଛି । ଏ ନିଷ୍ପତ୍ତି ଚାଷୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି । ଏବେ ୨୦୨୬ ଋତୁ ପାଇଁ ଭଲ ଗୁଣବତ୍ତାଯୁକ୍ତ ମିଲିଂ କୋପ୍ରାର ଏମ୍‌ଏସପ କୁଇଣ୍ଟାଲ ପିଛା ୧୨,୦୨୭ ଟଙ୍କା ଧାର୍ଯ୍ୟ କରାଯାଇଛି । ସେହିଭଳି ବଲ୍ କୋପ୍ରାର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୧୨,୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ପୂର୍ବ ଋତୁ ତୁଳନାରେ ଉଭୟର ଏମ୍‌ଏସ୍‌ପି ଯଥାକ୍ରମେ ୪୪୫ ଟଙ୍କା ଏବଂ ୪୦୦ ଟଙ୍କା ବଢ଼ାଯାଇଛି । ଫଳରେ ଚାଷୀଙ୍କୁ ସେମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ମିଳିବ ଓ ସେମାନଙ୍କ ଆୟ ବଢ଼ିବ ବୋଲି ଜଣାଯାଇଛି ।

# ବନ୍ଦେ ଉତ୍କଳଜନନୀରେ ଓଡ଼ିଆ ଅସ୍ମିତା ଓ କାନ୍ତକବି



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଅସ୍ମିତା ସ୍ଥିତାବସ୍ଥାର ଅଙ୍ଗୀକାର ବଦ୍ଧତା। ମୁଁ ଅଛି - ଏପରି ଭାବ ଅସ୍ମିତା। ଏହା ସରଳ ଅଭିଧାନିକ ଅର୍ଥ। ପ୍ରତିଟି ମଣିଷର ନିଜର ତଥା ଜାତିର ସ୍ୱାଭିମାନ ରକ୍ଷା ବିଧେୟ। ନୀତି, ନୈତିକତା, ଆଦର୍ଶ ଭିତ୍ତିକ ଜୀବନଯାପନ ଧାରା, ବିଶେଷ କରି କଳା, ସାହିତ୍ୟ, ସଂସ୍କୃତିରେ ଉତ୍କର୍ଷ ପ୍ରଦର୍ଶନ; ଏହାକୁ ଅତୁଟ ରଖିବା - ଏସବୁ ବ୍ୟକ୍ତିବିଶେଷଙ୍କ ଅସ୍ମିତା। ଠିକ୍ ସେହିପରି ଗୋଟିଏ ଜାତିର ବୀରତ୍ୱ, ସାହସ, ଧୈର୍ଯ୍ୟ, ଶୌର୍ଯ୍ୟ, ସାଂସ୍କୃତିକ ପ୍ରଗତି - ତାହା ଜାତିର ମାନ, ମହତ, ଯଶ-କୀର୍ତ୍ତିର ପ୍ରତୀକ। ଏ ସମସ୍ତ ବିଲକ୍ଷଣ ପ୍ରତିଟି ଜାତି ପାଇଁ ପ୍ରଯୁଜ୍ୟ। ଏ ପରିପ୍ରେକ୍ଷୀରେ ଓଡ଼ିଆ ଅସ୍ମିତା ଶିଖର ଛୁଆଁ। ଓଡ଼ିଆ ଭାଷା, ସାହିତ୍ୟ; ଓଡ଼ିଶାର ସାଂସ୍କୃତିକ ଜୀବନ, ସର୍ବୋପରି ମା'-ମାଟି ପ୍ରତି ଓଡ଼ିଆଙ୍କ ସମର୍ପିତ ଭାବ, ବେଶ୍ ପ୍ରଶଂସନୀୟ। ଓଡ଼ିଆ ଏକ ମହାନ ଜାତି - ଏ କଥାଟି ସର୍ବଜନ ସ୍ୱୀକୃତ। ଫିରିଙ୍ଗିମାନଙ୍କ ଅତ୍ୟାଚାର, ଶୋଷଣ, ପେଷଣ, ନିର୍ଯ୍ୟାତନା; ଏହା ସତ୍ତ୍ୱେ ଦେଶମାତୃକା ପାଇଁ ଆତ୍ମବଳିଦାନ, ଇତିହାସର ଶ୍ରେଷ୍ଠ ଅବିସ୍ମରଣୀୟ ଘଟଣା। ଭାଷାକୁ ନେଇ ଉତ୍କଳ ମାଟି ଖଣ୍ଡିକ। ଭାଷା ଭିତ୍ତିରେ ସର୍ବପ୍ରଥମ ପ୍ରଦେଶ ଗଠନ (ଏପ୍ରିଲ ୧, ୧୯୩୬ ମସିହା) - ଏହା ଇତିହାସର ମଧ୍ୟ ସର୍ବପ୍ରଥମ ଘଟଣା। ଅନୁରୂପ ଭାବେ ଊନବିଂଶ ଶତାବ୍ଦୀରେ ଭାଷା ସୁରକ୍ଷା ଆନ୍ଦୋଳନ, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ମାନ୍ୟତାପ୍ରାପ୍ତ ହେବା - ଏ କ୍ଷେତ୍ରରେ ଓଡ଼ିଆମାନଙ୍କର ଉଦ୍ୟମ ଅତୀବ ପ୍ରଶଂସନୀୟ। ଉକ୍ତ ମହାସଂଗ୍ରାମରୁ ଜାତୀୟତାବାଦୀ ସାହିତ୍ୟର ଅଙ୍କୁରୋଦ୍‌ଗମ। ଏ କ୍ଷେତ୍ରରେ ଯଶସ୍ୱୀ ସ୍ରଷ୍ଟା ଫକୀରମୋହନ, କାନ୍ତକବି ଲକ୍ଷ୍ମୀକାନ୍ତ, ରାଧାନାଥ ରାୟ, ମଧୁସୂଦନ ରାଓ, ଗଙ୍ଗାଧର ମେହେର - ଏମାନଙ୍କ ସହ ଆଉ କେତେକ ଖ୍ୟାତନାମା ସାଧକ। ଏମାନେ ଓଡ଼ିଆ ଭାଷାର ଟେକ ରଖିଲେ। ସମ୍ପ୍ରତି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ଏଇଟି ଜାତି ପାଇଁ ସ୍ମରଣୀୟ ଘଟଣା।

ମହାନ ସାହିତ୍ୟ ସାଧକ ଅଦ୍ୱିତୀୟ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩)। ଛାତ୍ର ଜୀବନରୁ ତାଙ୍କ ସାହିତ୍ୟର ସ୍ଫୁରଣ। କବିତା, ନାଟକ, କ୍ଷୁଦ୍ରଗଳ୍ପ, ନାଟିକା, ଉପନ୍ୟାସ, ବ୍ୟଙ୍ଗ ସାହିତ୍ୟ, ଅନୁବାଦ ସାହିତ୍ୟ - ଏମିତି ସାହିତ୍ୟର ପ୍ରତିଟି ବିଭାଗରେ ତାଙ୍କ ଲେଖନୀ ଚଳଚଞ୍ଚଳ। 'ବୁଢ଼ା ଶଙ୍ଖାରି' ଗଳ୍ପ, 'କଣାମାମୁ' ଅସମ୍ପୂର୍ଣ୍ଣ ଉପନ୍ୟାସ, 'ଜୀବନ ସଙ୍ଗୀତ' - ଏ ସମସ୍ତ ସାହିତ୍ୟ ଜଗତକୁ ଚହଲେଇ ଦେଇଛି। 'ଜୀବନ ସଙ୍ଗୀତ' ଏକ ଦୁଷ୍ପ୍ରାପ୍ୟ ସୃଷ୍ଟି, ଏଥିରେ ରହସ୍ୟାଚ୍ଛନ୍ନ କବିତାଗୁଡ଼ିକର କରୁଣ ମୂର୍ଚ୍ଛନା, ପାଠକେ ଅଭିଭୂତ। ତାଙ୍କ ରଚିତ 'ଦୁନ୍ଦୁଭି' ଦେଶାତ୍ମବୋଧରେ ଆର୍ଦ୍ର। ତାହା ଗଭୀର ଉନ୍ମାଦନା ସୃଷ୍ଟି କଲେ। ତନ୍ମଧ୍ୟରେ 'ବନ୍ଦେ ଉତ୍କଳ ଜନନୀ' ଅଧୁନା ଉତ୍କଳ ଜାତୀୟ ସଂଗୀତ ଭାବେ ସ୍ୱୀକୃତ। ଏଇଟି ଲକ୍ଷ୍ମୀକାନ୍ତଙ୍କର ଅନବଦ୍ୟ ସୃଷ୍ଟି; ଓଡ଼ିଆ ଅସ୍ମିତାର ସର୍ବଶ୍ରେଷ୍ଠ ପରିଚୟ।

ଉତ୍କଳ ସମ୍ମିଳନୀର କେତେକ ଅଧିବେଶନ। ଉକ୍ତ ଜାତୀୟ ସଙ୍ଗୀତ, ଉଦ୍‌ବୋଧନୀ ଗୀତିକା ଭାବେ ଗାନ କରାଯାଇଥିଲା। ଦେଶପ୍ରୀତି, ଜାତିପ୍ରେମ ପ୍ରତିଟି ମଣିଷର ଆତ୍ମାର କଥା। ତାହା ଅସ୍ମିତାର ଦ୍ୟୋତକ। ଏ କ୍ଷେତ୍ରରେ ଲକ୍ଷ୍ମୀକାନ୍ତ, ତାଙ୍କ ପରିବାର ଢେର୍ ଆଗରେ। ପରିବାରର ସମସ୍ତ ସଦସ୍ୟ ମୁକ୍ତି ସଂଗ୍ରାମରେ ଝାସଦେଲେ। ଜେଲ୍ ଗଲେ, ନିର୍ଯ୍ୟାତନା ଭୋଗିଲେ। ତାଙ୍କର ଦୁଇ ପୁଅ - ନିତ୍ୟାନନ୍ଦ, ଗୌରଚନ୍ଦ। ବାଲେଶ୍ୱର ଇଞ୍ଚୁଡ଼ିଠାରେ ହଜାର ହଜାର ପୁରୁଷ ଆଉ ନାରୀ। ଆଚାର୍ଯ୍ୟ ମହାଶୟଙ୍କ ନେତୃତ୍ୱରେ ଲବଣ ଆଇନ ଭଙ୍ଗକଲେ (୧୩ ଅପ୍ରେଲ୍, ୧୯୩୦)। ଦି' ଭାଇ (ନିତ୍ୟାନନ୍ଦ ଓ ଗୌରଚନ୍ଦ୍ର) ଭାଗ ନେଲେ। ସନ୍ଧ୍ୟାରେ ବାଲେଶ୍ୱର ପରିମିନି ପଡ଼ିଆରେ ଏକ ବିରାଟ ସଭା, ନିତ୍ୟାନନ୍ଦ ଭାଷଣ ଦେଲେ। ଗିରଫ ହେଲେ। କୃତି ଛାତ୍ର ନିତ୍ୟାନନ୍ଦ ସେତେବେଳେ ଭଦ୍ରକ ସ୍କୁଲରେ ଏକାଦଶ ଶ୍ରେଣୀର ଛାତ୍ର, ପାଠରେ ଡୋରି ବନ୍ଧା ହେଲା। ସନ୍ଧ୍ୟାରେ ଖବରଟିଏ ଚହଟି ଗଲା। ଇଞ୍ଚୁଡ଼ିରେ ଫାୟାରିଂ। ଲକ୍ଷ୍ମୀକାନ୍ତ ଜାଣିଲେ। ତାଙ୍କ ପ୍ରତିକ୍ରିୟା ଥିଲା ହୃଦୟସ୍ପର୍ଶୀ - "ମୋ ପୁଅ ଦି' ଜଣ ଗୁଳିରେ ମରିଥିଲେ ମୁଁ ଖୁସି ହୋଇ ଥାଆନ୍ତି।" ଏ ଥିଲା ତାଙ୍କର ଦେଶମାତୃକା ପ୍ରତି ଶ୍ରଦ୍ଧା, ଭକ୍ତି। ସେ ଠାଏ ଉଲ୍ଲେଖ କରିଛନ୍ତି। ଏହାର ସାରାଂଶ - ତାଙ୍କ ପରିବାରର ସମସ୍ତେ ମୁକ୍ତି ଯୁଦ୍ଧରେ ସାମିଲ ହେଲେ। ନିଜେ ଦୁରାରୋଗ୍ୟ କୁଷ୍ଠ ବ୍ୟାଧିଗ୍ରସ୍ତ। ତେଣୁ ଯୋଗଦେଇ ନ ଥିଲେ। ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଦେଶ ପ୍ରୀତି ଜାଗରିତ କରିବା। ଏ କ୍ଷେତ୍ରରେ କବି ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବାଞ୍ଛାନିଧି, ବୀରକିଶୋର, ତାଙ୍କ ପରି ଆହୁରି ଅନେକ, ଦେଶପ୍ରେମ ଭିତ୍ତିକ ଉଦ୍‌ବୋଧନୀ କବିତା ଲେଖିଲେ। ଜନତାଙ୍କୁ ମତାଇଲେ, ତତାଇଲେ। ଦେଶବାସୀଙ୍କ ଶିରା ପ୍ରଶିରାରେ ଦେଶପ୍ରେମର ଉଷ୍ଣରକ୍ତ ପ୍ରବାହିତ। କର ବା ମର ଶପଥ। ସଂଗ୍ରାମୀମାନେ ଆପଣା ମୁଣ୍ଡକୁ ହାଣି ଥୋଇଦେଲେ। ଏ ପ୍ରକାର ଉଦ୍‌ବୋଧନୀ ଗୀତିକା / ଜାତୀୟ ସଙ୍ଗୀତ ଲେଖିବାରେ କାନ୍ତକବି ଅପ୍ରତିଦ୍ୱନ୍ଦ୍ୱୀ - ଏ କଥା ଅନସ୍ୱୀକାର୍ଯ୍ୟ।

ଲକ୍ଷ୍ମୀକାନ୍ତ ଲେଖିଲେ 'ଜାତୀୟ ସଂଗୀତ'। 'ବନ୍ଦେ ଉତ୍କଳ ଜନନୀ' ସମେତ ଏଥିରେ ୩୩ଟି ଉଦ୍‌ବୋଧନୀ ଗୀତିକା। ପ୍ରତିଟିରେ ଜନ୍ମଭୂମିର ବନ୍ଦନା। ଏହାର କଳା, ସାହିତ୍ୟ, ସ୍ଥାପତ୍ୟର ଶ୍ରେଷ୍ଠତ୍ୱ ପ୍ରତିପାଦନ। ଏଥିରେ ଲକ୍ଷ୍ମୀକାନ୍ତ ଊଣା କରିନାହାନ୍ତି। 'ବନ୍ଦେ ଉତ୍କଳ ଜନନୀ'ର ଅୟମାରମ୍ଭ, "ବନ୍ଦେ ଉତ୍କଳ ଜନନୀ / ଚାରୁ ହାସମୟୀ ଚାରୁ ଭାଷମୟୀ / ଜନନୀ, ଜନନୀ, ଜନନୀ / ପୂତ ପୟୋଧି - ବିଧୌତ ଶରୀରା / ତାଳ ତମାଳ - ସୁଶୋଭିତ ତୀରା / ଶୁଭ୍ର ତଟିନୀ କୂଳ - ଶୀକର - ସମୀରା / ଜନନୀ, ଜନନୀ, ଜନନୀ।"

ଜନନୀ, ଜନ୍ମଭୂମି, ସ୍ୱର୍ଗଠାରୁ ଗରିୟସୀ। ଉତ୍କଳଜନନୀର ମାଟି ପୂତ ପବିତ୍ର। ଗିରିବନ ଶୋଭା ବିଭୂଷିତା, ତାଳ ତମାଳ ତଟିନୀ ଶୋଭିତା, ଯାହା ଚରଣ ପୟୋଧି ତଟିନୀ ବିଧୌତା - ଶିକର ସମୀରଣର, ମନ୍ଦମନ୍ଦ ମୃଦୁ ସ୍ପର୍ଶ। ସଦା ହିଲ୍ଲୋଳିତ ପରିବେଶ। ସେଇ ମା', ଉତ୍କଳ ଜନନୀ ଚିର ବନ୍ଦନୀୟା। ତା'ରି ପାଣି ପବନରେ ପରିପୁଷ୍ଟ, ଏ ଶରୀର। ତା'ରି ରକ୍ତ ଧମନୀରେ ପ୍ରବାହିତ, ସେଇ ମା'-ଉତ୍କଳ ମା' ତା'ରି ପାଦରେ କବିଙ୍କ କୋଟି ପ୍ରଣାମ। କେବଳ ସେତିକି ନୁହେଁ, ଜନନୀ, ଶୋଭାମୟୀ, ଆଭାମୟୀ ଚିତ୍ତ ମନୋହାରିଣୀ। ଧନଧାନ୍ୟ ପୂର୍ଣ୍ଣ ଓଡ଼ିଶା। ଏହାର ସବୁଜ, ଶାଗୁଆ, କ୍ଷେତବାଡ଼ି ଅତୀତ ରମଣୀୟ। କୃଷି ହିଁ ପ୍ରଦେଶର ଆର୍ଥିକ ମାନଦଣ୍ଡ ସୁଦୃଢ଼କାରୀ। ସେହିପରି ଅତୀତ ଉତ୍କଳ, ଜ୍ଞାନ ବିଜ୍ଞାନ ପ୍ରଦର୍ଶନରେ ସର୍ବାଗ୍ରେ। ଯୋଗୀ, ମୁନି, ଋଷିଙ୍କ ପଦରେଣୁ ସ୍ପର୍ଶ; ଏ ମାଟି ପୂତ ପବିତ୍ର। ବିମୋହିତ ଲକ୍ଷ୍ମୀକାନ୍ତ। ତାଙ୍କ ଲେଖନୀ ଚଳଚଞ୍ଚଳ, "ସୁନ୍ଦର ଶାଳି-ସୁଶୋଭିତ-କ୍ଷେତ୍ରା / ଜ୍ଞାନ ବିଜ୍ଞାନ - ପ୍ରଦର୍ଶିତ ନେତ୍ରା / ଯୋଗୀ ମୁନି ଋଷିଗଣ - ଉଟଜ ପବିତ୍ରା / ଜନନୀ ଜନନୀ ଜନନୀ।" ମନ୍ଦିର ମାଳିନୀ ଭୁବନେଶ୍ୱର, କୀର୍ତ୍ତି କିରିଟିନୀ କୋଣାର୍କ, ବିଶ୍ୱ ପ୍ରସିଦ୍ଧ ଶ୍ରୀମନ୍ଦିର; ଏତଦ୍‌ଭିନ୍ନ ମଠ, ପୀଠ, ଦେବୋଦେବୀ ମନ୍ଦିର। ଏ ସମସ୍ତ ଓଡ଼ିଶାର ଧର୍ମୀୟ ଜୀବନକୁ କରିଛି ଭକ୍ତି-ରସ-ସରସ। ଉତ୍କଳର ଚାରୁକଳା, କାରୁକଳା ଭୁବନ ବିଦିତ। ଉତ୍କଳ ଗଜପତିଙ୍କ ବୀରତ୍ୱ, ସାହାସ, ଶୌର୍ଯ୍ୟ, ଦିଗ୍‌ବିଜୟ ପ୍ରୟାସ। ଆଗଙ୍ଗା ଗୋଦାବରୀ ପରିବ୍ୟାପ୍ତ ଉତ୍କଳ, ସର୍ବତ୍ର ରାଜା ମହାରାଜାମାନଙ୍କର କୀର୍ତ୍ତି-ଗାଥାରେ ନିନାଦିତ। ମହାମେଘ ବାହନ ଐର ଖାରବେଳ, ଗଜପତି କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ, ଏମାନଙ୍କ ସହ ଆଉ ସବୁ ସୂର୍ଯ୍ୟବଂଶୀ, ଗଙ୍ଗବଂଶୀ, କେଶରୀବଂଶୀ ରାଜା ମହାରାଜା। ସମସ୍ତେ ଉତ୍କଳର ଗରିମା ବର୍ଦ୍ଧନରେ ବଦ୍ଧପରିକର। ସେମାନଙ୍କର ଗୌରବୋଜ୍ଜ୍ୱଳ ଇତିହାସ; ଉତ୍କଳ ଅସ୍ମିତାର ଜାଜ୍ଜ୍ୱଲ୍ୟମାନ ପ୍ରତୀକ। ଜାତିର ସଂସ୍କୃତି, ଐତିହ୍ୟ, ପରମ୍ପରା ବିମୋହିତ କାନ୍ତକବି, ମନ୍ମୟ ଭାବରେ ଆର୍ଦ୍ର। ଯଥାର୍ଥରେ ଉଲ୍ଲେଖ କଲେ, "ଉତ୍କଳ ସୁରବର-ଦର୍ପିତ-ଗେହା / ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା, / ବିଶ୍ୱ ଭୂମଣ୍ଡଳ-କୃତବର-ସ୍ନେହା / ଜନନୀ, ଜନନୀ, ଜନନୀ।"

ସଂଗୀତ ସାହିତ୍ୟ କ୍ଷେତ୍ରରେ ଉତ୍କଳର ଅମାପ ଖ୍ୟାତି। କଳାକାର, ସାହିତ୍ୟିକ; ଏମାନଙ୍କର କୃତିତ୍ୱ ପ୍ରଦର୍ଶନ। ଉତ୍କଳ ସାହିତ୍ୟ ଜଗତ ବହୁ ଭାବରେ ଉଦ୍‌ଭାସିତ। କବି ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ, କବିସୂର୍ଯ୍ୟ, ଗୋପାଳକୃଷ୍ଣ ଆଦି ବିଦଗ୍ଧ ସାହିତ୍ୟ ରସିକ। ରଚନା କଲେ ପର୍ଯ୍ୟାପ୍ତ କାବ୍ୟ, କବିତା। ସେମାନଙ୍କ ରଚନାର ସାବଲୀଳ ପ୍ରକାଶ। ବିଶେଷ କରି ସାଙ୍ଗୀତିକତା, ବୀର ରୌଦ୍ର, ଶୃଙ୍ଗାରାଦି ବିଭିନ୍ନ ରସ ପରିବେଷଣ, ବିମୋହିତ ପାଠକ। ସେଇମାନଙ୍କର ସାଧନାରୁ ସିଦ୍ଧି। ସେମାନଙ୍କର ଯଶ-କୀର୍ତ୍ତି-ଖ୍ୟାତି, କବି ଉଲ୍ଲସିତ, "କବିକୁଳ ମୌଳି ସୁନନ୍ଦନ - ବନ୍ଦ୍ୟା / ଭୁବନ ବିଘୋଷିତ - କୀର୍ତ୍ତି ଅନିନ୍ଦ୍ୟା / ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ / ଜନନୀ, ଜନନୀ, ଜନନୀ।" ସେଇ ଉତ୍କଳ ଜନନୀର ଗୌରବ ଗାନରେ ଲକ୍ଷ୍ମୀକାନ୍ତ ଶତ ସୁଖର। ତାଙ୍କରି ପଦ ବନ୍ଦନାରୁ ସେ ବିରତ ନୁହନ୍ତି।

(କ୍ରମଶଃ....)

# ପୁରୁଣା ସଂସ୍କାରକୁ ଭୁଲିଯିବା ଆତ୍ମଘାତି ନିଶ୍ଚୟ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଆମେ ଯଦି ଜୀବନକୁ ଠିକ୍ ଭାବରେ ଜିଇଁବାକୁ ଚାହୁଁଛେ ତେବେ ଆମେ ଜୀବନର ସବୁ ପାର୍ଶ୍ୱକୁ ଠିକ୍ ଭାବରେ ବୁଝିବାକୁ ପଡିବ। ଏକଥା ମଧ୍ୟ ବୁଝିବାକୁ ହେବ ଯେ ଯେଉଁ ସବୁ କଥା ଆମ ଜୀବନକୁ ପ୍ରଭାବିତ କରିଥାଏ ଯଥା ଆମ ଖୁସୀ, ଆମର ମାନ- ସମ୍ମାନ, ଆମର ସ୍ୱାଭିମାନ, ଆମର ଦୁଃଖ-କଷ୍ଟ, ଆମ ସୁରକ୍ଷା ଇତ୍ୟାଦିର ମହତ୍ୱ ଆମ ଜୀବନରେ କେତେ ରହିଛି। ଜୀବନରେ ଗୋଟିଏ ପଟେ ଆମେ ଖୁସୀ ଚାହୁଁଛେ ଓ ଅନ୍ୟ ପଟରେ ଜୀବନରେ ଆସୁଥିବା ଦୁଃଖ-କଷ୍ଟରୁ କେମିତି ଦୁରେଇ ପାରିବା ତାର ମଧ୍ୟ ବ୍ୟବସ୍ଥା ଚାହୁଁଛେ। ଜୀବନରେ ଦୁଃଖ- ଦୁର୍ଦ୍ଦଶାରୁ ମୁକ୍ତି ପାଇପାରିବା ସେତିକିବେଳେ ଯେତେବେଳେ ଆମେ ଜୀବନ ଜିଇଁବାର ପ୍ରକ୍ରିୟାକୁ ଉଚିତ୍ ବ୍ୟବସ୍ଥାର ଅନୁରୂପ କରିପାରିବା। ଏହି ଉପଲବ୍ଧି ପ୍ରାପ୍ତି ପାଇଁ ଯେଉଁ ବ୍ୟବସ୍ଥା କରାଯିବା ଆବଶ୍ୟକ ସେକଥାକୁ ବୁଝିବା ସହ ଆମେ ଅନ୍ୟ ବ୍ୟକ୍ତି ବା ପରିବାରର ସଦସ୍ୟଙ୍କ ପାଇଁ ଚିନ୍ତା କରିବା ଏବଂ ସେମାନଙ୍କୁ ସହଯୋଗ କରିବା ଅନିର୍ବାର୍ଯ୍ୟ ଅଟେ। ଯଦି ଆମେ ଅନ୍ୟର ଆବଶ୍ୟକତା ପାଇଁ କିଛି ଯୋଗଦାନ କରିପାରିବା ତେବେ ସ୍ୱତଃ ଆମର ଆବଶ୍ୟକତା ପୁରଣ ହୋଇ ପାରିବ। ପୁରୁଣା କାଳରୁ ପରିବାର ମାନଙ୍କରେ ଯେଉଁସବୁ ବ୍ୟବସ୍ଥା ରହିଆସିଛି ଆମେ ତାକୁ ଦେଖିବା ଓ ସେ ବାବଦରେ ଶୁଣିବା ତେବେ ଜୀବନଶୈଳୀ କେତେ ସୁନ୍ଦର ଥିଲା ସେ କଥା ବୁଝିହେବ। ସଂଯୁକ୍ତ ପରିବାରର ପରିଚାଳନ ପୁରୁଣା କାଳରେ ରହିଥିଲା ଓ ସଂଯୁକ୍ତ ପରିବାର ମଧ୍ୟରେ ସମସ୍ତେ ଖୁସିରେ ରହୁଥିଲେ। ଯେତେବେଳେ କାହାର କିଛି ଅସୁବିଧା ହେଉଥିଲା ସେତେବେଳେ ପରିବାରର ଅନ୍ୟ ଲୋକେ ସେ କଥାକୁ ସମ୍ଭାଳି ନେଉଥିଲେ। ସଂଯୁକ୍ତ ପରିବାରରେ ରହୁଥିବା ଲୋକଙ୍କ ମଧ୍ୟରେ ସ୍ନେହ ସଦ୍‌ଭାବ ମଧ୍ୟ ରହୁଥିଲା।

କିନ୍ତୁ ଏବେ ସମୟର ପରିବର୍ତ୍ତନ ସହିତ ଏକ ନୂଆ ଯୁଗର ପ୍ରାରମ୍ଭ ହୋଇଛି। ଏହି ସମୟରେ ଶିକ୍ଷାର ପ୍ରଚାର- ପ୍ରସାର ତ ହୋଇଛି କିନ୍ତୁ ସଂସ୍କାରପୂର୍ଣ୍ଣ ଜୀବନଶୈଳୀର ଜ୍ଞାନ ଲୋକଙ୍କ ପାଖରେ ନାହିଁ। ଏଣୁ ଜୀବନ ଜିଇଁବାର ବାସ୍ତବିକ୍ କଳା କୁଆଡ଼େ ଉଭେଇଯାଇଛି। ଏସବୁ କଥା ମଧ୍ୟ ବୁଝିବାକୁ ହେବ। କେବଳ ଅର୍ଥ (ଟଙ୍କା ପଇସା)କୁ ଯଦି କେହି ଜୀବନ ବୋଲି ଭାବେ, କେବଳ ସ୍ୱାଧିନତାକୁ ଯଦି ଜୀବନର ଆଧାର ବୋଲି ଭାବେ, କେବଳ ନିଜର ସ୍ୱାର୍ଥ ପର୍ଯ୍ୟନ୍ତ କେନ୍ଦ୍ରୀତ ହେବା ଜୀବନର ମହତ୍ୱ ବୋଲି ଭାବେ, ଏପରିକି ନିଜର ମାତା- ପିତା ଯିଏ ଜୀବନର ସବୁ ସୁଖକୁ ତୁଚ୍ଛ କରି ସବୁପ୍ରକାର ଦୁଃଖକୁ ଆପଣେଇ ନିଜର ସନ୍ତାନକୁ ଦୁନିଆର ସବୁ ସୁଖ ଦେବାକୁ ପ୍ରୟାସ କରିଥାନ୍ତି ସେହି ପିତା ମାତାଙ୍କୁ ସନ୍ତାନ ସନ୍ତତି ଉଦାସୀନ ବ୍ୟବହାର କରନ୍ତି ତାହା ସଫଳ ଜୀବନ ନୁହେଁ। ଏସବୁ ବର୍ତ୍ତମାନ ଯୁଗକୁ କେଉଁଆଡ଼କୁ ନେଇଯାଉଛି ତାହା କହିବା କଠିନ। ସନ୍ତାନ ସନ୍ତତି ପିତା ମାତାଙ୍କୁ ଅଣଦେଖା କରିବା ଭଳି ଘଟଣା ଏବେ ସମାଜରେ ଅଧିକ ଦେଖାଯାଉଛି। ଏଭଳି ଘଟଣା ଯୋଗୁଁ କଣଠେସା ହେଉଥିବା ପିତାମାତାଙ୍କ ପାଖରେ ଅବସ୍ଥାକୁ ସଂଶୋଧନ ଅର୍ଥାତ୍ ସୁଧାରିବା ପାଇଁ ଅବସର ତ ନଥାଏ କେବଳ ସେମାନେ ପଶ୍ଚାତାପ କରିଥାନ୍ତି ଓ ନିଜ କର୍ମର ଫଳ ଭୋଗୁଛନ୍ତି ବୋଲି ନିଜ ମନକୁ ଆଶ୍ୱାସନା ଦେଇଥାନ୍ତି। କାରଣ ସେମାନଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନଥାଏ।

ଯଦି କେହି ନିଜ ଜୀବନରେ ଆସିବାକୁ ଥିବା ଏଭଳି ଅବ୍ୟବସ୍ଥା ବାବଦରେ ଭାବି ପାରନ୍ତି ବା ଆଶଙ୍କା କରି ପାରିଥାନ୍ତି ଓ ବ୍ୟବସ୍ଥାକୁ ସେହି ଅନୁରୂପ କରିପାରନ୍ତି ତେବେ ଏଭଳି ଅସୁବିଧା ସେମାନଙ୍କୁ ଭୋଗିବାକୁ ପଡୁନଥାନ୍ତି। ଜୀବନରେ ପରିବାରର ମହତ୍ୱ ରହିଛି, ସମାଜର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ସେହିପରି ଆମର ସଭ୍ୟତା ଏବଂ ସଂସ୍କୃତି, ଉତ୍ସବର ମଧ୍ୟ ସେତିକି ଗୁରୁତ୍ୱ ରହିଛି। ଆମର ବେଶ-ଭୁଷା, ରିତି- ନୀତିର ଗୁରୁତ୍ୱ ମଧ୍ୟ ଆମ ଜୀବନରେ ରହିଛି। ଜୀବନକୁ କେବଳ ଅର୍ଥରେ ବଞ୍ଚିହେବ ନାହିଁ ବରଂ ମନର ଖୁସୀ ଯେଉଁ ସ୍ରୋତରେ ଆସିପାରିବ ସେସବୁକୁ ବଜାୟ ରଖିବା ଅତ୍ୟଧିକ ଜରୁରୀ ଅଟେ। ପରିବାରର ଉତ୍ସବରେ ଗୁରୁଜନଙ୍କୁ ପ୍ରଣାମ କରିବା ଲଘୁଜନ ମାନଙ୍କର କର୍ତ୍ତବ୍ୟ। ଅନ୍ୟ ପକ୍ଷରେ ଗୁରୁଜନ ମାନେ ଲଘୁଜନଙ୍କୁ ଆଶୀର୍ବାଦ ଦେବା ମଧ୍ୟ ଉଚିତ୍। ଏସବୁ ପରାମ୍ପରା ସୁଖଦ ଅନୁଭୁତି ଦେଇଥାଏ। ଯଦି ଆମେ କେବଳ ଟଙ୍କା ପଇସାକୁ ଗୁରୁତ୍ୱ ଦେବାକୁ ଲାଗିବା ତେବେ ଆମଠାରୁ ଆମେ ଆମ ନିଜର ଲୋକେ ଧିରେ ଧିରେ ଦୂରେଇ ଯିବା ଆରମ୍ଭ କରିବେ। ଏପରି ହେଲେ ପରିବାର ବିଭାଜିତ ହୋଇଯାଇଥାଏ। ଏହାର ପରିଣାମ ସମୟ ବିତିବା ପରେ ଅନୁଭବ କରିବାକୁ ପଡିଥାଏ। ଆମେ ଆମ ଉତ୍ସବକୁ ଭୁଲିଯିବା, ଆମ ବେଶ-ଭୁଷାକୁ ଭୁଲିଯିବା, ଆମ ସଂସ୍କୃତିକୁ ଭୁଲିଯିବା ଠିକ୍ ନୁହେଁ, ଏହା ଆମକୁ ଏଭଳି ଅବସ୍ଥାରେ ପହଞ୍ଚାଇ ଦେଇଥାଏ ଯେଉଁଠାରୁ ଫେରିବା ମଧ୍ୟ ମୁସ୍କିଲ ହୋଇଥାଏ; ଆମେ କେତେ ପରିମାଣରେ ଅର୍ଥ ବା ଟଙ୍କା ପଇସା ପାଇଁ ପାଗଳ ହୋଇଯାଇଛେ। କେତେ ଆଧୁନିକ ହୋଇଯାଇଛେ, ଆମର ସଂସ୍କୃତିକୁ କେତେ ଭୁଲିଛେ ଏବଂ ସମାଜଠାରୁ କେତେ ଦୂରେଇ ଯାଇଛେ ସେକଥା ଭାବିବାର ଆବଶ୍ୟକତା ରହିଛି। ଆମ ମୂଳ ପରିଚୟ ଆମେ ହଜେଇ ଦେଇନେ ତ? ଆମ ପୁରୁଣା ସଂସ୍କାରକୁ ଭୁଲିଯିବା ଆମପାଇଁ ଆତ୍ମଘାତି ପଦକ୍ଷେପ ହେବ ନାହିଁ ତ ?

# ଗୋଆ ଅଗ୍ନିକାଣ୍ଡ : ପ୍ରଶାସନିକ ନିଷ୍କ୍ରୀୟତା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଗୋଆର ଆରୁପୁରାରେ ଏକ ନାଇଟ୍ କ୍ଲବରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ଜଣ ଜୀବନ୍ତ ଦଗ୍ଧ ହେବା ଘଟଣା ପୁଣି ଥରେ ଦେଶରେ ଅଗ୍ନି ନିରାପତ୍ତା ମାନର ଅପରାଧିକ ଅବହେଳା ନେଇ ଧ୍ୟାନ ଆକର୍ଷଣ କରିଛି। କହିବା ବାହୁଲ୍ୟ ଯେ, ଆମ ଦେଶରେ ହୋଟେଲ, ରେଷ୍ଟୁରାଣ୍ଟ, ପବ୍, କ୍ଲବ, ସିନେମା ହଲ୍, ଡାକ୍ତରଖାନା, ଆପାର୍ଟମେଣ୍ଟ, ଯାତ୍ରୀବାହୀ ବସ୍ ଆଦି ସର୍ବସାଧାରଣଙ୍କ ଗହଳି ଚହଳି ଲାଗି ରହିଥିବା ସ୍ଥାନରେ ବ୍ୟାପକ ଅଗ୍ନି ନିରୋଧକ ବ୍ୟବସ୍ଥା ଗ୍ରହଣ ପାଇଁ ବାଧ୍ୟତାମୂଳକ ରହିଛି। ଏଥିରେ ଅବହେଳା ପାଇଁ ଆଇନରେ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। କିନ୍ତୁ ଏଥିପ୍ରତି ପ୍ରଶାସନ, ପୋଲିସ କେହି ଗୁରୁତ୍ୱ ଦେଇନଥାନ୍ତି। କେବଳ ଘଟଣା ଘଟିବା ପରେ ସମସ୍ତଙ୍କର ଚେତା ପଶିଥାଏ। ତେବେ ପ୍ରଶାସନ କେବଳ କିଛି ଦିନ ପାଇଁ ସଜାଗ ହୋଇଥାଏ। ଧରପଗଡ କରିଥାଏ। ପୁଣି ସବୁ କିଛି ନୀରବି ଯାଇଥାଏ। ପର୍ଯ୍ୟଟନ କ୍ଷେତ୍ର ପାଇଁ ଗୋଆ ଆମ ଦେଶରେ ପ୍ରସିଦ୍ଧ ଥିବାବେଳେ ଏବେ ସେଠାରେ ପର୍ଯ୍ୟଟନ ଋତୁ ଶିଖର ସମୟରେ ପହଁଛି। ଏହି ଦୁଃଖଦ ଘଟଣାରେ ୪ଜଣ ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି। ଯାହାକି ଅତ୍ୟନ୍ତ ଦୁଃଖ ଦାୟକ। କୁହାଯାଇଛି ଯେ, ନାଇଟକ୍ଲବ ପାଇଁ ପ୍ରଶାସନିକ ଅନୁମତି ନଥିଲା, ଯାହାକି ଅଗ୍ନି ନିରାପତ୍ତାମାନର ଖୋଲାମଖୋଲା ଉଲଂଘନ । ସେହିପରି କ୍ଲବର ପ୍ରବେଶ ପଥ ଅତ୍ୟନ୍ତ ସଂକୀର୍ଣ୍ଣ ଥିଲା। ଯାହା ଫଳରେ ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚିନପାରି କିଲୋମିଟର ଦୂରରେ ରହିଥିଲା। କେବଳ ଏତିକି ନୁହେଁ, ଅସ୍ଥାୟୀ ଭାବେ ଗଢି ଉଠିଥିବା ଏହି କ୍ଲବଟିରେ ତାଳପତ୍ର ଛପର ହୋଇଥିବାବେଳେ କାଠବାଉଁଶରେ ନିର୍ମିତ ହୋଇଥିଲା। ମୋଟାମୋଟି ଭାବେ ନାଇଟ କ୍ଲବଟି ପହ୍ୟ ପଦାର୍ଥର ଏକ ବାକ୍ସ ଥିଲା ବୋଲି କହିଲେ, ଅତିରଂଜିତ ହେବ ନାହିଁ। ବେଆଇନ ଭାବେ ନାଇଟ୍ କ୍ଲବ ପରିଚାଳନା ଏବଂ ସମସ୍ତ ଅଗ୍ନିନିରୋଧକ ଆଇନଗତ ବ୍ୟବସ୍ଥାକୁ ଉଲଂଘନ କରିଥିବା ଅଭିଯୋଗରେ କ୍ଲବର ମାଲିକଙ୍କୁ ଗିରଫ କରି ଜେଲକୁ ପଠାଇ ଦିଆଯାଇଛି। ଗୋଆ ମୁଖ୍ୟମନ୍ତ୍ରୀ ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ନିଃସନ୍ଦେହ ଯେ, ଆମ ଦେଶରେ ହୋଟେଲ, ରେଷ୍ଟୁରାଣ୍ଟ, କ୍ଲବ ପବ୍, ସିନେମା ହଲ, ଡାକ୍ତରଖାନା, ବଡ ବଡ କୋଠା, ଯାତ୍ରୀବାହୀ ବସରେ ଅଗ୍ନିକାଣ୍ଡ ଏବଂ ମୃତାହତ ଘଟଣା ନୂଆ ନୁହେଁ। ଏହା ଏକ ଜଣାଶୁଣା ଦୁର୍ଭାଗ୍ୟଜନକ ଘଟଣା। ନିଆଁ ଲାଗେ, ବହୁ ମୃତାହତ ହୁଅନ୍ତି, କେତେକଙ୍କୁ ଗିରଫ କରାଯାଏ, ଗିରଫ ପରୱାନା ଜାରି ହୁଏ, ତଦନ୍ତ ନିର୍ଦ୍ଦେଶ ଦିଆଯାଏ, ମାତ୍ର କିଛି ଫଳ ହୁଏ ନାହିଁ। ଦେଶରେ ପ୍ରତିବର୍ଷ କେଉଁଠି ନାଁ କେଉଁଠି ସର୍ବସାଧାରଣ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଆସୁଛି। ଜାତୀୟ ରାଜଧାନୀ ଦିଲ୍ଲୀର କେତେକ ହସ୍‌ପିଟାଲରେ ବାରମ୍ବାର ଅଗ୍ନିକାଣ୍ଡ ଘଟିବା ହେଉଛି ଏହା ଜ୍ୱଳନ୍ତ ଉଦାହରଣ। ଗତବର୍ଷ ରାଜକୋଟରେ, ନିକଟରେ ଜୟପୁରର ସ୍ୱାମୀ ମାନସିଂହ ହସପିଟାଲ, ତାମିଲନାଡୁର ବିରୁଦ୍ଧୁନଗରସ୍ଥିତ ଏକ ବାଣ କାରଖାନା, କୋଲକତାର ଏକ ଆପାର୍ଟମେଣ୍ଟ, ଆନ୍ଧ୍ର ପ୍ରଦେଶର କୁର୍ଣ୍ଣୁଲରେ ଏକ ରାତ୍ରିକାଳୀନ ଯାତ୍ରୀ ବସ, ଦେଶବ୍ୟାପୀ ବିଭିନ୍ନ ହସପିଟାଲ, ସପିଂମଲରେ ଅଗ୍ନିକାଣ୍ଡ ଲିଭି ନାହିଁ। ଏହି ସବୁ ଅଗ୍ନିକାଣ୍ଡ ଘଟଣାରେ ଶତାଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ମନରୁ ଲିଭି ନାହିଁ। ୮୦ ଦଶକରେ ଦିଲ୍ଲୀର ଉପହାର ସିନେମା ହଲରେ ଅଗ୍ନିକାଣ୍ଡ ଘଟଣା ନେଇ ମାମଲା ଏବେ ବି ଚାଲିଛି। କହିବା ବାହୁଲ୍ୟ ଯେ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଆମ ଦେଶ ତଥା ରାଜ୍ୟମାନଙ୍କରେ ସ୍ୱତନ୍ତ୍ର ମାନଦଣ୍ଡ ଏବଂ ଆଇନ ରହିଛି। ମାତ୍ର ତାହା କାର୍ଯ୍ୟକାରୀ ହେଉନାହିଁ କିମ୍ବା ତଦାରଖ ହେଉନାହିଁ। ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଉଲଂଘନ ଯୋଗୁଁ ଆକସ୍ମିକ ଅଗ୍ନିକାଣ୍ଡ ଘଟଣାରେ ବହୁ ଧନଜୀବନ ଯିବା ସାର ହେଉଛି। ଏହା ସତ୍ୟ ଯେ, ବିଲିଂ କୋଡ, ଅଗ୍ନି ସୁରକ୍ଷା ମାନଦଣ୍ଡ, ଲାଇସେନସ୍ ବ୍ୟବସ୍ଥା ଏବଂ ସର୍ବୋପରି ଏ ସଂକ୍ରାନ୍ତିୟ ଆଇନ କେବଳ କାଗଜପତ୍ରରେ ସୀମିତ ରହିଛି। ଦୁର୍ନୀତି, ରାଜନୈତିକ ହସ୍ତକ୍ଷେପ, ପ୍ରଶାସନିକ ନିଷ୍କ୍ରୀୟତା ଆଦି ଏଥିପାଇଁ ଦାୟୀ ବୋଲି କୁହାଯାଇପାରିବ। ଆହୁରି ମଧ୍ୟ ଆଇନ ଉଲଂଘନ ଏବେ ଏକ ନିୟମିତ ପରମ୍ପରାରେ ହୋଇଛି। ଏଥିଲାଗି ଅଗ୍ନିକାଣ୍ଡ ଘଟଣା ଘଟିଚାଲିଛି। ଆମ ରାଜ୍ୟରେ ମଧ୍ୟ ଅଗ୍ନିକାଣ୍ଡ ଘଟଣା କିଛି କମ୍ ନୁହେଁ। ହସପିଟାଲ ଠାରୁ ଆରମ୍ଭ କରି ସପିଂ ମଲରେ ଅଗ୍ନିକାଣ୍ଡ ଘଟି ବହୁ ଧନଜୀବନ ଯାଇଛି। ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ ଘଟଣା ପରେ ଏବେ ଆମ ରାଜ୍ୟରେ ପ୍ରଶାସନ ସକ୍ରୀୟ ହୋଇପଡିବା ସହ କ୍ଲବ, ପବ୍, ହସପିଟାଲ ଆଦିରେ ଅଗ୍ନି ନିରାପତା ବ୍ୟବସ୍ଥା ଯାଞ୍ଚ ପାଇଁ ତତ୍ପରତା ପ୍ରକାଶ କରିଛି। ତେବେ ଏହି ତତ୍ପରତା ନିୟମିତ ହେବା ଆବଶ୍ୟକ। ଆହୁରି ମଧ୍ୟ ଲୋକଙ୍କ ଜୀବନ ସୁରକ୍ଷାକୁ ସରକାର ଅଗ୍ରାଧିକାର ଦବା ସହ ଉତ୍ତରଦାୟୀ ଧାର୍ଯ୍ୟ ହେବା ଜରୁରୀ। ଯାହାକି ଅଗ୍ନିକାଣ୍ଡ ପରି ବିପଦକୁ ଏଡାଇ ପାରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ସମ୍ମାନର ସହ ବଞ୍ଚିବା ମହିଳାମାନଙ୍କ ମୌଳିକ ଅଧିକାର

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ପରିସରରେ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡି ପି ଏଚ ଓ . ଡ଼ଃ ପ୍ରମୋଦ କୁମାର ବାରିକ, ଏଡି ପି ଏଚ ଓ. ଡ଼ଃ ବାସନ୍ତୀ ପାଲ,ଡି ପି ଏମ ସୋନାଲି ପ୍ରୀୟଦର୍ଶନି, ଡି ଏସ ପି ସବ୍ୟସାଚୀ ରାଉତ, ସଖୀ ୱାନ ଷ୍ଟେପ କେନ୍ଦ୍ରର ଓ ଏସ ସି ପୂର୍ଣ୍ଣଚନ୍ଦ୍ର ମଲ୍ଲ, ବିଜୟ ଲକ୍ଷ୍ମୀ ସାମଲ (ପରାମର୍ଶଦାତା) ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସଚେତନତା ପକ୍ଷ ପାଳନ ଅବସରରେ ଶପଥ ପାଠ କରିଥିଲେ । ଏହି ଶପଥ ପାଠ ମଧ୍ୟରେ ମୁଖ୍ୟତଃ ସମ୍ମାନର ସହିତ ବଞ୍ଚିବା ସମସ୍ତ ମହିଳା ଓ ଝିଅଙ୍କର



ମୌଳିକ ଅଧିକାର ରହିଛି । ଲିଙ୍ଗ, ଜାତି, ଧର୍ମ, ବୟସ, ବର୍ଗ ଯେ କିଛି ହେଉ ପ୍ରତ୍ୟେକ ମଣିଷଙ୍କର ମର୍ଯ୍ୟାଦା, ଅଧିକାର ଓ ସମାନତାକୁ ସମ୍ମାନ କରିବା, ଲିଙ୍ଗ ସମାନତା, ସୁରକ୍ଷା ଓ ମହିଳା ଶିଶୁ ସଶକ୍ତିକରଣ ପାଇଁ ସଦା ସଚେତନ ରହିବି ଓ ଅନ୍ୟମାନଙ୍କୁ ସଚେତନ କରିବି । ହିଂସାରେ ପୀଡ଼ିତାଙ୍କୁ ସହାୟତା, ସମର୍ଥନ ଓ ନ୍ୟାୟ ମିଳିବାକୁ ସଚେତନତା ଓ ଆବଶ୍ୟକ ସୂଚନା ପ୍ରଦାନ କରିବି । ମୋ ଘର, କାର୍ଯ୍ୟସ୍ଥଳ, ସମାଜ ଓ ସଙ୍ଗୀମାନଙ୍କ ମଧ୍ୟରେ ସୁରକ୍ଷିତ ସମ୍ମାନ ଜନକ ଓ ହିଂସା ମୁକ୍ତ ପରିବେଶ ସୃଷ୍ଟି କରିବାକୁ ଉତ୍ସାହିତ କରିବି । ମୁଁ ଏହି ମୂଲ୍ୟବୋଧକୁ ଦୈନନ୍ଦିନ ଜୀବନରେ ଅନୁସରଣ କରି ଏକ ହିଂସା ମୁକ୍ତ ଏବଂ ସମାନତାଭିତ୍ତିକ ସମାଜ ଗଢି ତୋଳିବାରେ ନିଷ୍ଠାବାନ ରହିବି ବୋଲି ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ବିପିଏମଓ ମାନେ ଯୋଗ ଦେଇଥିଲେ । ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା ସଭା ପରିଚାଳନା କରିଥିବା ବେଳେ ନିରୋଦ ପ୍ରଧାନ ଏବଂ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ମହାପାତ୍ର ସହଯୋଗ କରିଥିଲେ ।

# ତିନୋଟି ଗୃହରେ ପଢ଼ନ୍ତି ନଅଟି ଶ୍ରେଣୀର ୩୩ ପିଲା

**ଲଇକେରା, ନ୍ୟୁଜ ବ୍ୟୁରୋ**

ବିକାଶର ଅନ୍ୟତମ ମାଧ୍ୟମ ହେଉଛି ଶିକ୍ଷା । ପ୍ରତ୍ୟେକ କ୍ଷେତ୍ରର ବିକାଶ ପାଇଁ ପ୍ରଥମେ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡ଼ିବ । ଏହା ପରେ ଯାଇ ବିକାଶର ପରିକଳ୍ପନା କରାଯାଇ ପାରିବ । ଏଥି ପାଇଁ ସରକାର ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି । ତେବେ ସରକାର କହୁଥିବା କଥା କାର୍ଯ୍ୟରେ ପରିଣତ ହେଉ ନଥିବା ମଧ ନଜିର ରହିଛି । ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ବରହାମୂଷା ଗ୍ରାମ ଏହା ଦେଖିବାକୁ ମିଳିଛି । ବରହାମୂଷା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଛି । ଏଠାରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ଛାତ୍ରଛାତ୍ରୀ ମିଶି ୩୩ ଜଣ ଅଛନ୍ତି । ଶିଶୁ ବାଟିକାରେ ୬ ଜଣ, ପ୍ରଥମରେ ୩ଜଣ ଛାତ୍ରଛାତ୍ରୀ ଥିବା ବେଳେ ଦ୍ୱିତୀୟ ଶ୍ରେଣୀ ଶ୍ରେଣୀରେ ୨, ତୃତୀୟ ଶ୍ରେଣୀରେ ୬, ଚତୁର୍ଥରେ ୪, ପଞ୍ଚମରେ ୪ ଜଣ, ଷଷ୍ଠରେ ୨, ସପ୍ତମରେ ୩, ଅଷ୍ଟମ ଶ୍ରେଣୀରେ ୩ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଗୋଟିଏ ଶ୍ରେଣୀ ଗୃହରେ ଶିଶୁ ବାଟିକା ଠାରୁ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀ ବସୁଥିବା ବେଳେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଗୋଟିଏ ଗୃହରେ ବସୁଛନ୍ତି, ଷଷ୍ଠରୁ



ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଗୋଟିଏ ଗୃହରେ ବସୁଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟର ଶିକ୍ଷକ ସଂଖ୍ୟା ୪ ଜଣ । ତିନୋଟି ଶ୍ରେଣୀ ଗୃହରେ ଚାରି ଜଣ ଶିକ୍ଷକ ଅତି ଦୟନୀୟ ଅବସ୍ଥାରେ ପାଠ ପଢ଼ାଉଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟର ଶ୍ରେଣୀ ଗୃହ ନଥିବାରୁ ଅଭିଭାବକମାନେ ମଧ୍ୟ ପିଲାଙ୍କୁ ସ୍କୁଲରେ ନାମ ଲେଖେଇବାକୁ ପସନ୍ଦ କରୁନାହାନ୍ତି । ବିଦ୍ୟାଳୟରେ ଖେଳ ପଡ଼ିଆ ନଥିବାରୁ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ଖେଳରୁ ବଞ୍ଚିତ ରହୁଛନ୍ତି । ବିଦ୍ୟାଳୟର ପାଚେରି ଦରଭଙ୍ଗା ଅବସ୍ଥାରେ ପଡ଼ିରହିଛି । ସେଥିପାଇଁ ଛାତ୍ର ଛାତ୍ରୀମାନଙ୍କ ସଂଖ୍ୟା ହ୍ରାସ ପାଉଛି । ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀ ହିଂମାଂଶୁ ବାଗ କୁହନ୍ତି ଶିକ୍ଷକ ନିଯୁକ୍ତି ହେଲେ ବ୍ଲକର ସମସ୍ତ ଶିକ୍ଷକ ଅଭାବ ପୂରଣ ହୋଇଯିବ । ବିଦ୍ୟାଳୟଗୁଡ଼ିରେ ଶ୍ରେଣୀ ଗୃହ ଅଭାବକୁ ନେଇ ବିଡ଼ିଓଙ୍କୁ ପ୍ରସ୍ତାବ ଦିଆଯାଇଛି ଘର ଆସିଲେ ଦିଆଯିବ ।

## ହାତୀ ଶାବକ ମାଗୁଛି ଚିକିତ୍ସା

**ବେତନଟୀ, ନ୍ୟୁଜ ବ୍ୟୁରୋ**

ମୟୂରଭଂଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ କ୍ଷୀରପଦା ସଂରକ୍ଷିତ ଜଙ୍ଗଲରେ କ୍ଷତାକ୍ତ ହାତୀ ଶାବକ ବୁଲୁଛି । ହାତୀ ଶାବକର ମୁହଁରୁ ରକ୍ତସ୍ରାବ ହଉଛି । ଏହାର ଚିକିତ୍ସା ଦରକାର ପଡୁଛି । ଆହତ ହାତୀ ଛୁଆର ଗତିବିଧି ଉପରେ ବନ ବିଭାଗର ଏକାଧିକ ଟିମ ନଜର ରଖିଥିବାବେଳେ ବାରିପଦାରୁ ଡାକ୍ତରୀ ଟିମ ପହଁଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବ ବୋଲି ଜଣାପଡ଼ିଛି । ପ୍ରଥମେ ଟ୍ରାଙ୍କୁଲାଇଜ କରାଯିବା ପରେ ହାତୀ ଶାବକକୁ ଉଦ୍ଧାର ପୂର୍ବକ ଚିକିତ୍ସା ନିମିତ୍ତ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯିବ ।

## ଯାଜପୁର ଜାତୀୟ ସବୁଜ ବାହିନୀର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

# ପାକଶାଳ ବଗିଚା ତିଆରିର ଉପାଦେୟତା ଉପରେ ଆଲୋଚନା

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ବ୍ଲକ ଅନ୍ତର୍ଗତ ଉତ୍ତରଶ୍ୱର ଉଚ୍ଚ ବିଦ୍ୟାଳୟରେ ଜାତୀୟ ସବୁଜ ବାହିନୀ, ଜିଲ୍ଲା କାର୍ଯ୍ୟ କାରିଣୀ ମୂଲ୍ୟାୟନ କମିଟି ଆନୁକୂଲ୍ୟରେ ଇକୋ କ୍ଲବ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ଏକ ଦିବସିୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ମୁଖ୍ୟ ବକ୍ତା ସହ ଉଦ୍ୟାନ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ସମ୍ମାନିତ ଅତିଥି ସହ କୃଷି ନିର୍ଦ୍ଦେଶକ ରମାକାନ୍ତ ମହାପାତ୍ର, ମୁଖ୍ୟ ଅତିଥି, ପରିବେଶ ଶିକ୍ଷା କେନ୍ଦ୍ର, ଓଡିଶା ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ପ୍ରଭାତ ମୋହନ ଦାସ ପାକଶାଳ ବଗିଚା ତିଆରିର ଉପାଦେୟତା ଓ କିପରି ଏହାର ତିଆରି




ଇକୋ କ୍ଲବ୍ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଆବାହକ ଡଃ ଶରତ କୁମାର ସାହୁ ପାକଶାଳା ବଗିଚା ନିର୍ମାଣ ସମ୍ପର୍କୀୟ ଦକ୍ଷତା ବୃଦ୍ଧି କାର୍ଯ୍ୟ କ୍ରମର ଉଦ୍ଦେଶ୍ୟ, ନିୟମାବଳୀ ଓ ଉପାଦେୟତା ସମ୍ବନ୍ଧରେ ପ୍ରୋଜେକ୍ଟର ମାଧ୍ୟମରେ ବର୍ଣ୍ଣନା କରିଥିଲେ । ଉକ୍ତ ଉଚ୍ଚ ବିଦ୍ୟାଳରେ ଏକ ପକଶାଳା ବଗିଚା ଅତିଥି ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ନିର୍ମାଣ କରାଯାଇଛି । ଏଥିରେ ବିଭିନ୍ନ ଶାଗ ଓ ପନିପରିବା ଚାରା ଲଗାଯାଇଥିଲା ଓ ମଞ୍ଜି ବୁଣା ଯାଇଥିଲା । ଏହା ସହିତ ସବୁ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ଉଦ୍ୟାନ ପାଇଁ ବିଭିନ୍ନ ମଞ୍ଜି ଓ ଚାରା ବଣ୍ଟନ କରାଯାଇଥିଲା, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନି ଗୋପାଳ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ, ମୁଖ୍ୟ ପ୍ରଶିକ୍ଷକ ବିଷ୍ଣୁ ଚରଣ ସାହୁ ଧନ୍ୟବାଦ ଦେବା ସହିତ. ବିଜୟ ମୋହନ ରାୟ ପାକ ଉଦ୍ୟାନ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । ପ୍ରତେକ ଶିକ୍ଷକଙ୍କୁ ପ୍ରଶିକ୍ଷଣ ସମ୍ବନ୍ଧୀୟ ପ୍ରମାଣ ପତ୍ର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଉଦ୍ୟାନ ସହ ନିରୀକ୍ଷକ ହରମୋହନ ମହାପାତ୍ର ପାକ ଉଦ୍ୟାନ ନିର୍ମାଣ ଓ ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ସନ୍ତୋଷ କୁମାର ଦାସ ଓ ଅନ୍ୟ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୧୨ ଡିଗ୍ରି ତଳେ ଦ୍ୱୈତନଗରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖସିବାରେ ଲାଗିଛି ରାତି ପାରଦ । ବଢୁଛି ଶୀତ । ଏଥିସହ ଥରୁଛି ସାରା ଓଡ଼ିଶା । ବର୍ଷତମାମ ଖରାକୁ ଡରୁଥିବା ଲୋକେ ସକାଳୁ ଖରା ପଡ଼ିବାକୁ ଅନାଇ ବସୁଛନ୍ତି । ଦିନତମାମ ଘର ଭିତରେ ଥଣ୍ଡାରୁ ମୁକ୍ତି ମିଳୁନି । ଦିନ ଢଳିବା ସହ ଶୀତ ପ୍ରକୋପ ବଢୁଛି । ଅନ୍ଧାର ବି ଶୀଘ୍ର ଘୋଟିଆସୁଛି । ଏଥିସହ ହାଡ଼ଭଙ୍ଗା ଜାଡ଼ରେ ଅସ୍ତବ୍ୟସ୍ତ ହେଉଛନ୍ତି ଦ୍ୱୈତନଗରବାସୀ । କାରଣ ରାଜଧାନୀ ଭୁବନେଶ୍ୱରର ପାରଦ ସ୍ତର ସ୍ୱାଭାବିକଠାରୁ ୪.୧ ଡିଗ୍ରି ତଳକୁ ଖସି ଗତକାଲି ରାତିରେ ୧୧.୮ ଡିଗ୍ରିରେ ପହଞ୍ଚିଥିଲା । ସେହିଭଳି କଟକର ରାତି ତାପମାତ୍ରା ସ୍ୱାଭାବିକଠାରୁ ୩ ଡିଗ୍ରି ତଳକୁ ଖସି ୧୧.୬ ଡିଗ୍ରି ରେକର୍ଡ ହୋଇଥିଲା । ଏବେ ରାଜ୍ୟକୁ ଶୁଷ୍କ ଓ ଥଣ୍ଡା ଉତ୍ତରା ବାୟୁର ପ୍ରବାହ ହେତୁ ତାପମାତ୍ରା କମିଛି ଓ ଶୀତ ବଢ଼ିଛି । ପ୍ରବଳ ଶୀତ ଯୋଗୁ ବସ୍ତି ଅଞ୍ଚଳରେ ଲୋକମାନେ ରାସ୍ତାକଡ଼ରେ ନିଆଁ ପୁଆଉଁଥିବା ଦେଖିବାକୁ ମିଳୁଛି । ଗତ କିଛି ଦିନ ହେଲା ଏହି ଭଳି ଶୀତ ଲାଗି ରହିଥିବା ବେଳେ ବୟସ୍କ ଓ ଶିଶୁମାନେ ଜ୍ୱର, ଥଣ୍ଡା ଓ କାଶରେ ଆକ୍ରାନ୍ତ ହେଉଛନ୍ତି । ନିରାଶ୍ରୟମାନେ ରାସ୍ତାକଡ଼ରେ ନିଆଁ ଜାଳି ଶୀତରୁ ରକ୍ଷା ପାଇବାକୁ ଉଦ୍ୟମ କରୁଛନ୍ତି । ଆଗରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦ୍ୱୈତନଗରୀର ରାସ୍ତାଘାଟରେ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ଏବେ ୯ଟା ବେଳକୁ ରାସ୍ତାଘାଟ ଖାଁ ଖାଁ ହୋଇଯାଉଛି । ଗତ ୪ ଦିନ ହେଲା ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରର ରାତି ପାରଦ ୧୪ ଡିଗ୍ରିକୁ ଖସିଥିଲା । ମଙ୍ଗଳବାର ରାତିରେ ରାଜଧାନୀ ଭୁବନେଶ୍ୱରର ରାତି ପାରଦ ୧୩ ଡିଗ୍ରିକୁ ଖସିଥିବା ବେଳେ କଟକରେ ରହିଥିଲା ୧୨.୬ ଡିଗ୍ରି । ରାତି ତାପମାତ୍ରା ହଠାତ୍ ଏଭଳି ଖସିଥିବା ବେଳେ ଶୀତବସ୍ତ୍ର ବଜାର ସହ ଚା', କଫି ଓ ସୁପ୍ ବେପାର ବଢ଼ିଛି । ନଭେମ୍ବରରେ ଦ୍ୱୈତନଗରୀ ଥଣ୍ଡାରେ ଥରିଥିବା ବେଳେ ଗତ ୨ରୁ ୩ ଦିନ ହେଲା ଥଣ୍ଡା ଭିନ୍ନ ସ୍ତରରେ ପହଞ୍ଚିଛି । ମଙ୍ଗଳବାର ରାତି ପର୍ଯ୍ୟନ୍ତ ରାଜଧାନୀର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରି ଉପରେ ରହୁଥିବା ବେଳେ ବୁଧବାର ହଠାତ୍ ରାତି ତାପମାତ୍ରା ୧୧ ଡିଗ୍ରିକୁ ଡିଗ୍ରିକୁ ଖସିଆସିଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି, ଭୁବନେଶ୍ୱର ଓ କଟକରେ ଏବେ ଶୀତ ଲହରି ଜାରି ରହିଥିବା ବେଳେ ଆସନ୍ତା ୨ ଦିନ ବି ଏହି ତାପମାତ୍ରା ଜାରିରହିବ । ୧୩ ତାରିଖରୁ ସର୍ବନିମ୍ନ ତାପମାତ୍ରାରେ ବୃଦ୍ଧି ଦେଖାଯାଇପାରେ ।




# ବିବାଦ ବଢ଼ାଇଲା ଖଣ୍ଡଗିରି ଏଏସ୍ଆଇ ଗେଟ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପବିତ୍ର ମାଘ ସପ୍ତମୀରୁ ଆରମ୍ଭ ହେବ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା । ପ୍ରଭୁ ଅନନ୍ତକେଶରୀ ଉଦୟଗିରି ପାହାଡ଼ ଉପରେ ରାଣୀଗୁମ୍ଫାକୁ ଯାତ୍ରା କରିବେ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଖଣ୍ଡଗିରି ପାହାଡ଼ ଉପର ବଉଳକୋଳି ଗଛ ମୂଳେ ଥିବା ଅନନ୍ତ ଗୁମ୍ଫାରେ ହେଉଥିବା ମହାଯଜ୍ଞକୁ ଯିବେ । କିନ୍ତୁ ଏହା ପୂର୍ବରୁ ଏକ ବିବାଦ ମୁଣ୍ଡ ଟେକିଛି । ଖଣ୍ଡଗିରି ପାହାଡ଼ ଉପରକୁ ଯିବା ମୁଖ୍ୟ ବାଟ(ପାହାଚ)ରେ ଏଏସ୍ଆଇ ପକ୍ଷରୁ ନିର୍ମାଣ କରାଯାଇଥିବା ଗେଟ୍‌କୁ ନେଇ ବିବାଦ ଉପୁଜିଛି । ମହାପ୍ରଭୁ ଜଗନ୍ନାଥଙ୍କ ବିଗ୍ରହ କୌଣସି ଛାମୁଣ୍ଡିଆ ତଳେ ଗଳିକି ଯିବା ବିଧି ନଥିବାରୁ ଗେଟ୍ ତଳେ କିଭଳି ଯିବେ, ତାହାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି । ଏଏସ୍ଆଇ ଗେଟ୍ କରିବା ପୂର୍ବରୁ ସବୁ ଦୃଷ୍ଟିକୁ ବିଚାରକୁ ନ ନେଇ ମନମାନି କରିଛି ଏବଂ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଖେଳ ଖେଳିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି । ତୁରନ୍ତ ଏଏସ୍ଆଇ ଏହି ଗେଟ୍ ହଟାଇବା ଲାଗି




ପଦକ୍ଷେପ ନେଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଆବଶ୍ୟକ ପଡ଼ିଲେ, ଏଥିପାଇଁ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଆଜି ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଖଣ୍ଡଗିରି ପାହାଡ଼ ତଳେ ସ୍ଥାନୀୟ ଲୋକେ ଏକାଠି ହୋଇଥିଲେ । ବରମୁଣ୍ଡା, ଘାଟିକିଆ, ଜାଗମରା, ଆଇଗିଣିଆ, କୋଳଥିଆ, ଡୁମୁଡୁମା ଓ ଅନ୍ଧାରୁଆ ଆଦି ଗାଁର ୫୦ରୁ ଅଧିକ ଲୋକ ଏକାଠି ହୋଇଥିଲେ । ଏଏସ୍ଆଇର ଗେଟ୍ କରିବା ନିଷ୍ପତ୍ତିକୁ ସେମାନେ ନିନ୍ଦା କରିଛନ୍ତି । ଏଏସ୍ଆଇର ମନମୁଖୀ କାର୍ଯ୍ୟ ବିରୋଧରେ ସେମାନେ ସ୍ଥାନୀୟ ଜନପ୍ରତିନିଧି ଓ ଏଏସ୍ଆଇ ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବେ ବୋଲି ସ୍ଥିର କରାଯାଇଥିଲା । ତା'ପରେ ଯଦି ଏଏସ୍ଆଇ ଗେଟ୍ ନ ହଟାଏ, ଲୋକେ ଆଇନକୁ ହାତକୁ ନେଇ ଗେଟ୍‌କୁ ଭାଙ୍ଗି ଦେବାକୁ ପଛାଇବେ ନାହିଁ ବୋଲି ଦୃଢ଼ ନିଷ୍ପତ୍ତି ନିଆଯାଇଛି । ଅଞ୍ଚଳବାସୀଙ୍କ କହିବାନୁଯାୟୀ ଏଏସ୍ଆଇ ପକ୍ଷରୁ ଏଠାରେ ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମକୁ ଗୁରୁତ୍ୱ ଦିଆଯାଉଛି । ଖଣ୍ଡଗିରି ପାହାଡ଼ ଉପରେ ଥିବା ଜୈନ ମନ୍ଦିରକୁ ଯିବା ପାଇଁ ଜୈନ ଧର୍ମାବଲମ୍ବୀମାନଙ୍କୁ ପ୍ରବେଶ ଶୁଳ୍କ ଦେବାକୁ ପଡ଼ିବ ନାହିଁ । ମାତ୍ର ଅନ୍ୟ ଧର୍ମାବଲମ୍ବୀଙ୍କ ପାଇଁ ପ୍ରବେଶ ଶୁଳ୍କ ପଡ଼ିବ । କାହିଁ କେଉଁ ଆବହମାନ କାଳରୁ ସବୁ ଧର୍ମର ଲୋକେ ଜୈନ ମହାବୀରଙ୍କ ମୂର୍ତ୍ତି ନିଃଶୁଳ୍କ ଦେଖିପାରୁଥିଲେ । ଏଏସ୍ଆଇ କରିଥିବା ନୂଆ ନିୟମ ଆଦୌ ଗ୍ରହଣୀୟ ନୁହେଁ । ସେହିପରି ଖଣ୍ଡଗିରି କୁମ୍ଭମେଳା ସମୟରେ ମହାପ୍ରଭୁ ଜଗନ୍ନାଥ ଅନନ୍ତ ଗୁମ୍ଫାକୁ ବିଜେ କରନ୍ତି । ୧୦ଦିନ ବ୍ୟାପୀ ହେଉଥିବା ମହାଯଜ୍ଞରେ ମହାପ୍ରଭୁ ଉପସ୍ଥିତ ରହନ୍ତି । ପରମ୍ପରା ଓ ପ୍ରଥା ଅନୁସାରେ ଜଗନ୍ନାଥଙ୍କ ବିଗ୍ରହ ଗେଟ୍ ତଳେ ଗଳିକି ଯାଇପାରିବେ ନାହିଁ । ଏଏସ୍ଆଇ ଏହା ଜାଣି ମଧ ଗେଟ୍ ନିର୍ମାଣ କରି ଜଗନ୍ନାଥଙ୍କୁ ଅପମାନ କରିଛି । ଠାକୁରଙ୍କ ପରମ୍ପରା ଭାଙ୍ଗିବାକୁ ଦିଆଯିବ ନାହିଁ । ଏସମ୍ପର୍କରେ ସ୍ଥାନୀୟ ବିଧାୟକ ବାବୁ ସିଂଙ୍କ ସହ ଆଲୋଚନା କରାଯାଇଛି ଏବଂ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ମଧ ବିଧାୟକ ଶ୍ରୀ ସିଂ ଘଟଣାସ୍ଥଳ ବୁଲି ଅନୁଧାନ କରିବେ ବୋଲି କହିଛନ୍ତି ।

# ଜିଲ୍ଲାପାଳଙ୍କୁ ସାଧାରଣ ଜନତାଙ୍କ ସମ୍ବର୍ଦ୍ଧନା



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଦୀର୍ଘ ୪୨ ବର୍ଷ ଧରି ସିବିଆଇ ମାଲଖାନାରେ ଥିବା ସୁବର୍ଣ୍ଣପୁର ସହରର ଅସ୍ମିତାର ପ୍ରତୀକ ଗୋପାଳଜୀ ମହାପ୍ରଭୁଙ୍କୁ ଉଦ୍ଧାର କରି କୋର୍ଟ ପରିସରରେ ପୂଜାର୍ଚ୍ଚନା କରାଇ ପ୍ରଭୁଙ୍କ ଆଶିର୍ବାଦରୁ ସୋନପୁର ସ୍ଥିତ ଜିଲ୍ଲା କୋଷାଗାରକୁ ପହଞ୍ଚାଇଥିଲେ ଜିଲ୍ଲାପାଳ ଡ଼. ନୃପରାଜ୍ ସାହୁ ଓ ଉପ-ଜିଲ୍ଲାପାଳ ଡ଼. ସୌମ୍ୟାରୂପା ରଥ । ଏହି ଖୁସୀ ଓ ଚମତ୍କାର ସୂଚନା ଜିଲ୍ଲା ତଥା ରାଜ୍ୟ ସାରା ସୁଦୂର ପ୍ରଚାର ପ୍ରସାର ହୋଇଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଭୁବନେଶ୍ୱରରୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଅଫିସରେ ପହଞ୍ଚିବା ପରେ ସହରବାସୀ ଓ ପ୍ରଶାସନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜିଲ୍ଲାପାଳ ଡ଼. ସାହୁ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ସାମ୍ବାଦିକଙ୍କୁ ସମ୍ବୋଧନ କରି କହିଲେ ଯେ, ମହାପ୍ରଭୁ ଙ୍କୁ ସିବିଆଇ କୋର୍ଟ ପାଖରୁ ଗ୍ରହଣ ଓ ଦର୍ଶନ ପରେ ଆମ୍ବ ବିଭୋର ହୋଇ ପଡିଥିଲୁ । ପ୍ରଭୁଙ୍କ ଆଶିର୍ବାଦରୁ ଏହା ଜୀବନର ସବୁଠୁ ବଡ ସୌଭାଗ୍ୟ ଓ ସଫଳତା ବୋଲି ଅନୁଭବ କଲୁ । ନ୍ୟାୟାଳୟର ସମ୍ପୂର୍ଣ୍ଣ ସହଯୋଗରେ ଏହି ସଫଳତା ମିଳିଲା ବୋଲି ଡ଼. ସାହୁ ମତ ରଖିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବାରୁ ସିବିଆଇ ସ୍ପେସାଲ କୋର୍ଟର ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଜଜ୍ ବିନୋଦ ବିହାରୀ ସାହୁ ଏବଂ ଭୁବନେଶ୍ୱର ଏଡିଜେ-୩ କୋର୍ଟ ବିଚାରପତି ହିମାଂଶୁ ଶେଖର ମଲ୍ଲିକ, ପିପି ପ୍ରକାଶ ମିଶ୍ର, ଅଭିଳାଷଙ୍କୁ ଏବଂ ଜିଲ୍ଲା ପୋଲିସ ଓ ଜିଲ୍ଲା ପ୍ରଶାସନକୁ ଏବଂ ଉପ ଜିଲ୍ଲାପାଳ ଡ଼. ରଥଙ୍କୁ ସୁବର୍ଣ୍ଣପୁର ସହରବାସୀ ତଥା ଜିଲ୍ଲାବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି । ସହର ଓ ଜିଲ୍ଲାବାସୀଙ୍କ ଭିତରେ ଯେଉଁ ଆଶଙ୍କା ଥିଲା ଶ୍ରୀ ବିଗ୍ରହ ଫେରିବା ନେଇ ମା'ସୁରେଶ୍ୱରୀ ଓ ଶ୍ରୀ ଗୋପାଳଜୀଙ୍କ କରୁଣାରୁ ଆଜି ତାହା ଦୂର ହୋଇଛି । ଜିଲ୍ଲାପାଳ କହିଥିଲେ ଦୀର୍ଘ ବର୍ଷ ପୂର୍ବ ଘଟଣା ଶୁଣି ଓ କିଛି ମାସର ଚମତ୍କାର ଘଟଣା ଜିଲ୍ଲା ପ୍ରଶାସନ ସହ ଜୁଡିସିଆଲ ଟିମ୍ ସବୁ ଦେଖି ଜିଲ୍ଲାବାସୀଙ୍କ ଅସ୍ଥା ବିଶ୍ୱାସ ଓ ସୋନପୁର ମାଟି ର ମହକ ବିଷୟ ନ୍ୟାୟାଳୟରେ ତାହା ସବୁ ଅନୁଭବ କଲୁ ବୋଲି କହିଥିଲେ । ସୁବର୍ଣ୍ଣପୁର ଏସପି ନାରାୟଣ ନାଏକ ଙ୍କ ତତ୍ତ୍ୱାବଧାନରେ ଡିଏସପି ଚନ୍ଦ୍ରଶେଖର ଶବର ଭୁବନେଶ୍ୱରରୁ କଡା ପୋଲିସ ସୁରକ୍ଷାରେ ଓ ସସମ୍ମାନେ ମହାପ୍ରଭୁଙ୍କୁ ଆଣି ଜିଲ୍ଲା ଟ୍ରେଜେରିରେ ସୁରକ୍ଷିତ ଭାବେ ରଖିଥିଲେ । ସେପଟେ ଗତ ଦୁଇପୀଢ଼ି ଦେଖି ନ ଥିବାର ଭକ୍ତମାନେ ମୂଲ୍ୟବାନ ମୂର୍ତ୍ତି ଦର୍ଶନ ପାଇବେ ବୋଲି ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ଯାହାକି ସୋନପୁରର ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ନିଶ୍ଚିତ । 'ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଜିଲ୍ଲାର ଯେଉଁ ସୁନାମ ରହିଛି' ଆଜି ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଧନା କରି ଜିଲ୍ଲାବାସୀ ଏହାର ପ୍ରମାଣ କରି ଦେଇଛନ୍ତି ।

## ଦୁର୍ଘଟଣାକୁ ଟାଣୁଛି 'ସଡ଼କ ସମ୍ମୋହନ'

# ୫ ବର୍ଷରେ ୨୭ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଛି ସଡ଼କ ଦୁର୍ଘଟଣା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ପାଖାପାଖି ସାଢ଼େ ୫ ହଜାର ମୃତ୍ୟୁ ହିସାବରେ ଗତ ୫ ବର୍ଷରେ ୨୭ ହଜାରରୁ ଅଧିକ ଲୋକ କେବଳ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ମଦ୍ୟପାନ, ନିଦ୍ରା, ମୋବାଇଲ୍ ଓ ଅନ୍ୟମନସ୍କତାକୁ ଅନେକ ସମୟରେ ଦୁର୍ଘଟଣାର କାରଣ କୁହାଯାଉଥିବା ବେଳେ 'ରୋଡ୍ ହିପ୍ନୋସିସ୍' ବା 'ସଡ଼କ ସମ୍ମୋହନ' ବି ଅନ୍ୟ ଏକ ସମ୍ବେଦନଶୀଳ କାରଣ ହୋଇପାରେ । ବୈଜ୍ଞାନିକ ଭାବେ ଏହା ପ୍ରମାଣିତ ହେବା ପରେ ସଡ଼କ ସମ୍ମୋହନକୁ ନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଚାଳକ, ଗାଡ଼ି ମାଲିକ ଓ ଯାତ୍ରୀମାନଙ୍କୁ ଏନେଇ ସଚେତନ କରାଯାଉଛି । ତେବେ ସଡ଼କ ସମ୍ମୋହନ ଯୋଗୁଁ ପ୍ରତିବର୍ଷ କେତେ ଲୋକ ଦୁର୍ଘଟଣାର ଶୀକାର ହେଉଛନ୍ତି, ସେ ନେଇ ବାସ୍ତବିକ ତଥ୍ୟ ବାହାରିବା ସମ୍ଭବ ନଥିବା ବେଳେ ବାର୍ଷିକ ପାଖାପାଖି ୧ ହଜାର ଲୋକ କେବଳ ଏଥିଯୋଗୁଁ ଦୁର୍ଘଟଣାର ଶୀକାର ହେଉଥିବା ପରିବହନ ବିଭାଗ ପକ୍ଷରୁ କୁହାଯାଉଛି । 'ସଡ଼କ ସମ୍ମୋହନ'! ଏହା ପୁଣି କ'ଣ! ବେଳେବେଳେ ଆପଣ ଅନୁଭବ କରିଥିବେ, ଗାଡ଼ି ଚଳାଇବା ବେଳେ ସାଇନ୍‌ବୋର୍ଡରେ ଆପଣ ଗନ୍ତବ୍ୟସ୍ଥଳର ଦୂରତା ୬୨ କିମି ଥିବା ଦେଖିଥିବେ । ହଠାତ୍ କିଛି ସମୟ ପରେ ଆପଣ ପଲକ ପକାଇ ଦେଖିବେ ଯେ ଗନ୍ତବ୍ୟସ୍ଥଳକୁ ଆଉ ୪୦ କିମି ଥିବା ସାଇନ୍‌ବୋର୍ଡରେ ଲେଖାହୋଇଛି । ଆପଣ ନିଶ୍ଚିତ ଥିବେ ଯେ ଏହି ସମୟ ମଧ୍ୟରେ ଆପଣ ଶୋଇନାହାନ୍ତି, କିନ୍ତୁ ଏହି ୨୨ କିମି ରାସ୍ତାରେ କ'ଣ ଘଟିଲା, କେମିତି ଏତେ ଦୂରତା ଆପଣ ଅତିକ୍ରମ କଲେ; ସେ ନେଇ ଆପଣ କିଛି ମନେ ପକାଇ ପାରୁନାହାନ୍ତି । ମସ୍ତିଷ୍କର ଏହି ସ୍ଥିତିକୁ 'ସଡ଼କ ସମ୍ମୋହନ' ବା 'ରୋଡ୍ ହିପ୍‌ନୋଟାଇଜ୍' କୁହାଯାଇଥାଏ । ଏହି ସ୍ଥିତିରେ ବ୍ୟକ୍ତି ଅବଚେତନ ଅବସ୍ଥାକୁ ଚାଲିଯାଏ ଓ ମସ୍ତିଷ୍କ ବ୍ଲାକ୍‌ଆଉଟ୍ ହୋଇଯାଏ । ସାଧାରଣତଃ ଅଢ଼େଇ ଘଣ୍ଟାରୁ ଅଧିକ ସମୟ ଧରି ଲଗାତାର ଗାଡ଼ି ଚଲାଇବା ଫଳରେ ଏଭଳି ଘଟିଥାଏ । କେବଳ ଲମ୍ବା ସମୟ ଧରି ଗାଡ଼ି ଚଲାଇବା ଯୋଗୁଁ ନୁହେଁ, ଏକାଭଳି ଦେଖାଯାଉଥିବା ରାସ୍ତାରେ ଗାଡ଼ି ଚଲାଇଲେ ବି 'ସଡ଼କ ସମ୍ମୋହନ' ହୋଇଥାଏ । ଏହା ଚାଳକର ଉଭୟ ଶାରୀରିକ ଓ ମାନସିକ ସ୍ଥିତିର ଏକ ଜଟିଳ ସମୀକରଣ । ଏନେଇ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ତନ୍ମୟିନୀ ଦାସ କହିଛନ୍ତି, ପର୍ଯ୍ୟାପ୍ତ ନିଦ ନ ନେଇଥିଲେ ବା ମସ୍ତିଷ୍କ କ୍ଳାନ୍ତ ଥିଲେ, ବାହାରର କୌଣସି ସଙ୍କେତକୁ ଗ୍ରହଣ କରିନଥାଏ । ଫଳରେ ଏଭଳି ସ୍ଥିତି ଉପୁଜିଥାଏ । ଏଣୁ ଲମ୍ବା ଯାତ୍ରାରେ ଗାଡ଼ି ଚଳାଇବା ପୂର୍ବରୁ ପର୍ଯ୍ୟାପ୍ତ ପରିମାଣର ନିଦ୍ରା ଜରୁରି । ତେବେ ଯାଇ ଏହି 'ସଡ଼କ ସମ୍ମୋହନ'ରୁ ରକ୍ଷା ପାଇପାରିବା ।

# ଏମ୍‌କେସିଜିରେ କିଡ୍‌ନୀ ପ୍ରତିରୋପଣ ଆଶା ଉଜ୍ଜୀବିତ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଏବେ ଗୋଟିଏ ପରେ ଗୋଟିଏ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଡ଼ି ହେଉଛି । ଦୀର୍ଘବର୍ଷ ପରେ ଏଠାରେ ଓପନ୍ ହାର୍ଟ ଏବଂ ଓପନ୍ ହାର୍ଟ ବାଇପାସ୍ ସର୍ଜରୀ ହେବା ପରେ ଏବେ କିଡ୍‌ନୀ ପ୍ରତିରୋପଣ ସୁବିଧା କରିବାକୁ ଉଦ୍ୟମ ଆରମ୍ଭ ହୋଇଛି । କିଡ୍‌ନୀ ପ୍ରତିରୋପଣ ପାଇଁ ଆବଶ୍ୟକ ଭିତିଭୂମିର ଏକ ରିପୋର୍ଟ ପ୍ରସ୍ତୁତ କରି ଦେବାକୁ ଏମ୍‌କେସିଜି ଅଧିକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ ନେଫ୍ରୋଲୋଜି ବିଭାଗ ମୁଖ୍ୟଙ୍କୁ ଚିଠି କରିଛନ୍ତି । ନେଫ୍ରୋଲୋଜି ବିଭାଗରେ ଦୁଇ ବର୍ଷ ହେଲା ଏମ୍‌କେସିଜି ପାଠ୍ୟକ୍ରମ ଆରମ୍ଭ ହୋଇସାରିଛି । କିନ୍ତୁ ଏଠାରେ କିଡ୍‌ନୀ ପ୍ରତିରୋପଣ ହୋଇପାରୁନି । ଯାହାଫଳରେ ଏମ୍‌ସିଆଇ ଆଗକୁ ଏମ୍‌ସିଏଚ୍ ପାଠ୍ୟକ୍ରମ ନାମଲେଖା ବନ୍ଦ କରିପାରେ । ତେଣୁ ଏଠାରେ କିଡ୍‌ନୀ ପ୍ରତିରୋପଣ ଖୋଲିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଅଧିକ୍ଷକ କହିଛନ୍ତି । ବିଭାଗୀୟ ମୁଖ୍ୟ ରିପୋର୍ଟ ଦେବା ପରେ ରାଜ୍ୟ ସରକାରଙ୍କୁ ପଠାଯିବ ଏବଂ ଏଠାରେ କିଡ୍‌ନୀ ପ୍ରତିରୋପଣ ହୋଇପାରିବ ବୋଲି ସେ କହିଛନ୍ତି । ଏମ୍‌କେସିଜି ମେଡ଼ିକାଲ୍ କଲେଜକୁ ପ୍ରତିଷ୍ଠାକୁ ୬୦ ବର୍ଷ ବିତିଗଲାଣି । ତଥାପି ଏଠାରେ ଅଙ୍ଗ ପ୍ରତିରୋପଣ ହୋଇପାରୁନି । କେବଳ ଆଖି ପ୍ରତିରୋପଣ ହୋଇପାରୁଛି । ଅନ୍ୟ ଅଙ୍ଗଦାନ କରିବାକୁ ଅଙ୍ଗଦାତା ପ୍ରସ୍ତୁତ ଅଛନ୍ତି, କିନ୍ତୁ ଏଠାରେ ସୁବିଧା ନାହିଁ । ଦକ୍ଷିଣ ଓଡ଼ିଶା ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା ଏମ୍‌କେସିଜି ସେହି ପୁରୁଣା ଢ଼ାଂଚାରେ ରହିଛି । ରାଜ୍ୟରେ ସରକାରୀ ହସ୍ପିଟାଲମାନଙ୍କ ମଧ୍ୟରେ ପ୍ରଥମେ କଟକର ଏସ୍‌ସିବି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ କିଡ୍‌ନୀ ପ୍ରତିରୋପଣ ଆରମ୍ଭ ହୋଇଥିଲା । ରାଜ୍ୟ ସରକାର ଅନ୍ୟ ସବୁ ମେଡ଼ିକାଲ୍ କଲେଜରେ କିଡ୍‌ନୀ ପ୍ରତିରୋପଣ କରିବାକୁ ଉଦ୍ୟମ କରିଥିଲେ । କିଡ୍‌ନୀ ରୋଗୀଙ୍କୁ ସେବା




ଯୋଗାଇବା ପାଇଁ ରାଜ୍ୟରେ ପ୍ରଥମେ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ୧୯୭୬ରେ ଡ଼ାଏଲିସିସ୍ ସେବା ଆରମ୍ଭ ହୋଇଥିଲା । ଜଣେ ପ୍ରଫେସର ଓ ଜଣେ ସିନିୟର ରେସିଡ଼େଂଟ୍ ଏହି ବିଭାଗରେ ନିୟୋଜିତ ଅଛନ୍ତି । ୨୦୧୮ରେ ନେଫ୍ରୋଲୋଜି ଓପିଡ଼ି ଆରମ୍ଭ ହୋଇଥିବା ବେଳେ ୨୦୧୯ରୁ ଡ଼ାଏଲିସିସ୍ ସେବା ଆରମ୍ଭ ହୋଇଥିଲା । ଏହି ବିଭାଗରେ ପ୍ରାୟ ଦୁଇ ଶହ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି । ବର୍ତ୍ତମାନ ଡ଼ାଏଲିସିସ୍ ପାଇଁ ନୂଆ ମେସିନ୍ ଆସିଯାଇଥିବାରୁ ବିଶେଷ ଅସୁବିଧା ହେଉନାହିଁ । ମାସରେ ୬୫୦ ଡ଼ାଏଲିସିସ୍ କରାଯାଉଛି । କିନ୍ତୁ ଏହି ରୋଗୀମାନେ କିଭଳି କିଡ୍‌ନୀ ପ୍ରତିରୋପଣ କରିବେ ବାଟ ପାଉନାହାନ୍ତି । କିଡ୍‌ନୀ ପ୍ରତିରୋପଣ ପାଇଁ ନେଫ୍ରୋଲୋଜି ଓ ୟୁରୋଲୋଜି ବିଭାଗର ଗୁରୁ ଦାୟିତ୍ୱ ରହିଛି । ନେଫ୍ରୋଲୋଜି ବିଭାଗର ଦୁଇ ଜଣ ଓ ୟୁରୋଲୋଜି ବିଭାଗର ୪ ଜଣ ଡ଼ାକ୍ତରଙ୍କ ଆବଶ୍ୟକତା ରହିଛି । ପାଥୋଲୋଜି, ବାୟୋକେମିଷ୍ଟ୍ରି ଓ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ବିଭାଗ ଏଥିରେ ଡ଼ାକ୍ତରମାନଙ୍କୁ ସହଯୋଗ କରିବେ । ଏମ୍‌କେସିଜିରେ ୟୁରୋଲୋଜି ବିଭାଗରେ ୭ ଜଣ ଡ଼ାକ୍ତର ରହିଥିବା ବେଳେ ନେଫ୍ରୋଲୋଜି ବିଭାଗରେ ୨ ଜଣ ଡ଼ାକ୍ତର ଅଛନ୍ତି । ପିଏମ୍‌ଏସ୍‌ଏସ୍‌ୱାଇ କୋଠାରେ ରହିଛି ଅତ୍ୟାଧୁନିକ ଅସ୍ତ୍ରୋପଚାର ଗୃହ । ତଥାପି ଏଠାରେ କିଡ୍‌ନୀ ପ୍ରତିରୋପଣ ନ ହେବା ଦୁଃଖର ବିଷୟ । କଟକ ଏସ୍‌ସିବି ଓ ଭୁବନେଶ୍ୱର ଏମ୍‌ସରେ ପ୍ରତିରୋପଣ ହେଉଥିବା ବେଳେ କଟକ ବା ଭୁବନେଶ୍ୱର ଗଲେ ରୋଗୀଙ୍କୁ ଦୀର୍ଘ ଦିନ ଲମ୍ବା ଲାଇନ୍ ଲଗାଇବାକୁ ପଡୁଛି । ଦୀର୍ଘ ବର୍ଷ ପରେ ଏମ୍‌କେସିଜିରେ କିଡ୍‌ନୀ ପ୍ରତିରୋପଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଖୁବ୍ ଶୀଘ୍ର ପ୍ରତିରୋପଣ ହୋଇପାରିବ ବୋଲି ଆଶା କରାଯାଉଛି ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୫ ଡିସେମ୍ବର, ସୋମବାର, ୨୦୨୫



## ୧୯ ବର୍ଷରୁ କମ୍ ଏସିଆ କପ୍

# ପାକିସ୍ତାନକୁ ୯୦ ରନ୍‌ରେ ହରାଇଲା ଭାରତ

**ଦୁବାଇ**

ଅଣ୍ଡର ୧୯ ଏସିଆ କପ୍‌ରେ ଭାରତ ପାକିସ୍ତାନକୁ ୯୦ ରନରେ ପରାସ୍ତ କରିଛି। ପୁରୁଷ ୧୯ ବର୍ଷରୁ କମ୍ ଏସିଆ କପର ଏହି ମ୍ୟାଚ୍ ଦୁବାଇରେ ଖେଳାଯାଇଥିଲା, ଯେଉଁଠାରେ ଟିମ୍ ଇଣ୍ଡିଆ ପ୍ରଥମେ ବ୍ୟାଟିଂ କରି ୨୪୦ ରନ କରିଥିଲା। ଜବାବରେ ପାକିସ୍ତାନର ସମ୍ପୂର୍ଣ୍ଣ ଦଳ ୧୫୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହି ବିଜୟ ସହିତ ଭାରତ ସେମିଫାଇନାଲରେ ପ୍ରାୟତଃ ନିଜର ସ୍ଥାନ ସୁରକ୍ଷିତ କରିନେଇଛି। ଭାରତର ଦୀପେଶ ଦେବେନ୍ଦ୍ରନ ତିନୋଟି ୱିକେଟ ନେଇ ବୋଲିଂରେ ବିପର୍ଯ୍ୟୟ ଘଟାଇଥିଲେ।

ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ପାକିସ୍ତାନ ଉପରେ ଭାରି ପଡ଼ିଲା। ଆରନ୍ ଜର୍ଜଙ୍କ ୮୫ ରନ୍ ଯୋଗୁଁ ଭାରତ ୨୪୦ ରନ୍ କରିଥିଲା। ତଥାପି, ଟିମ୍ ଇଣ୍ଡିଆ ମଧ୍ୟ ସମ୍ପୂର୍ଣ୍ଣ ୫୦ ଓଭର ଖେଳିପାରି ନଥିଲା। ବୈଭବ ସୂର୍ଯ୍ୟବଂଶୀ ମାତ୍ର ୫ ରନ୍ କରିପାରିଥିଲେ।



ଅଧିନାୟକ ଆୟୁଷ ମହାତ୍ରେ ମଧ୍ୟ ମାତ୍ର ୩୮ ରନ୍ କରିଥିଲେ। ୨୪୧ ରନର ଟାର୍ଗେଟ ପିଛା କରୁଥିବା ପାକିସ୍ତାନ ଆରମ୍ଭରୁ ଅସୁବିଧାରେ ପଡ଼ିଥିଲା। ଦୀପେଶ ଦେବେନ୍ଦ୍ରନ ଏକାକୀ ପାକିସ୍ତାନୀ ଟପ୍ ଅର୍ଡରକୁ ଧ୍ୱଂସ କରିଥିଲେ। ପାକିସ୍ତାନ ୩୦ ରନରେ ପହଞ୍ଚିବା ପୂର୍ବରୁ ଚାରିଟି ୱିକେଟ ହରାଇଥିଲା। ଅଧିନାୟକ ଫରହାନ ୟୁସୁଫ କିଛି ସମୟ ପାଇଁ ସ୍ଥିର ରହିଥିଲେ କିନ୍ତୁ ୨୩ ରନ କରି ଆଉଟ ହୋଇଥିଲେ। ସେ ହୁଜୈଫା ଆଶାନଙ୍କ ସହିତ ୪୭ ରନ ଯୋଡିଥିଲେ। ଆଶାନ ୭୦ ରନ କରିଥିଲେ ମଧ୍ୟ ବିଜୟ ସୁନିଶ୍ଚିତ କରିପାରି ନଥିଲେ। ପାକିସ୍ତାନ ୨୧ ରନରେ ତା'ର ଶେଷ ଚାରିଟି ୱିକେଟ ହରାଇଥିଲା।

ଭାରତ ପକ୍ଷରୁ ଦୀପେଶ ଦେବେନ୍ଦ୍ରନ ସାତ ଓଭରରେ ମାତ୍ର ୧୬ ରନ ଦେଇ ତିନୋଟି ୱିକେଟ ନେଇଥିଲେ। ଏହି ସମୟରେ କନିଷ୍କ ଚୌହାନ ମଧ୍ୟ ତାଙ୍କ ୧୦ ଓଭରରେ ମାତ୍ର ୩୩ ରନ ଦେଇ ତିନୋଟି ୱିକେଟ ନେଇଥିଲେ। କିଷନ କୁମାର ସିଂହ ଦୁଇଟି ୱିକେଟ ନେଇଥିବା ବେଳେ ଖିଲନ ପଟେଲ ଏବଂ ବୈଭବ ସୂର୍ଯ୍ୟବଂଶୀ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

## ।।। ତୃତୀୟ ଟି-୨୦ ।।।

# ୭ ୱିକେଟରେ ଜିତିଲା ଟିମ୍ ଇଣ୍ଡିଆ

**ଧର୍ମଶାଳା**

ଧର୍ମଶାଳାରେ ଖେଳାଯାଇଥିବା ତୃତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୭ ୱିକେଟର ପରାସ୍ତ କରିଛି। ଟିମ୍ ଇଣ୍ଡିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତୀୟ ବୋଲରମାନେ ଦକ୍ଷିଣ ଆଫ୍ରିକାକୁ ୧୧୭ ରନରେ ଅଲଆଉଟ୍ କରିଦେଇଥିଲେ। ଜବାବରେ ଦ୍ୱିତୀୟ ଭାରତୀୟ ବ୍ୟାଟରମାନେ ୨୫ ବଲ୍ ବାକି ଥାଇ ଲକ୍ଷ୍ୟ ହାସଲ କରିଛନ୍ତି। ଏହା ସହିତ ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ୨-୧ରେ ଆଗୁଆ ହୋଇଛି।

୧୧୮ ରନର ଟାର୍ଗେଟକୁ ପିଛା କରି, ଟିମ୍ ଇଣ୍ଡିଆ ପକ୍ଷରୁ ଅଭିଷେକ ଶର୍ମା ଏବଂ ଶୁଭମନ ଗିଲ ବିସ୍ଫୋରକ ଆରମ୍ଭ କରିଥିଲା। ଗିଲ୍ ଏବଂ ଅଭିଷେକ ମିଶି ପାଞ୍ଚ ଓଭରରେ ଭାରତକୁ ୬୦ ରନରେ ପହଞ୍ଚାଇଥିଲେ। ଅଭିଷେକ ଏକ ବଡ଼ ସଟ୍ ଖେଳିବାକୁ ଚେଷ୍ଟା କରିଥିଲେ କିନ୍ତୁ ଏଡେନ୍ ମାର୍କରାମଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ସେ ୧୮ ବଲ୍‌ରେ ତିନୋଟି ଛକା ଏବଂ ତିନୋଟି ଚୌକା ମାରି ୩୫ ରନ କରିଥିଲେ। ସେହିପରି ଶୁବମନ ଗିଲ୍ ୫ଟି ଚୌକା ସହାୟତାରେ ୨୮ ବଲରେ ୨୮ ରନ୍ କରିଥିଲେ। ସେହିପରି ତିଳକ ବର୍ମା ୩୫ ବଲରେ ୨୫ ରନ୍, ସୂର୍ଯ୍ୟକୁମାର ଯାଦବ ୧୧ ବଲରେ ୧୨ ରନ୍ ଏବଂ ଶିବମ ଦୁବେ ୪ ବଲରେ ୧୦ ରନ୍ କରିଥିଲେ।

ସେପଟେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁଙ୍ଗି ନିଂଗଡି, ମାର୍କୋ ଜନସେନ୍ ଏବଂ କୋର୍ବିନ ବୋଶ୍‌ଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।





# ଡବ୍ଲୁଡବ୍ଲୁଇରୁ ଅବସର ନେଲେ ଜନ୍ ସିନା

**ନୂଆଦିଲ୍ଲୀ**



ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଡବ୍ଲୁଡବ୍ଲୁଇ ରିଙ୍ଗରେ ରାଜ୍ କରିଥିବା ଜନ୍ ସିନା ଶେଷରେ ତାଙ୍କ କ୍ୟାରିଅରକୁ ବିଦାୟ ଦେଇଛନ୍ତି। ୪୮ ବର୍ଷ ବୟସରେ ଜନ ସିନା ତାଙ୍କର ଶେଷ ମ୍ୟାଚ୍‌ରେ ଗୁନ୍ଥରଙ୍କଠାରୁ ହାରିବା ପରେ ବୃତ୍ତିଗତ କୁସ୍ତିରୁ ଅବସର ନେଇ ଘୋଷଣା କରିଛନ୍ତି। ଏହି ମ୍ୟାଚ୍‌ଟି ଭାବପ୍ରବଣତାରେ ପରିପୂର୍ଣ୍ଣ ଥିଲା। ରେସଲିଂରୁ ବିଦାୟ ନେଇଛନ୍ତି ସୁପରଷ୍ଟାର ଜନ୍ ସିନା। ମ୍ୟାଚ୍‌ର ଆରମ୍ଭରେ ସେନା ପୂର୍ଣ୍ଣ ଫର୍ମରେ ଥିବା ଦେଖାଯାଉଥିଲେ, କିନ୍ତୁ ସମୟ ବଢ଼ିବା ସହିତ ତାଙ୍କ ଶକ୍ତି ବିଫଳ ହେବାକୁ ଲାଗିଲା ଏବଂ ଶେଷରେ ତାଙ୍କୁ ପରାଜୟ ଗ୍ରହଣ କରିବାକୁ ପଡ଼ିଲା। ପ୍ରାୟ ୨୦ ବର୍ଷ ମଧ୍ୟରେ ଏହା ପ୍ରଥମ ଥର ଥିଲା ଯେତେବେଳେ ଜନ୍ ସିନା ଏକ ମ୍ୟାଚ୍‌ରେ ଟପ୍ ଆଉଟ୍ ହୋଇଥିଲେ। ୨୪ ବର୍ଷର କ୍ୟାରିୟରରେ ସେ ୧୭ ଥର ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଲୁହଭିଜା ଆଖିରେ ସେ ଫ୍ୟାନ୍ସଙ୍କ ଠାରୁ ବିଦାୟ ନେଇଛନ୍ତି। କୁସ୍ତି ବ୍ୟତୀତ, ଜନ୍ ସିନା ହଲିଉଡରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ତାଙ୍କ ଅବସର ପରେ, ତାଙ୍କ ଫିଲ୍ମ ବିଷୟରେ ଆଲୋଚନା ପୁଣି ଥରେ ତୀବ୍ର ହୋଇଛି।

# ଗରିବଙ୍କୁ କମ୍ବଳ ବାଣ୍ଟିଲେ ଗଣଶିକ୍ଷା ମନ୍ତ୍ରୀ

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ୧୨ ନମ୍ବର ୱାର୍ଡରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ଏହି ଅବସରରେ ଶ୍ରୀ ଗଣ୍ଡ କହିଛନ୍ତି, ବିଜେପିର ସେବା, ସମର୍ପଣ କାମ ସବୁବେଳେ ଚାଲୁଛି। ଦଳ ଗରିବଙ୍କ ବିକାଶ ପାଇଁ ସମର୍ପିତ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକକୁମାର ପାଢି, ରିଙ୍କି ଧୁରିଆ, ଗୀତା ହିଆଲ, ବିଷମ ହରିଜନ, ୱାର୍ଡର କାର୍ଯ୍ୟକର୍ତ୍ତା ଅମିତ ହାଲଦାର, ନଗର ସଭାପତି ସନ୍ତୋଷ ଶର୍ମାଙ୍କ ସହ ଦଳର ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ପରେ ବ୍ଲକର ଏକ ଅତିରିକ୍ତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରିଥିଲେ ମନ୍ତ୍ରୀ। ଏହି କାର୍ଯ୍ୟକ୍ରମରେ ବିଡିଓ ମନୋଜ କୁମାର ମେହେର, ଏଇ ଅଶ୍ୱିନୀ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ବୁଦ୍ରପ୍ରସାଦ ପାତ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଫାଉଣ୍ଡେସନ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ସହଯୋଗରେ ଜାତୀୟ ସ୍ତରୀୟ ମହାରାଜା ସେଭେନ୍‌ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ବାରିପଦା ଷ୍ଟାଡ଼ିୟମ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମଥର ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବିଭାଗରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। କୋଲକାତା ଫିଉଚର ହୋପ୍ ହାରିକୁଇନ୍ସ ଚାମ୍ପିଅନ ହୋଇଥିବା ବେଳେ ମୟୂରଭଞ୍ଜ, ଓଡ଼ିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ରନର୍ସଅପ୍ ଏବଂ ମହିଳା ବିଭାଗରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ମୟୂରଭଞ୍ଜ ଜିଲ୍ଲାର ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଚାମ୍ପିଅନ ହୋଇଥିବା ବେଳେ କୋଲକାତା ଫିଉଚର ହୋପ ହାରିକୁଇନ୍ସ ରନର୍ସଅପ୍ ହୋଇ ପୁରସ୍କୃତ ହୋଇଛନ୍ତି। ଚାମ୍ପିଅନ ଦଳକୁ ୫୦,୦୦୦ ପ୍ରୋତ୍ସାହନ ରାଶି ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୩୦,୦୦୦ ପ୍ରୋତ୍ସାହନ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ




ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଆରସିସିଏଫ ପ୍ରକାଶ ଚାନ୍ଦ ଗୋଗିନାନି, ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟବଲ ସମ୍ପାଦକ ଅମର କୁମାର ସେଠୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ସହ ଆୟୋଜକ ଦିବ୍ୟ ରଞ୍ଜନ ଦାସ, ବିଭୁଦତ୍ତ ଦାସ ଓ ମଙ୍ଗଲ ହାଁସଦାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଜାତୀୟ ଖେଳାଳି, ସମସ୍ତ ରେଫରୀ, ପ୍ରାୟୋଜକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚୌଦ୍ୱାରରେ ସାଂସଦ ଖେଳ ମହୋତ୍ସବ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ଓ ପିଏମ୍‌ଶ୍ରୀ ଓଟିଏମ୍ ହାଇସ୍କୁଲ ପରିସରରେ ଆୟୋଜିତ ସାଂସଦ ଖେଳ ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବକୁ କଟକ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମ୍ୟୁନିସିପାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ କ୍ଷଣପ୍ରଭା ସେନ୍, ବ୍ଲକ୍ ଶିକ୍ଷାଧିକାରୀ ପ୍ରଭାତ କୁମାର ନାୟକ, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ରାୟ, ଲୋକସଭା ସଂଯୋଜକ ସତ୍ୟବ୍ରତ ମିଶ୍ର, ବିଧାନସଭା ସଂଯୋଜକ ଚିରଂଜିବୀ ଖଣ୍ଡାୟତରାୟ, କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟୁନିସିପାଲ ହାଇସ୍କୁଲ ଓ ଓଟିଏମ୍ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ମୋଟ ୮ଟି ଖେଳକୁଦ ପ୍ରତିଯୋଗିତାରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ



ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପିଇଟି ଶୁଭ୍ରଜିତ୍ ପର୍ଚ୍ଛିହାରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଟକ ଜିଲ୍ଲାପାଳ ଦ ାତ୍ରେୟ ଭାଓ ସାହେବ ସିନ୍ଧେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଜନ ସାହିତ କ୍ରୀଡ଼ାରେ ନିପୁଣତା ଦେଖାଇବାପାଇଁ ଛାତ୍ରଛାତ୍ରୀମାନେ ଆଗ୍ରହ ଓ ନିଷ୍ଠାର ସହ ପ୍ରଚେଷ୍ଟା ଜାରୀ ରଖିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ସିନେ ତାରକା ଶ୍ରୀତମ୍ ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ଟ୍ରଫି ପ୍ରଦାନ କରିଥିଲେ। ଭାଜପା ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ମହେନ୍ଦ୍ର ମହାନ୍ତି, ଜିଲ୍ଲା ଉପ ସଭାପତି ପ୍ରଶାନ୍ତ ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ଭାଗିରଥୀ ଦଳାଇ, ବିଷ୍ଣୁ ଚରଣ ପରିଡ଼ା, କାଉନସିଲର ସୁଜାତା ସାହୁ, ଅଜିତ ସୁବୁଦ୍ଧିରାୟ, ସୌମେନ୍ଦ୍ର ପଲାଇ, ମଣ୍ଡଳ ସଭାପତି ମମତା ବେହେରା, ଜିଲ୍ଲା ପ୍ରତିନିଧି ସନ୍ତୋଷ ସାହୁଙ୍କ ସମେତ ଦଳୀୟ ବହୁ ନେତା ଓ କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ : ୧୭ ଦୁର୍ଘଟଣା ମାମଲା ଫଏସଲା




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତରେ ଦୁର୍ଘଟଣା ଜନିତ ୧୭ ମାମଲା ଫଏସଲା ହୋଇ ୧ କୋଟି ୧୪ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି । ଜିଲ୍ଲା ଓ ଦୌରାଜଜ ଲୁନା ମହାନ୍ତିଙ୍କ ପ୍ରେତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ଓ ଦୁର୍ଘଟଣାରେ ନିଜର ଅଙ୍ଗ ପ୍ରତ୍ୟଙ୍ଗ ହରାଇଥିବା ବ୍ୟକ୍ତିଙ୍କର ମାମଲା ଫଏସଲା କରି ବିଚାରପତି ଶ୍ରୀମତୀ ମହାନ୍ତି ୧ କୋଟି ୧୪ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ମହମ୍ମଦ ନଇମ, ପ୍ରମୋଦ ଅଧିକାରୀ, ଶଶିଭୂଷଣ ପ୍ରଧାନ, ନଳିନୀକାନ୍ତ ତ୍ରିପାଠୀଙ୍କ ସମେତ କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଷ୍ଟା ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ତେଲେନପାଲି ନବରନ୍ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ ପାଳନ ହୋଇଯାଇଛି। ସଭାପତି ଭାବରେ ଫୁଲକିମୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋପାଳଚନ୍ଦ୍ର ବେହେରା, ମୁଖ୍ୟଅତିଥି ଭାବେ ତେଲେନପାଲିର ସରପଞ୍ଚ ସକୁନ୍ତଳା ବେହେରା ଯୋଗଦେଇଥିଲେ। ଅତିଥି ଭାବରେ ଓଷ୍ଟାର ରାଜ୍ୟ ଉପ ସଭାପତି ସୁଧିର କୁମାର ନାଏକ, କାର୍ଯ୍ୟକାରୀ ସଂପାଦକ ତଥା ତେଲେନପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାଶ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଅନିଲ କୁମାର ସାହୁ,ପୂର୍ବତନ ଜିଲ୍ଲାପରିଷଦ ବିପ୍ର ବିଶି, ଖପ୍ରାଖୋଲ ବ୍ଲକ ସଂପାଦକ ଧଣ୍ଡାମୁଣ୍ଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅଜୟ କୁମାର ଭୋଇ, ଜିଲ୍ଲା ଶିକ୍ଷା ବିଭାଗର ଇସି ତଥା ମହରାପଦର ହାଇସ୍କୁଲର ପ୍ରଧାନଶିକ୍ଷକ ନବକିଶୋର ନନ୍ଦ, ଘୁନସର ହାଇସ୍କୁଲର ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ କୁମାର ଦେବତା ମଞ୍ଚାସିନ ହୋଇଥିଲେ। ଏଠାରେ ବିଭିନ୍ନ ପ୍ରକାରର ନୃତ୍ୟ, ନାଚଗୀତ ମାଧ୍ୟମରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ପରେ କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପଦକ ଦେଇ ସମ୍ମାନିତ କରା ଯାଇଥିଲା। ବହୁସଂଖ୍ୟାରେ ପ୍ରାୟ ୧୩ ଗୋଟି ସ୍କୁଲରୁ ଛାତ୍ରଛାତ୍ରୀମାନେ ଏବଂ ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗଦେଇ କାର୍ଯ୍ୟକୁ ସଫଳ କରିଥିଲେ। ତେଲେନପାଲି ସ୍କୁଲର ଚୂଡ଼ାମଣି ପଟେଲ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରମୋଦ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବ ଭାରତୀୟ ଗଣ୍ଡରପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀ ଉପକଣ୍ଠ ଗଣ୍ଡରପୁର ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସର୍ବ ଭାରତୀୟ ଗଣ୍ଡରପୁର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟିତ କରିବା ସହ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଗୋଲୋକ ମହାପାତ୍ର, ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥି ଲଟେରୀରେ ବିଜୟ ଲାଭ କରିଥିବା ଯୁବକଙ୍କୁ ସାଇକେଲ ପ୍ରଦାନ କରିଥିଲେ। ୮ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୩ଟି ବିଭାଗରେ ଖେଳ ଅନୁଷ୍ଠିତ ହେବ। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଦୁଇଟି ବିଭାଗରେ ଖେଳାଯିବ। ସମସ୍ତ ୩ଟି ବିଭାଗର ବିଜେତା ଓ ଉପ ବିଜେତାଙ୍କୁ ଅର୍ଥରାଶି ସହ ପୁରସ୍କାର ପ୍ରଦାନ କରାଯିବ। ସେହିପରି ୩ଟି ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ମୋଟର ସାଇକେଲ ପ୍ରଦାନ କରାଯିବ। ଗ୍ରାମାଞ୍ଚଳ ବିଭାଗର 'ଏ ଡିଭିଜନରେ' ଘାଟିକିଆ-ସିଜିୟୁକୁ ଏବଂ ଉଷୁମା- ଜୟପୁରକୁ ପରାସ୍ତ କରିଛି। 'ବି ଡିଭିଜନରେ' ବାରଙ୍ଗ ବାୟା-ନଟି ଏଇଟକୁ ଏବଂ ତଣ୍ଡିକଣା-ଗାଡ଼କଣକୁ ପରାସ୍ତ କରିଥିଲା। ସହରାଞ୍ଚଳରେ ଜଗା ୟୁନାଇଟେଡ ଓ କାଳିଘାଟ କଲିକତା ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଜଗା ୟୁନାଇଟେଡ ବିଜୟୀ ଲାଭ କରିଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରିଚାଳକ ଜ୍ଞାନ ରଞ୍ଜନ ରାଉତ, ଗଣ୍ଡରପୁର ଗ୍ରାମ୍ୟ କମିଟି ସମ୍ପାଦକ ଜିତେନ୍ଦ୍ର ସେନାପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ରଙ୍କନିଧି ରାଉତ ଖେଳର ସମସ୍ତ ବିବରଣୀ ପ୍ରଦାନ କରିଥିଲେ।

# ଡିସେମ୍ବର ୨୬ରୁ କେନ୍ଦୁଝରରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ 'ପଲ୍ଲିଶ୍ରୀ ମେଳା-୨୦୨୫' ପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କୁମାର ନାଗଭୂଷଣ ମେଳା ଆୟୋଜନ ସମ୍ବନ୍ଧିତ ଆଲୋଚନା କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଏହି ମେଳାକୁ ୧୦ ଦିନ ବ୍ୟାପୀ ତା. ୨୬.୧୨.୨୦୨୫ରୁ ୦୪.୦୧.୨୦୨୬ ପର୍ଯ୍ୟନ୍ତ କାଳି ପଡ଼ିଆ ନିକଟସ୍ଥ କେନ୍ଦୁଝର ଷ୍ଟାଡିୟମ୍‌ରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ମେଳାରେ ଅଂଶଗ୍ରହଣ କରିବାକୁ ଥିବା ପ୍ରାୟ ୩୦୦ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା/ସଦସ୍ୟ ମାନଙ୍କ ରହଣି ପାଇଁ ବ୍ୟବସ୍ଥା, ବ୍ୟାପକ ପ୍ରଚାର ପ୍ରସାର ପାଇଁ ମୁଖ୍ୟ ସ୍ଥାନମାନଙ୍କରେ ହୋର୍ଡିଂ, ସ୍ଥାପନା, ଦୈନିକ ହଜାର ହଜାର ଦର୍ଶକଙ୍କ ଆଗମନର ଆଶା କରାଯାଉଥିବାରୁ ପର୍ଯ୍ୟାପ୍ତ ସଂଖ୍ୟକ ପାଣି ଟ୍ୟାଙ୍କର ଓ ତିନୋଟି ପାନୀୟ ଜଳ ଗାଡ଼ିର ବ୍ୟବସ୍ଥା କରାଯିବ। ଆଇନ ଶୃଙ୍ଖଳା ଓ ସୁରକ୍ଷାର ସୁପରିଚାଳନା ପାଇଁ ୨୪ ଘଣ୍ଟିଆ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ ମୁତୟନ କରାଯିବ। ମେଳାସ୍ଥଳରେ ଅଗ୍ନିଶମ ବାହିନୀ ଗାଡ଼ି ଓ ଆବଶ୍ୟକୀୟ କର୍ମଚାରୀଙ୍କ ସହ ୨୪ ଘଣ୍ଟିଆ ସେବା ଉପଲବ୍ଧ ରହିବ। ପ୍ରାଥମିକ ଚିକିତ୍ସା କେନ୍ଦ୍ର ସହ ଆମ୍ବୁଲାନ୍ସ ବ୍ୟବସ୍ଥା ମଧ୍ୟ କରାଯିବ। ସମାନ୍ତରାଳ ଭାବେ ୨୬ ଡିସେମ୍ବରଠାରୁ ଆରମ୍ଭ ହେବାକୁ ଥିବା ଗୋନାସିକା କେନ୍ଦୁଝର ମହୋତ୍ସବ ଡିସେମ୍ବର ୩୦ ତାରିଖ ଶେଷ ହେବା ପରେ ମଧ୍ୟ ମେଳାର ଷଷ୍ଠ ଦିନରୁ ଦଶମ ଦିନ ପର୍ଯ୍ୟନ୍ତ (୩୧.୧୨.୨୦୨୫ ରୁ ୦୪.୦୧.୨୦୨୬) ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଜରୁରୀକାଳୀନ ସେବା ଷ୍ଟଲ୍‌କୁ ଛାଡ଼ି ଅନ୍ୟ ସମସ୍ତ ବିଭାଗ ପାଇଁ ଷ୍ଟଲ୍ ଦର ୧୫,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ କ୍ଷିତିଶ ଚନ୍ଦ୍ର ବଳ ପରିଚାଳନା କରିଥିଲେ।

## ଆଇସିଏମ୍‌ଏଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ 'ଜିଏସଟିଆର-୯ ଏବଂ ଜିଏସଟିଆର-୯ସି' ସମ୍ପର୍କୀତ ସେମିନାର

# ଜିଏସ୍‌ଟି ଅଧିନରେ ସଠିକ୍ ବାର୍ଷିକ ରିଟର୍ଣ୍ଣ ଫାଇଲିଂର ଗୁରୁତ୍ୱ ଉପରେ ଆଲୋକପାତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଟ୍ସ ଅଫ ଇଣ୍ଡିଆ (ଆଇସିଏମ୍‌ଏଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ 'ଜିଏସଟିଆର-୯ ଏବଂ ଜିଏସଟିଆର-୯ସି' ସମ୍ପର୍କୀତ ଏକ ବୈଷୟିକ ସେମିନାର ସିଏମ୍‌ଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅମିତାଭ ଆନନ୍ଦ ସ୍ୱାଇଁ, ଅତିରିକ୍ତ କମିଶନର, ରାଜ୍ୟ ସିଟି ଏବଂ ଜିଏସଟି, ଟେରିଟୋରିଆଲ୍ ରେଞ୍ଜ, ଭୁବେନଶ୍ୱର ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତାଙ୍କ ଅଭିଭାଷଣରେ ସେ ଜିଏସ୍‌ଟି ଅଧିନରେ ସଠିକ୍ ବାର୍ଷିକ ରିଟର୍ଣ୍ଣ ଫାଇଲିଂର ଗୁରୁତ୍ୱ ଉପରେ ଆଲୋକପାତ କରିଥିବା ସହ ଉତ୍ତମ ଟାକ୍ସ ଗଭର୍ଣ୍ଣାନ୍ସ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଷୟିକ ଅଧିବେସନକୁ ଆଇସିଏମ୍‌ଏଆଇ-ଇଆଇଆର୍‌ସିର ଏବଂ ଭୁବନେଶ୍ୱର




ଚାପ୍ଟରର ପୂର୍ବତନ ଅଧ୍ୟକ୍ଷ ତଥା ଜଣାଶୁଣା କଷ୍ଟ ଆକାଉଣ୍ଟାଟ୍ ସିଏମ୍‌ଏ ଶିବପ୍ରସାଦ ପାଢୀ ମୁଖ୍ୟ ବକ୍ତା ରୂପେ ଯୋଗଦାନକରି 'ଜିଏସଟିଆର-୯ ଏବଂ ଜିଏସଟିଆର-୯ସି'ର ବ୍ୟବହାରିକ ଦିଗ, ସାମ୍ପ୍ରତିକ ସଂଶୋଧନ, କରଦାତା ସମ୍ମୁଖୀନ ହେଉଥିବା ସାଧାରଣ ସମସ୍ୟା ଏବଂ ରିପୋର୍ଟିଂ ପାଇଁ ସର୍ବୋତ୍ତମ ଅଭ୍ୟାସ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଭୁବେନଶ୍ୱର ଚାପ୍ଟରର ଚେୟାରମ୍ୟାନ୍ ସିଏମ୍‌ଏ ଶରତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଦ୍ରୁତ ଗତିରେ ବିକଶିତ ହେଉଥିବା ଜିଏସ୍‌ଟି ଢାଞ୍ଚାରେ ନିରନ୍ତର ବୃତ୍ତିଗତ ବିକାଶର ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ପ୍ରଫେସ୍‌ନାଲ ଡେଭଲପ୍‌ମେଣ୍ଟ କମିଟିର ଅଧ୍ୟକ୍ଷ ସିଏମ୍‌ଏ ବରଦା ପ୍ରସନ୍ନ ନାୟକ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ପୂର୍ବତନ ଅଧ୍ୟକ୍ଷ ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ର ଆନୁଷ୍ଠାନିକ ଭାବେ ଧନ୍ୟବାଦ ପ୍ରଦାନ କରିଥିଲେ। ସେ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି, ଅଂଶଗ୍ରହଣକାରୀଙ୍କୁ କାର୍ଯ୍ୟକ୍ରମକୁ ସଫଳ କରାଇଥିବାରୁ ଧନ୍ୟବାଦ ଦେଇଥିଲେ। ପରିଶେଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ : ୬୪୩୬ ମାମଲା ଫଇସଲା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୬୪୩୬ଟି ମୋକଦ୍ଦମା ଫଇସଲା ହୋଇଛି। ସେଥିମଧ୍ୟରୁ ୬୩୯ ଗୋଟି ଫୌଜଦାରୀ, ୧୭ ଗୋଟି ମୋଟର ଦୁର୍ଘଟଣାଜନିତ ମାମଲା, ୬୪ ଗୋଟି ଦେୱାନୀ, ୧୪ ଗୋଟି ପାରିବାରିକ କଳହ ମାମଲା ଏବଂ ରାଜସ୍ୱ ବିଭାଗର ୫୭୦୨ଟି ମାମଲା ଫଇସଲା କରାଯାଇ ମୋଟ ୮,୧୬,୦୪,୧୨୨/- ଟଙ୍କା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୭୬ ଗୋଟି, ବିଦ୍ୟୁତ ବିଭାଗର ୧୫୭ ଗୋଟି, ସ୍ଥାୟୀ ଲୋକ ଅଦାଲତର ୩ ଗୋଟି ଏବଂ



ଟେଲିଫୋନ ସମ୍ବନ୍ଧୀୟ ୧୩ ଗୋଟି ପ୍ରାକ-ବିଚାରାଧୀନ ମାମଲା ଫଇସଲା କରାଯାଇ ମୋଟ ୪୧,୫୫,୭୪୬/- ଟଙ୍କା ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତ ସିଂହାର, ଅତିରିକ୍ତ ଜିଲ୍ଲାଜଜ୍ ବିଶେଶ୍ୱର ବିଶ୍ୱ ପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟ ପ୍ରକାଶ ରାୟ ଚୌଧୁରୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ବରିଷ୍ଠ ଦେୱାନୀ ବିଚାରପତି (ଏଲଆର ଏବଂ ଏଲଟିଭି) ଲୋପାମୁଦ୍ରା ବେହେରା, ଏସ.ଡି.ଜେ.ଏମ. ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି ସୁନିତା ବିଶ୍ୱାଳ, ଜେ.ଏମ.ଏଫ.ସି. (ଏଲଆର ଏବଂ ଏଲଟିଭି), ଅଂଶୁମାନ ରଥ, ଜେ.ଏମ.ଏଫ.ସି. ବୀଣାପାଣି ତାଣ୍ଡି ଅଂଶ ଗ୍ରହଣ କରି ବିଭିନ୍ନ ମାମଲା ଗୁଡିକୁ ବିଚାର କରିଥିଲେ। ଏହି ଲୋକ-ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀ ମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଡିସେମ୍ବର ୨୦୨୫ ସୋମବାର






# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସିଡ୍‌ନୀ ଆତଙ୍କବାଦୀ ...

ଏବଂ ଆତଙ୍କବାଦର ସମସ୍ତ ପ୍ରକାର ଏବଂ ରୂପ ବିରୋଧୀ ଅଭିଯାନକୁ ସମର୍ଥନ କଲେ ।

ସୂଚନାଯୋଗ୍ୟ ଯେ ଏହି ଆକ୍ରମଣରେ ୧୨ରୁ ଊର୍ଦ୍ଧ୍ୱ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି ଓ ଦୁଇ ଜଣ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପୁଲିସ ଗୁଳିରେ ପ୍ରାଣ ହରାଇଛି ଓ ଅନ୍ୟ ଜଣକ ଗିରଫ ହୋଇଛି ।

ମୃତ ଆତଙ୍କବାଦୀର ନାଁ ନାଭିଦ୍ ଆକ୍ରାମ ଓ ତା' ବୟସ ୨୪ ବର୍ଷ ବୋଲି କୁହାଯାଉଛି। ସେ ସିଡ୍‌ନୀର ବାସିନ୍ଦା ଥିଲା । ତା'ଘର ଉପରେ ଏବେ ପୁଲିସ ପହଞ୍ଚି ଯାଞ୍ଚ ଚଳାଇଛି ।

## ବିଳମ୍ବିତ...

ଇଣ୍ଟେଲିଜେନ୍ସ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏକ ବିକଳ୍ପ ହୋଇନପାରେ । ବୈଷୟିକ ଜ୍ଞାନ କୌଶଳ ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ କିନ୍ତୁ ଡିପ୍ ଫେକ୍ ଓ ଡିଜିଟାଲ ଆରେଷ୍ଟ ଭଳି ବାତାବରଣରେ ଏହା ଏତେ ସହାୟକ ହୋଇନପାରେ ବୋଲି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ମତ ଦେଇଛନ୍ତି।

ଦେଶର ବିଭିନ୍ନ ଅଦାଲତରେ ମାମଲା ବୋଝ ଏବେ ବଡ଼ ଚିନ୍ତାର କାରଣ ପାଲଟିଛି । ଆଇନ ବ୍ୟବସ୍ଥା ପାଇଁ ଏହା ଯେତିକି ଚିନ୍ତାଜନକ ମାମଲାରେ ପକ୍ଷଭୁକ୍ତ ଲୋକମାନଙ୍କ ପାଇଁ ମଧ୍ୟ ସେତିକି ଚିନ୍ତାଜନକ ବୋଲି ଉଭୟ ହାଇକୋର୍ଟ ଓ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ମତ ପୋଷଣ କରିଛନ୍ତି । ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ ଏ ସମ୍ପର୍କରେ ନିଜର ମତ ରଖି କହିଛନ୍ତି, ରିଟ୍ ପିଟିସନ୍ ସଂଖ୍ୟା ବଢିବାରୁ କେଶ୍ ସଂଖ୍ୟା ବଢୁଛି । ତେଣୁ ଅଦାଲତ ଗୁଡିକରେ ମାମଲା ସଂଖ୍ୟା କମାଇବାରେ କାର୍ଯ୍ୟପାଳିକାର ବଡ଼ ଦାୟିତ୍ୱ ରହୁଛି । କାର୍ଯ୍ୟପାଳିକା ପାଖକୁ ଆସୁଥିବା ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ହେଲେ, ସେଗୁଡିକ ଆଉ ଅଦାଲତକୁ ଆସନ୍ତା ନାହିଁ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ ମତ ଦେଇଛନ୍ତି । ଏହାସହ ଏହା ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଚାରପତିଙ୍କ ସଂଖ୍ୟା ବଢିବା ଆବଶ୍ୟକ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି କହିଛନ୍ତି । କିନ୍ତୁ ମାମଲା ବୋଝ କମାଇବା ସହ ପକ୍ଷଭୁକ୍ତ ଲୋକମାନେ କମ୍ ଖର୍ଚ୍ଚରେ ନ୍ୟାୟ ପାଇବାର ପ୍ରକୃଷ୍ଟ ବ୍ୟବସ୍ଥା ହେଉଛି ମଧ୍ୟସ୍ଥତା ଜରିଆରେ ମାମଲାର ସମାଧାନ କରିବା । ମଧ୍ୟସ୍ଥତା ଓ ଅଲ୍‌ଟରନେଟିଭ ଡିସପ୍ୟୁଟ ରିଜୋଲୁସନ (ଏଡିଆର) ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି କହିଛନ୍ତି ।

ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟ ବାରରେ ୫୦ ବର୍ଷରୁ ଅଧିକ ସମୟ ଧରି ପ୍ରାକ୍ଟିସ କରିଥିବା ଆଇନଜୀବୀମାନଙ୍କୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାର୍ କାଉନସିଲ ଅଫ ଓଡ଼ିଶାର ଅଧ୍ୟକ୍ଷ, ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ଓ ଆଡଭୋକେଟ୍ ଜେନେରାଲ ପ୍ରମୁଖ ଯୋଗ ଦେଇଥିଲେ।

## ବିଜେପି ରାଷ୍ଟ୍ରୀୟ ...

ମଧ୍ୟ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଥିଲା। ନୀତିନ ନବୀନଙ୍କ ବୟସ ୪୫ ବର୍ଷ ଏବଂ ତାଙ୍କର ସରକାର ଏବଂ ସଂଗଠନରେ ଯଥେଷ୍ଟ ଅଭିଜ୍ଞତା ରହିଛି।

ବିଜେପିର ଜାତୀୟ ସାଧାରଣ ସମ୍ପାଦକଙ୍କ ଦ୍ୱାରା ଜାରି ଏକ ଚିଠିରେ କୁହାଯାଇଛି, ଭାରତୀୟ ଜନତା ଦଳର ସଂସଦୀୟ ବୋର୍ଡ ବିହାର ସରକାରଙ୍କ ମନ୍ତ୍ରୀ ନୀତିନ ନବୀନଙ୍କୁ ବିଜେପିର ଜାତୀୟ କାର୍ଯ୍ୟକାରୀ ସଭାପତି ଭାବରେ ନିଯୁକ୍ତ କରିଛି। ଉପରୋକ୍ତ ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ।

ନୀତିନ ନବୀନଙ୍କ ପିତା ନବୀନ କିଶୋର ପ୍ରସାଦ ସିହ୍ନା ଜଣେ ଦୃଢ଼ ବିଜେପି ନେତା ଥିଲେ। ତାଙ୍କ ମୃତ୍ୟୁ ପରେ ଉପ-ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଜନସାଧାରଣ ସେହି ପରିବାରର ପୁଅ ଉପରେ ସେମାନଙ୍କର ବିଶ୍ୱାସ ପ୍ରକାଶ କରିଥିଲେ। ଏହି ମୁହୂର୍ତ୍ତରେ ନୀତିନ ନବୀନଙ୍କ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ବିହାର ରାଜନୀତିରେ ଏକ ଉଜ୍ଜ୍ୱଳ ଅଧ୍ୟାୟ ହୋଇଗଲା।

ସେ ଲଗାତାର ଚାରିଥର ବାଙ୍କିପୁର ଆସନରୁ ବିଜୟୀ ହୋଇଥିଲେ। ରାସ୍ତା ନିର୍ମାଣ ମନ୍ତ୍ରୀ ଭାବରେ ସେ ଜଣେ ଯୁବ, ଶକ୍ତିଶାଳୀ ଏବଂ ପରିଶ୍ରମୀ ନେତା ଭାବରେ ନିଜର ଖ୍ୟାତି ପ୍ରତିଷ୍ଠା କରିଥିଲେ। କିନ୍ତୁ ଏହା ସମାନ ସତ୍ୟ ଯେ ଏହି ଦୀର୍ଘ ରାଜନୈତିକ ଯାତ୍ରାରେ ତାଙ୍କର ପ୍ରଥମ ପଦକ୍ଷେପ ଐତିହ୍ୟର ବଳରେ ନିଆଯାଇଥିଲା, ଯେଉଁଠାରେ ତାଙ୍କ ପିତାଙ୍କ ଖ୍ୟାତି ତାଙ୍କୁ ରାଜନୈତିକ ଭିଡ଼ରୁ ଅଲଗା କରିଥିଲା।

## ନୀତିନ ନବୀନଙ୍କୁ ...

ସଂଗଠନକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରିଛନ୍ତି।

## ରାଜକୁମାର...

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ସଚିବ (ସୀମା ପରିଚାଳନା) ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ କେନ୍ଦ୍ର ଏବଂ ଜମ୍ମୁ ଏବଂ କଶ୍ମୀରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ। ସେପ୍ଟେମ୍ବର ୧୩ରେ ହିରାଲାଲ ସମରିଆଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରଠାରୁ ସିଆଇସି ପଦବୀ ଖାଲି ପଡ଼ିଥିଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ସଦସ୍ୟ ବିଶିଷ୍ଟ ପ୍ୟାନେଲ ବୁଧବାର ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ସୂଚନା କମିଶନ ପାଇଁ ଆଠ ଜଣ ସୂଚନା କମିଶନରଙ୍କ ନାମ ମଧ୍ୟ ସୁପାରିଶ କରିଥିଲେ। ପ୍ୟାନେଲର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମିଲ ଥିଲେ।

ସୂଚନା କମିଶନର ନେତୃତ୍ୱ ଜଣେ ସିଆଇସି ଥାଆନ୍ତି ଏବଂ ସର୍ବାଧିକ ଦଶ ଜଣ ଆଇସି ରହିପାରିବେ। ବର୍ତ୍ତମାନ, ଆନନ୍ଦୀ ରାମଲିଙ୍ଗମ ଏବଂ ବିନୋଦ କୁମାର ତିୱାରୀ ସୂଚନା କମିଶନର ଭାବରେ କାର୍ଯ୍ୟ କରୁଛନ୍ତି।

## ପୋତି ହେଉଛି ...

ପ୍ରତିବର୍ଷ ହ୍ରଦ ଗର୍ଭକୁ ଏହାର ନଦୀ, ଉପନଦୀ ଓ ନାଳ ଦ୍ୱାରା ପ୍ରାୟ ୮ ଲକ୍ଷ ଟନର ପଟୁମାଟି ପ୍ରବେଶ କରି କିଛି ମାତ୍ରାରେ ପୋତି ଦେଉଛି। ଏଥିସହ ଜଳବାୟୁ ପରିବର୍ତ୍ତନ, ଅଦିନିଆ ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବ ଦ୍ୱାରା ପଟୁମାଟି ଚିଲିକା ଗର୍ଭକୁ ପ୍ରବେଶ କରୁଛି। ତେଣୁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପ୍ରତି ମାସରେ ୩୩ଟି ନିରୀକ୍ଷଣ କେନ୍ଦ୍ର ମାଧ୍ୟମରେ ୧୭ଟି ମାପକକୁ ନେଇ ଚିଲିକାରେ ଥିବା ଜଳର ମାନ ପରୀକ୍ଷଣ କରୁଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ବିଧାନସଭାରେ ଏକ ଲିଖିତ ଉତ୍ତରରେ କହିଥିଲେ।

## ଆତଙ୍କବାଦୀଙ୍କ ଆଖିବୁଜା...

ପ୍ରିସିଙ୍କ୍ଟରେ ପରିସ୍ଥିତି ଅସ୍ପଷ୍ଟ, କିନ୍ତୁ ପୋଲିସ ମୁତୟନ କରାଯାଇଛି ଏବଂ ପରିସ୍ଥିତିର ମୂଲ୍ୟାଙ୍କନ କରାଯାଉଛି। ପୋଲିସ ଘଟଣାସ୍ଥଳରେ ଥିବା ଲୋକମାନଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଏବଂ ସରକାରୀ ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରିଛି।

## ଆମର ସଂସ୍କୃତି...

ବଞ୍ଚାନ୍ତି, ପରନ୍ତୁ କାର୍ବନ ଉତ୍ସର୍ଜନ ମଧ୍ୟ କମ୍ କରନ୍ତି।

ରାଷ୍ଟ୍ରପତି କହିଛନ୍ତି ଯେ ଶକ୍ତି ସଂରକ୍ଷଣକୁ ନେଇ ଯୁବଗୋଷ୍ଠୀ ଏବଂ ପିଲାମାନଙ୍କୁ ଜାଗରୁକ କରିବା। ଏହାଦ୍ୱାରା ଶକ୍ତି ସଂରକ୍ଷଣ ଲକ୍ଷ୍ୟକୁ ପାଇବା ସହିତ ଦେଶର ସତତ ବିକାଶ ସୁନିଶ୍ଚିତ କରିପାରିବା।

# କେନ୍ଦୁଝରରୁ ଉଦ୍ଧାର ହୋଇଥିବା ୬ ମାସର ଛୁଆ ହାତୀର ନୂଆ ଠିକଣା ହେଲା ଚନ୍ଦକା

ବାରଙ୍ଗ, ନ୍ୟୁଜ ବ୍ୟୁରୋ

ଚନ୍ଦକା ଆସିଲା କେନ୍ଦୁଝରରୁ ଉଦ୍ଧାର ହୋଇଥିବା ୬ ମାସର ହାତୀଛୁଆ। ହାତୀ ଛୁଆକୁ ଚନ୍ଦକା ଅଭୟାରଣ୍ୟର କୁମାରଖୁଣ୍ଟିରେ ରଖାଯାଇଛି । ପିସିସିଏଫ (ବନ୍ୟପ୍ରାଣୀ)ଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ବନ ବିଭାଗର ଏକ ଟିମ୍ ସ୍ୱତନ୍ତ୍ର ଗାଡ଼ି ଯୋଗେ ହାତୀ ଛୁଆକୁ ନେଇ ରବିବାର ଅପରାହ୍ନରେ ଚନ୍ଦକାରେ ପହଞ୍ଚିଛନ୍ତି। ପରେ ଚନ୍ଦକା ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟଙ୍କ ନେତୃତ୍ୱରେ ୬ ମାସର ହାତୀ ଛୁଆକୁ କୁମାରଖୁଣ୍ଟିରେ ଥିବା ବାଳ ହସ୍ତୀ ଭବନକୁ ସ୍ଥାନାନ୍ତର କରାଯାଇଛି । ଯେଉଁଠାରେ ହାତୀ ଶାବକଙ୍କ ଯତ୍ନ ନିଆଯାଇଥାଏ। ସେଠାରେ ହାତୀଛୁଆକୁ ଏକ ସପ୍ତାହରୁ ଊର୍ଦ୍ଧ ସମୟ ପର୍ଯ୍ୟନ୍ତ



କ୍ୱାରେଣ୍ଟାଇନରେ ରଖାଯିବ। ସେହି ମଧ୍ୟରେ ହାତୀ ଛୁଆଟିର ସ୍ୱାବ ଟେଷ୍ଟ କରାଯିବ। ପରେ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରାଯାଇ ଅନ୍ୟ ହାତୀମାନଙ୍କ ସହ ମିଶିବ। ଚନ୍ଦକା ବନଖଣ୍ଡ ଏସିଏଫ ବିନ୍ଦୁ ପ୍ରସାଦ ପ୍ରଧାନ, ଚନ୍ଦକା ବନାଞ୍ଚଳ ଅଧିକାରୀ ଉତ୍ତମ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନା ମୁତାବକ ଚଳିତ ମାସ ୧ ତାରିଖରେ ଭୂୟାଁ ଜୁଆଙ୍ଗା ପିଢା ରେଞ୍ଜର ସୁକାଡାଲା ଗ୍ରାମରୁ ଏହି ହାତୀ ଛୁଆଟିକୁ ଉଦ୍ଧାର କରାଯାଇଥିଲା। ଏକ ହାତୀପଲ ଶୁକଡଲା ଗାଁ ନିକଟ ଘଞ୍ଚ ଜଙ୍ଗଲରେ ଡେରା ପକାଇଥିବା ବେଳେ ୬ ମାସର ଏହି ଅଣ୍ଡିରା ହାତୀ ଛୁଆଟି ପ୍ରାୟ ୫ ଫୁଟର ଗଭୀର ଗାତ ଭିତରେ ପଡିଯାଇଥିଲା। ପରେ ହାତୀପଲ ଓ ମା'ତାକୁ ସେଠାରେ ଛାଡ଼ି ଚାଲିଯାଇଥିଲେ। ବନ ବିଭାଗ ହାତୀ ଛୁଆଟିକୁ ଅତି ସତର୍କତାର ସହ ଗାତ ମଧ୍ୟରୁ ଉଦ୍ଧାର କରିଥିଲେ। ପରେ ପରେ ଏକାଧିକ ବାର ଛୁଆଟିକୁ ହାତୀ ପଲ ଓ ମା ପାଖରେ ଛାଡ଼ିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ମା ତାକୁ ଆଉ ଗ୍ରହଣ କରିନଥିଲା। ଶେଷରେ ହାତୀ ଛୁଆକୁ ପଦ୍ମପୁର ସ୍ଥିତ ପଦ୍ମପୁରର ହାତୀ ଉଦ୍ଧାର କେନ୍ଦ୍ରରେ ରଖାଯାଇଥିଲା। ପିସିସିଏଫ (ବନ୍ୟପ୍ରାଣୀ)ଙ୍କ ନିର୍ଦ୍ଦେଶ କ୍ରମେ ଦୀର୍ଘଦିନ ପରେ ହାତୀ ଛୁଆର ଯତ୍ନ ନେବାକୁ ଚନ୍ଦକା ସ୍ଥାନାନ୍ତର କରାଯାଇଛି।

# କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ



**କନ୍ଧମାଳ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରବିବାର ଅଚାନକ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପରିଦର୍ଶନରେ ଆସି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ସେମାନଙ୍କ ମତାମତ ଗ୍ରହଣ କରିଥିଲେ। ଏଥିସହ କୋଭିଡ଼ ଯୋଦ୍ଧାଙ୍କ ସ୍ମୃତିରେ ଡାକ୍ତରଖାନା ପରିସରରେ ବୃକ୍ଷରୋପଣ କରିଥିଲେ। ରୋଗୀ ସେବା, ଭିତ୍ତିଭୂମି, ସ୍ୱଚ୍ଛତା ଇତ୍ୟାଦିକୁ ଗୁରୁତ୍ୱ ଦେବା ସମ୍ପର୍କରେ ଡାକ୍ତରଖାନା ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଜଗଦୀଶ ସେଠୀଙ୍କ ସହ ବିସ୍ତୃତ ଆଲୋଚନା ଓ ବିଚାର ବିମର୍ଶ କରିଥିଲେ । ବିଶେଷ କରି ମେଡ଼ିକାଲ ଅଫିସର ଡକ୍ଟର ସେଠି ଉଚ୍ଚ ଶିକ୍ଷା ପାଇଁ ତାଲିମରେ ଯିବାକୁ ଥିବା ହେତୁ ତାଙ୍କ ସ୍ଥାନରେ ଅନ୍ୟ ଦକ୍ଷ ଡାକ୍ତର ନିଯୁକ୍ତି ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରିଛି । ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖି ସ୍ଥାନୀୟ ସଚେତନ ନାଗରିକମାନେ ଡାକ୍ତର ନିଯୁକ୍ତି ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଅଂଚଳର ଜନସାଧାରଣଙ୍କ ଦାବିକୁ ଅନୁଧ୍ୟାନ କରି ଖୁବଶୀଘ୍ର ଡାକ୍ତର ନିଯୁକ୍ତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀ ଶ୍ରୀ ମହାଲିଙ୍ଗଙ୍କ ସହିତ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ସାମ୍ବାଦିକ ପ୍ରଭାତ ସାହୁ ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ, ଆଇନଜୀବୀ ଯଦୁହାରୀ ବାଘ ସମେତ ଅଞ୍ଚଳବାସୀ ଓ ବିଜେପି ନେତାମାନେ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏଥିପାଇଁ ଆବଶ୍ୟକୀୟ ସମସ୍ତ ସହଯୋଗ ଯୋଗାଇଦେବା ନିମନ୍ତେ ଲୋକଙ୍କ ସରକାର ପ୍ରତିବଦ୍ଧ ଅଟନ୍ତି ବୋଲି କହିଥିଲେ । ପରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପଲସାଗୋରାକୁ ଜନୈକ ବିଜେପି ଯୁବନେତାଙ୍କ ବିବାହ ଭୋଜିରେ ଯୋଗଦେବା ପାଇଁ ଯାଇଥିଲେ ।

# ନବୀନ ବାବୁ ଦରମା ଉପରେ ନିର୍ଭରଶୀଳ ନୁହନ୍ତି : ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନନେବା ଦଳ ତରଫରୁ ଆମକୁ ଅବଗତ କରାଯାଇଛି । ସେ ଆଦର୍ଶଗତ ନିଷ୍ପତ୍ତି ନେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସେ ନିଷ୍ପତ୍ତି ନାହିଁ। ଆପଣ ମାନେ ଦରମା ତ୍ୟାଗ କରନ୍ତୁ। ବିଜେଡି ଦରମା ବୃଦ୍ଧି ପାଇଁ ଦାବି କରିବା ସହ ବିଲ୍‌କୁ ସମର୍ଥନ କରିଥିଲା । ତେଣୁ ତାକୁ ବିରୋଧ କରିବାର ପ୍ରଶ୍ନ କାହିଁକି ଉଠୁଛି। ବାସ୍ତବ ସମସ୍ୟାକୁ ବୁଝନ୍ତୁ। ଲୋକ କହିବେ, ସେମାନଙ୍କର କହିବାର ଅଧିକାର ଅଛି। କିନ୍ତୁ ଲୋକ ବୁଝିବା ଦରକାର । କାହିଁକି ଦରମା ବଢ଼ାଗଲା। ଯୁକ୍ତି ଅଛି ନାଁ ନାହିଁ ତାହା ବୁଝିବା ଦରକାର ବୋଲି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି, ଏହା ନିୟମିତ ବ୍ୟବଧାନରେ ଦରମା ବଢ଼େ। ୨୦୧୮ ମସିହା ପରେ ୨୫ରେ ଏ ନିଷ୍ପତ୍ତି ହେଲା। ଯେତେବେଳେ ଦରବୃଦ୍ଧି ବଢ଼ିଲା। ସାଂସଦମାନଙ୍କର ଦରମା ମଧ୍ୟ ବଢିଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ପଛରେ ଥିଲା। ଦରମା ବଢି ନାହିଁ। ଆନୁଷଙ୍ଗିକ ଖର୍ଚ୍ଚ ବଢିଛି। ବିଧାୟକମାନେ ବହୁ କଷ୍ଟରେ ଚଳୁଛନ୍ତି । କେତେ ଆବଶ୍ୟକ ତା'ର, ଅନ୍ତତଃ ସମ୍ମାନର ସହ ବଞ୍ଚିବା ପାଇଁ ସର୍ବନିମ୍ନ ଆବଶ୍ୟକତା ଦେବେ। ରାଷ୍ଟ୍ରପତି ୧୦ ଲକ୍ଷ ଟଙ୍କା ପାଉଛନ୍ତି। କାହିଁକି ପାଇବେ । କେହି କେବେ ପ୍ରଶ୍ନ କରିଛନ୍ତି। ତାଙ୍କର ସବୁ ଖର୍ଚ୍ଚ କେନ୍ଦ୍ର ସରକାର ଦେଉଛନ୍ତି। ରାଜ୍ୟପାଳ କାହିଁକି ୫ଲକ୍ଷ ଟଙ୍କା ଦରମା ହେବ ? ବଢ଼ାଯିବା ନିଷ୍ପତ୍ତି ଯଥାର୍ଥ। ବିଜେଡି ଏହାକୁ ସମର୍ଥନ କରୁଛି। ମୁଁ ଓ ପ୍ରମିଳା ମଲ୍ଲିକ ଏହାକୁ ସ୍ୱାଗତ କରିଛନ୍ତି। ନବୀନ ପଟ୍ଟନାୟକ ଭିନ୍ନ ମଣିଷ। ସେ ସହାନୁଭୂତି ସପକ୍ଷରେ ନାହାନ୍ତି। ତାଙ୍କର ଅର୍ଥ ଲୋଭ ନାହିଁ। ତାଙ୍କ ତ୍ୟାଗର ଉଦାହରଣ ମଧ୍ୟ ଅଛି। ସେ ଆମ ଭଳି ନିର୍ଭରଶୀଳ ନୁହଁନ୍ତି। ନିଜର ଆବଶ୍ୟକତା ପାଇଁ। ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି।'

# ଏନଆଇସି-ଓଡ଼ିଶାକୁ ମିଳିଲା ଏକ୍ସଲେନ୍ସ ଇନ୍ ଡିଜିଟାଲ୍ ଗଭର୍ଣ୍ଣାନ୍ସ ପୁରସ୍କାର




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ନ୍ୟାସନାଲ ଇନଫର୍ମେଟିକ୍ସ ସେଣ୍ଟର (ଏନଆଇସି)କୁ ଏକ୍ସଲେନ୍ସ ଇନ୍ ଡିଜିଟାଲ୍ ଗଭର୍ଣ୍ଣାନ୍ସ ପୁରସ୍କାର ପ୍ରଦାନ କରାଯାଇଛି । ଡିଇପିଏମ୍‌ଓଏସ୍ (ରପ୍ତାନୀ ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶାଳୟ-ଅନଲାଇନ୍ ସେବା ନିର୍ଦ୍ଦେଶାଳୟ) ପ୍ରକଳ୍ପ ପାଇଁ ଏହି ପୁରସ୍କାର ଦିଆଯାଇଛି। ଡିଇପିଏମ୍‌ଓଏସ୍ ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ଇ-ଗଭର୍ଣ୍ଣାନ୍ସ ପଦକ୍ଷେପ। ଯାହା ଏମଏସଏମଇ ବିଭାଗ ଅଧୀନରେ ରପ୍ତାନୀ ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶାଳୟ (ଡିଇପିଏମ) ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡ଼ିକୁ ଡିଜିଟାଇଜ କରିବା ପାଇଁ ଏନ୍‌ଆଇସି ଦ୍ୱାରା ବିକଶିତ ଏବଂ କାର୍ଯ୍ୟକାରୀ କରାଯାଇଛି । ଏହା ପଞ୍ଜୀକରଣ, ଚୁକ୍ତିନାମା, ଯାଞ୍ଚ ଇତ୍ୟାଦି ସହିତ ଜଡିତ ପ୍ରମୁଖ ପ୍ରକ୍ରିୟାଗୁଡ଼ିକୁ ସ୍ୱୟଂଚାଳିତ କରି ଏମଏସଏମଇ ଗୁଡ଼ିକୁ ସମର୍ଥନ କରିବା ଲକ୍ଷ୍ୟ ରଖିଛି । ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାରେ ଏମଏସଏମଇ ପାଇଁ ସେବା ପ୍ରଦାନରେ ଯଥେଷ୍ଟ ଉନ୍ନତି ଆସିଛି, କାର୍ଯ୍ୟସମୟ ହ୍ରାସ ପାଇଛି ଏବଂ ସରକାରୀ କ୍ରୟ ଏବଂ ମାର୍କେଟିଂରେ ସ୍ୱଚ୍ଛତା ହୋଇଛି । ୧୯ତମ ଡିଜିଟାଲ ଟ୍ରାନ୍ସଫର୍ମେଶନ କନକ୍ଲେଭରେ ଭାରତ ସରକାରଙ୍କ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟର ଯୁଗ୍ମ ସଚିବ (ସାଇବର) ମେଜର ଜେନେରାଲ ମନଜିତ ସିଂହ, ଏସଏମ ଏବଂ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା ପ୍ରଦାନ କରିଥିଲେ। ଏହି ପୁରସ୍କାର ଏନଆଇସି ଓଡ଼ିଶାର ନିର୍ଦ୍ଦେଶକ (ଆଇଟି) ମହମ୍ମଦ ମୋଜିବୁଲ୍ଲା ଖାନ ଗ୍ରହଣ କରିଛନ୍ତି। ଏହି ପୁରସ୍କାର ଡିଜିଟାଲ ଗଭର୍ଣ୍ଣାନ୍ସ କ୍ଷେତ୍ରରେ ନବସୃଜନ, ସମର୍ପଣ ଏବଂ ପରିବର୍ତ୍ତନର ଏକ ପ୍ରମାଣ।

# ଏମ୍ସ ଅର୍ଥୋପେଡିକ୍ ବିଭାଗର ଜୀବନ ପରିବର୍ତ୍ତନକାରୀରେ ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏମ୍ସ ଭୁବନେଶ୍ୱର ଅର୍ଥୋପେଡ଼ିକ୍ ବିଭାଗ ଦ୍ୱାରା କରାଯାଇଥିବା ଉଲ୍ଲେଖନୀୟ ଚିକିତ୍ସା ସଫଳତା ଜଣେ ଯୁବକଙ୍କ ଜୀବନରେ ପ୍ରାୟ ଦୁଇ ଦଶନ୍ଧି ପରେ ଅସରନ୍ତି ଖୁସି ଆଣିଦେଇଛି । ଆମ ରାଜ୍ୟ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ୩୭ବର୍ଷୀୟ ଯୁବକ ବିଶ୍ୱ ଭୂଷଣ ରାଉତ ପ୍ରାୟ ୨୦ବର୍ଷ ଧରି ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ରୋଗରେ ପୀଡ଼ିତ ଥିଲେ। ମାତ୍ର ଏମ୍ସ ଭୁବନେଶ୍ୱର ଅର୍ଥୋପେଡ଼ିକ୍ ବିଭାଗ ପକ୍ଷରୁ ତାଙ୍କର ତିନୋଟି ଜଟିଳ ଅସ୍ତ୍ରୋପଚାର ପରେ ସେ ଏକ ନୂତନ ଜୀବନ ଲାଭ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶ୍ରୀ ରାଉତଙ୍କ ମେରୁଦଣ୍ଡ ଏବଂ ଉଭୟ ନିତମ୍ବ ସମ୍ପୂର୍ଣ୍ଣ ମିଶିବା ଭଳି ଅବସ୍ଥାରେ ଥିଲା। ଫଳରେ ତାଙ୍କ ଶୁଣ୍ଡି ବଙ୍କା ହୋଇଯାଇଥିଲା ଏବଂ ବେକରୁ ନିତମ୍ବ ପର୍ଯ୍ୟନ୍ତ ଅଚଳ ହୋଇଯାଇଥିଲା । ତାଙ୍କ ମେରୁଦଣ୍ଡ ଏବଂ ଜଙ୍ଘ ପ୍ରାୟ ୧୫୦-ଡିଗ୍ରୀ ବଙ୍କି ଯାଇଥିଲା। ତାଙ୍କ ମୁହଁ ପ୍ରାୟ ତାଙ୍କ ଜଙ୍ଘକୁ ଛୁଇଁ ସାରିଥିଲା। ଏପରି ଗୁରୁତର ଅବସ୍ଥା ତାଙ୍କ ଦୈନନ୍ଦିନ ଜୀବନକୁ ଗୁରୁତର ଭାବରେ ପ୍ରଭାବିତ କରିଥିଲା।



ଚାଲିବା, ବସିବା ଏବଂ ଶୋଇବା ଅତ୍ୟନ୍ତ କଷ୍ଟକର କରିଦେଇଥିଲା, ଯାହାକି ତାଙ୍କ ଜୀବନକୁ ଦୁର୍ବିସହ କରିଥିଲା । ଅତ୍ୟନ୍ତ ଜଟିଳ ଅବସ୍ଥା ଏବଂ ଅପ୍ରତ୍ୟାଶିତ ଅସ୍ତ୍ରୋପଚାର ବିପଦ କାରଣରୁ ପକ୍ଷାଘାତର ଯଥେଷ୍ଟ ସମ୍ଭାବନା ଥିବାରୁ ଓଡ଼ିଶାର ଅନେକ ହସ୍ପିଟାଲ ଏବଂ ଭାରତର ଅନ୍ୟାନ୍ୟ ପ୍ରମୁଖ ପ୍ରତିଷ୍ଠାନ ତାଙ୍କ କେସ୍ ଗ୍ରହଣ କରିପାରିନଥିଲେ। ତାଙ୍କର ଆର୍ଥିକ ସଙ୍କଟ ଉଚ୍ଚମାନର ଘରୋଇ ସ୍ୱାସ୍ଥ୍ୟସେବା ପାଇବାକୁ ବାଧା ସୃଷ୍ଟି କରିଥିଲା। ତେବେ ଏମ୍ସ ଭୁବନେଶ୍ୱର ଅର୍ଥୋପେଡ଼ିକ୍ସ ବିଭାଗ ଓପିଡିକୁ ଏକ ଆଶା ନେଇ ଆସିଥିଲେ । ସେଠାରେ ବିଭାଗୀୟ ସହକାରୀ ପ୍ରଫେସର୍ ଡ. ଦୀପକ ନେରାଡି ବିଶ୍ୱଙ୍କୁ ପରୀକ୍ଷା ନିରୀକ୍ଷା ପରେ ବିଭାଗୀୟ ମୁଖ୍ୟ ଡ. ବିଷ୍ଣୁ ପ୍ରସାଦ ପାତ୍ରଙ୍କ ମାର୍ଗଦର୍ଶନରେ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କଲେ। ଡ. ନେରାଡି ଏବଂ ଡ. ଗୁରୁଦୀପ ଦାସ ନ୍ୟୁରୋମନିଟରିଂ, ବୋନ୍ ସ୍କେଲପେଲ୍, ହାଇ-ସ୍ପିଡ୍ ବର୍ ଏବଂ ସର୍ଜିକାଲ୍ ମାଇକ୍ରୋସ୍କୋପ୍ ଭଳି ଉନ୍ନତ ଉପକରଣ ବ୍ୟବହାର କରି ଏହି ଜଟିଳ ଅସ୍ତ୍ରୋପଚାରକୁ ସଫଳତାର ସହ ସମ୍ପନ୍ନ କରିଥିଲେ। ଉକ୍ତ ଯୁବକଙ୍କର ଦୁଇଟି ଯାକ ହିପ୍ ରିପ୍ଲେସମେଣ୍ଟ୍ କରାଯିବା ସହ ମେରୁଦଣ୍ଡ ବିକୃତି ସଂଶୋଧନ ସଫଳତାର ସହିତ କରିଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ ରୋଗୀଙ୍କୁ ଭେଟି ବିଭାଗ ଏବଂ ପ୍ରକ୍ରିୟାରେ ସାମିଲ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅତ୍ୟଧିକ ଜଟିଳ ମେରୁଦଣ୍ଡ ଏବଂ ଏହି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏପରି ସଫଳ ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ନିଜେ ଡ. ବିଶ୍ୱାସ ଯୁବକଙ୍କ ନିକଟକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବିଶ୍ୱସ୍ତରୀୟ ସୁବିଧା ଏବଂ ବିଶେଷଜ୍ଞତା ସହିତ ଏମ୍ସ ଭୁବନେଶ୍ୱର ପୂର୍ବ ଭାରତରେ ଅସ୍ଥିଶଲ୍ୟ ଚିକିତ୍ସା କ୍ଷେତ୍ରରେ ଉନ୍ନତ ରୋଗୀ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଆନାସ୍ଥେସିଆ ବିଭାଗୀୟ ମୁଖ୍ୟ ଡ. ସତ୍ୟଜିତ ମିଶ୍ରଙ୍କ ନେତୃତ୍ୱରେ ଆନାସ୍ଥେସିଆ ଦଳର ଉତ୍ସର୍ଗୀକୃତ ସମର୍ଥନ ଅସ୍ତ୍ରୋପଚାରକୁ ତ୍ରୁଟିଶୂନ୍ୟ କରିଥିଲା। ଉକ୍ତ ତିନି ଅସ୍ତ୍ରୋପଚାର ପରେ ଯୁବକଜଣଙ୍କ ସ୍ୱାଭାବିକ ଭାବେ ବସିପାରୁଛନ୍ତି, ଠିଆ ହୋଇପାରୁଛନ୍ତି, ଚାଲିପାରୁଛନ୍ତି, ଏବଂ ସିଧା ଆଗକୁ ଚାହିଁ ମଧ୍ୟ ପାରୁଛନ୍ତି। ଏହା ତାଙ୍କ ଜୀବନର ଗୁଣବତ୍ତା ଏବଂ କାର୍ଯ୍ୟକ୍ଷମତାରେ ଏକ ନାଟକୀୟ ଉନ୍ନତି ଆଣିଛି। ବେସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଏପରି ଅସ୍ତ୍ରୋପଚାର ସାଧାରଣତଃ ୨୫ରୁ ୫୦ ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ମାତ୍ର ଶ୍ରୀ ରାଉତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ମାଗଣା ଚିକିତ୍ସା ପାଇଥିଲେ।

## ରାଜ୍ୟସ୍ତରୀୟ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# 'ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ପ୍ରଜ୍ଞାଦୀପ୍ତ ପୁରୁଷ' : ମୁଖ୍ୟ ଅତିଥି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଥିଲେ ସଂଗ୍ରାମୀ, ସଂସ୍କାରକ ଓ ସମାଜସେବକ । ସେ ଥିଲେ ପ୍ରଜ୍ଞାଦୀପ୍ତ ପୁରୁଷ। ସେ ଓଡ଼ିଆ ପତ୍ରପତ୍ରିକା ଓ ଭାଷା ଆନ୍ଦୋଳନର ଭିତ୍ତି ସ୍ଥାପନ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ତାଙ୍କ ଉଦ୍ୟମ ତାଙ୍କୁ ଏହି ଆନ୍ଦୋଳନର ପ୍ରମୁଖ ବିନ୍ଧାଣୀ ଭାବରେ ସ୍ମରଣୀୟ ରଖିଛି। ତାଙ୍କର ଗଭୀର ବୁଦ୍ଧି ଏବଂ ନେତୃତ୍ୱ ଅନେକ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଏକଜୁଟ କରିବା ସହିତ ଏକ ପୃଥକ ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ପ୍ରେରଣା ଦେଇଥିଲା। ତାଙ୍କର ଜ୍ଞାନ ଏବଂ ନିଷ୍ଠା କେବଳ ବ୍ରିଟିଶ ସରକାରଙ୍କୁ ଆହ୍ୱାନ କରିନଥିଲା ବରଂ ଅଗଣିତ ବ୍ୟକ୍ତିଙ୍କ ହୃଦୟ ଜିତିଥିଲା ବୋଲି ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ରବିବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ତଥା ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ କହିଲେ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ଥିଲେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ। ତାଙ୍କ ୧୫୮ତମ ଜୟନ୍ତୀ ଅବସରରେ ମୁଁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି । ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଜଣେ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାହିତ୍ୟିକ ଏବଂ ସମ୍ପାଦକ ଥିଲେ । ସେ ଓଡ଼ିଆ ପତ୍ରପତ୍ରିକା ଓ ଭାଷା ଆନ୍ଦୋଳନର ଭିତ୍ତି ସ୍ଥାପନ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ କାମ କରି ସେ ଓଡ଼ିଆ ଅସ୍ମିତାକୁ ମଜବୁତ କରିଛନ୍ତି । ରାଜ୍ୟରେ ସାଂସ୍କୃତିକ ଜାଗରଣ ଏବଂ ସମାଜ ସଂସ୍କାରକ ଭାବେ ତାଙ୍କ କୃତି ଓ ସ୍ୱୀକୃତିକୁ ଏ ଜାତି ଆଜି ବି ସ୍ମରଣ କରୁଛି । ସେ ଓଡ଼ିଆ ଭାଷା ସାହିତ୍ୟର ପୃଷ୍ଠପୋଷକ ଥିଲେ । ଜଣେ ପ୍ରଜ୍ଞାଦୀପ୍ତ ପୁରୁଷ ଭାବେ ଓଡ଼ିଆ ଜାତି ତାଙ୍କୁ ସବୁଦିନ ପାଇଁ ମନେ ରଖିବା ସହିତ ଓଡ଼ିଶା ଇତିହାସରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଥିଲେ ।

ବିଶିଷ୍ଟ ଶିକ୍ଷାବିତ,ଗବେଷକ ତଥା ଲେଖକ ଓଡ଼ିଶା ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାରତ୍ନଙ୍କ ଜୀବନୀ ଓ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ସେ କହିଲେ ଯେ ବିଦ୍ୟାରତ୍ନ 'ସଂସ୍କାରକ', 'ସମ୍ବଲପୁର ହିତୈଷିଣୀ', 'ଉତ୍କଳ ମଧୁପ', ଉତ୍କଳ ଦୀପିକା,'ପ୍ରଜାବନ୍ଧୁ' ଇତ୍ୟାଦି ସମ୍ବାଦପତ୍ରର ସଂପାଦନା କରି ଓଡ଼ିଆ ପତ୍ରିକା ସଂପାଦନା ଓ ଶୁଦ୍ଧ ପାଠ୍ୟପୁସ୍ତକ ସଂପାଦନାକୁ ମହତ୍ତର ଉଚ୍ଚତା ପ୍ରଦାନ କରିଛନ୍ତି । ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସାହିତ୍ୟ, ସଂସ୍କୃତି ଏବଂ ସମାଜ ସଂସ୍କାରରେ ଜଣେ ମହାନ ବ୍ୟକ୍ତିତ୍ୱ ଭାବରେ ଉଭା ହୋଇଥିଲେ । ତାଙ୍କର ଅସାଧାରଣ ପାଣ୍ଡିତ୍ୟ, ସୃଜନଶୀଳତା, ସାହସ ଏବଂ ଦେଶପ୍ରେମ ପାଇଁ ତତ୍କାଳୀନ ବଡମ୍ବା ରାଜ୍ୟର ମହାରାଣୀ ତାଙ୍କୁ 'ବିଦ୍ୟାରତ୍ନ' ଉପାଧିରେ ସମ୍ମାନିତ କରିଥିଲେ । ସାହିତ୍ୟ ପ୍ରତି ତାଙ୍କର ଅତୁଟ ଉତ୍ସର୍ଗୀକୃତ ସୃଷ୍ଟି ଆମ ଓଡ଼ିଆ ସହତ୍ୟକୁ ଋଦ୍ଧିମନ୍ତ କରିଛି। ଜଣେ ଅନନ୍ୟ ସାମ୍ବାଦିକ ଭାବେ ସମ୍ବାଦପତ୍ର ମାଧ୍ୟମରେ ଦୁର୍ଦ୍ଦର୍ଶ ବ୍ରିଟିଶ ଶାସନ ଉପରେ ପ୍ରହାର କରିଥିଲେ ଯାହା ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ନିମନ୍ତେ ପଥ ଉନ୍ମୁକ୍ତ କରିଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ସେ ଓଡ଼ିଆ ଅସ୍ମିତାକୁ ସୁଦୃଢ଼ କରିଛନ୍ତି । ସ୍ପଷ୍ଟବାଦିତା ଓ ନିର୍ଭୀକତା ତାଙ୍କ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ଥିଲା ବୋଲି ଡ. ନନ୍ଦ ପ୍ରକାଶ କରିଥିଲେ । ସମ୍ମାନୀୟ ଅତିଥିଭାବେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଂପାଦକ ଡା. କୃଷ୍ଣକେଶବ ଷଡଙ୍ଗୀ ପଣ୍ଡିତ ବିଦ୍ୟାରତ୍ନଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ କହିଲେ ଯେ ବିଦ୍ୟାରତ୍ନ ଥିଲେ ସାମ୍ବାଦିକତାର ଭୀଷ୍ମ ପିତାମହ। ଜଣେ ସମ୍ଭ୍ରାନ୍ତ ପତ୍ରିକା ସମ୍ପାଦକ ଭାବରେ ସେ ଉଚ୍ଚାରଣ ଏବଂ ଲେଖାର ଶୁଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଓଡ଼ିଆ ଭାଷା ଆନ୍ଦୋଳନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜଣେ ସମାଜ ସଂସ୍କାରକ ଭାବେ ନୀଳମଣି ବିଦ୍ୟାରତ୍ନଙ୍କୁ ଓଡ଼ିଆ ଜାତି ନମସ୍ୟ ପୁରୁଷ ଭାବରେ ମନେ ରଖିବ ବୋଲି କହିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ( ବୈଷୟିକ ) ଶ୍ରୀ ଗୁରବୀର ସିଂହ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଯେ ଓଡ଼ିଶା ନବଜାଗରଣର ଅନନ୍ୟ ଅଗ୍ରଦୂତ ଭାବେ ପରିଚିତ ପଣ୍ଡିତ ବିଦ୍ୟାରତ୍ନଙ୍କ ଚିନ୍ତା, ଚେତନା, ଲେଖନୀ ଓ କର୍ମଧାରା ଆଜି ବି ଆମକୁ ପଥ ପ୍ରଦର୍ଶନ କରୁଛି। ଓଡ଼ିଶା ନବଜାଗରଣର ଅନନ୍ୟ ଅଗ୍ରଦୂତ ଭାବେ ପରିଚିତ ପଣ୍ଡିତ ବିଦ୍ୟାରତ୍ନଙ୍କ ଚିନ୍ତା, ଚେତନା, ଲେଖନୀ ଓ କର୍ମଧାରା ଆଜି ବି ଆମକୁ ପଥ ପ୍ରଦର୍ଶନ କରୁଛି ବୋଲି ଶ୍ରୀ ସିଂହ କହିଥିଲେ ।

ସଭା ପ୍ରାରମ୍ଭରେ ଅତିଥିମାନେ ପଣ୍ଡିତ ବିଦ୍ୟାରତ୍ନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିବାବେଳେ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର, କେନ୍ଦ୍ରାପଡ଼ାର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା । ଲୋକ ସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗୀୟ ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

ରବିବାର ସକାଳ ଘ ୮ଏ୦. ମିନିଟ୍ ସମୟରେ ଜୟଦେବ ବିହାର ଛକ ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧକ୍ଷଣୀ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ପ୍ରଭାତ କୁମାର ତ୍ରିପାଠୀ, ପ୍ରକ୍ଷନ୍ତନ ବିଧାୟକ ମନ୍ତ୍ରୀଙ୍କ ତଥା ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ଗୁରବୀର ସିଂହ, ବିଭାଗୀୟ ଉପ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀ, ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ରାଜ୍ୟ ସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର ସମ୍ପାଦକ, ଡା କୃଷ୍ଣ କେଶବ ଷଡ଼ଙ୍ଗୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

ଭୁବନେଶ୍ୱର
୧୫ ଡିସେମ୍ବର,
ସୋମବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

## ପୂର୍ଣ୍ଣିମାରୁ ବେଶ ତିଆରି ଆରମ୍ଭ

# ଜାନୁଆରୀ ୨୧ରେ ମହାପ୍ରଭୁଙ୍କ ପଦ୍ମ ବେଶ




**ପୁରୀ,୧୪/୧୨ ନ୍ୟୁଜ ବ୍ୟୁରୋ**
ଆସନ୍ତା ଜାନୁଆରୀ ୨୧ ତାରିଖ ବୁଧବାର ଦାରୁବ୍ରହ୍ମଙ୍କ ପଦ୍ମ ବେଶ । ଶ୍ରୀମନ୍ଦିର ରତ୍ନସିଂହାସନରୁଢ଼ ଶ୍ରୀବିଗ୍ରହଙ୍କୁ ପଦ୍ମ ବେଶରେ ସୁଶୋଭିତ କରାଯିବ । ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ପଦ୍ମବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ପଦ୍ମ ପୁଷ୍କରିଣୀରେ ପ୍ରସ୍ଫୁଟିତ ବିଶାଳ ପଦ୍ମ କେଶର ମଧ୍ୟରେ ଶ୍ରୀମୁଖ ଶୋଭାପାଇବ । ଏଣୁ ବଡ଼ ଛତା ମଠରେ ଆରମ୍ଭ ହୋଇଛି ପ୍ରସ୍ତୁତି । ପୂର୍ଣ୍ଣିମା ତିଥିରେ ଗୁରୁବାର ପଦ୍ମ ବେଶ ନିର୍ମାଣ ଅନୁକୂଳ ହୋଇଥିଲା । ମଠ ମହନ୍ତ, ପୂଜାରୀ ଓ ମୁଖ୍ୟ ବେଶ ନିର୍ମାଣକାରୀଙ୍କ ଉପସ୍ଥିତିରେ ବେଶ ପ୍ରସ୍ତୁତି ପାଇଁ ଆବଶ୍ୟକ ସୋଲ ଓ ବିଭିନ୍ନ ସରଞ୍ଜାମ ପୂଜା କରାଯାଇଛି । ମୁଖ୍ୟ ବେଶ ନିର୍ମାଣକାରୀ ତଥା ଦୟଣାମାଳି ସେବକ ବସନ୍ତ କୁମାର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଠାକୁରଙ୍କ ଉଦ୍ଦେଶ୍ୟରେ ଶ୍ରୀମୁଖ ପଦ୍ମ, ପଦ୍ମଫୁଲ ଓ ଗଛ ଆଦି ତିଆରି ହେଉଛି। ଦେବତାଙ୍କ ଶ୍ରୀମସ୍ତକରେ ଚୂଳମାନ ଲାଗି ହେବେ । ସେଦିନ ରାତ୍ର ଚନ୍ଦନଲାଗି ନୀତି ବଢ଼ିବା ପରେ ବଡ଼ସିଂହାରରେ ଠାକୁରେ ଏହି ବେଶ ହେବେ। ଭକ୍ତମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଠାକୁରଙ୍କୁ ଏହି ବେଶରେ ଦର୍ଶନ କରି ଧନ୍ୟ ହେବେ ।



ପୁରୀ : ଶ୍ରୀମନ୍ଦିର ପରିଦର୍ଶନ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିବା ଅବସରରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ଧର୍ମପତ୍ନୀ । (ଫଟୋ : ସମ୍ବାଦ କଳିକା)

## ମେଘନାଦ ପ୍ରାଚୀରର ସ୍ଥାୟୀ ସଂରକ୍ଷଣ ପାଇଁ

# ଏଏସ୍ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ପୁରୀ, ୧୪/୧୨ ନ୍ୟୁଜ ବ୍ୟୁରୋ**
ବିପଦରେ ଶ୍ରୀମନ୍ଦିର ମେଘନାଦ ପାଚେରୀ। ମେଘନାଦ ପାଚେରୀ ଯୋଡେଇ ଦେଇ ଝରୁଛି ଆନନ୍ଦ ବଜାରର ମଇଳା ପାଣି । ପାଚେରୀ ଉପରେ ଶିଉଳି ଚରିଗଲାଣି। ବର୍ଷେ ତଳେ ଏଏସ୍ଆଇ ପକ୍ଷରୁ ଗ୍ରାଉଟିଂ କରାଯାଇ ମରାମତି ହୋଇଥିଲା। ଫଳରେ ପାଣି ଝରିବା ବନ୍ଦ ହୋଇଯାଇଥିଲା। ହେଲେ ବର୍ଷେ ନ ପୁରୁଣୁ ପୁଣି ପାଚେରୀ ଯୋଡେଇରୁ ପାଣି ଝରୁଛି। ଶ୍ରୀମନ୍ଦିରକୁ ସୁରକ୍ଷା ଦେଉଥିବା ମେଘନାଦ ପ୍ରାଚୀର ଏବେ ଅସୁରକ୍ଷିତ ହୋଇ ପଡ଼ିଛି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଜଗନ୍ନାଥ ପ୍ରେମୀ। ସେପଟେ କେଉଁ କାରଣ ପାଇଁ ପାଣି ମେଘନାଦ ପାଚେରୀରୁ ଝରୁଛି ତାହା ଅନୁଧ୍ୟାନ କରାଯାଉଛି ବୋଲି କହିଛନ୍ତି ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ । ଶ୍ରୀମନ୍ଦିର ସେବାୟତ ବିନାୟକ ଦାସ ମହାପାତ୍ର କୁହନ୍ତି, 'ଆନନ୍ଦ ବଜାର ନଳା ପାଣି ମେଘନାଦ ପାଚେରୀରେ ଥିବା ଯୋଡେଇ ଦେଇ ଝରୁଛି। ପୂର୍ବରୁ ଏହାର ମରାମତି କାର୍ଯ୍ୟ ହୋଇଥିଲା। ହେଲେ ପୁଣି ପାଣି ଝରୁଛି। ଏଣୁ ଏହାର ସ୍ଥାୟୀ ମରାମତିର ଆବଶ୍ୟକତା ରହିଛି। ମେଘନାଦ ପାଚେରୀ ହେଉଛି ଶ୍ରୀମନ୍ଦିରର ସୁରକ୍ଷା ବଳୟ। ଏଣୁ ଏହାର ସୁରକ୍ଷା କାର୍ଯ୍ୟ ଯଥା ଶୀଘ୍ର ହେବା ଉଚିତ୍। ଏହାର ସ୍ଥାୟୀ



ମରାମତି କାର୍ଯ୍ୟ ହେବା ଉଚିତ୍। ନହେଲେ ମେଘନାଦ ପାଚେରୀ ପ୍ରତି ଏହା ବିପଦ ସୃଷ୍ଟି କରିବ। ଏଏସଆଇ ହାତରେ ଶ୍ରୀମନ୍ଦିରର ସୁରକ୍ଷା ଦାୟିତ୍ୱ ରହିଛି। ଏହାକୁ ଏଏସଆଇ ଗୁରୁତ୍ୱର ସହ ମେଘନାଦ ପାଚେରୀର ସ୍ଥାୟୀ ମରାମତି ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ୍।' ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ କୁହନ୍ତି, 'ଶ୍ରୀମନ୍ଦିର ମେଘନାଦ ପାଚେରୀରେ କେଉଁ କାରଣ ପାଇଁ ପାଣି ଝରୁଛି ତାହା ଅନୁଧ୍ୟାନ କରାଯାଉଛି। ଏହାକୁ ନେଇ ଏଏସଆଇକୁ ଅବଗତ କରାଯାଇ ମେଘନାଦ ପାଚେରୀର ମରାମତି ଓ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବ।' ରବିବାର ମେଘନାଦ ପାଚେରୀରେ ପୁଣି ପାଣି ଝରିବା ସମ୍ପର୍କରେ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପୁନଃ ଦୃଷ୍ଟି ଆକର୍ଷଣ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ। ଏଏସ୍ଆଇର ମାର୍ଗଦର୍ଶନରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜରୁରୀ ମରାମତି ପାଇଁ ପଦକ୍ଷେପ ନେବାକୁ ସେ ପତ୍ର ଲେଖି ପ୍ରସ୍ତାବ ରଖିଛନ୍ତି। ଏଥି ସହିତ ମେଘନାଦ ପ୍ରାଚୀରର ପାଣି ଝରିବାର କାରଣ ଏବଂ ଏହାର ସ୍ଥାୟୀ ନିରାକରଣ ନିମନ୍ତେ ଏଏସ୍ଆଇ ପକ୍ଷରୁ ବୈଜ୍ଞାନିକ ଉପାୟରେ ସର୍ଭେ ତଥା ପଦକ୍ଷେପ ଗ୍ରହଣ କରାଯିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଗୁରୁତ୍ୱାରୋପ କରିଛନ୍ତି। ମେଘନାଦ ପାଚେରୀର ସୁରକ୍ଷା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପତ୍ର ସଂଖ୍ୟା ୧୭୮୦୦ ତା ୧୪.୧୨.୨୦୨୫ କ୍ରମେ ଏ.ଏସ.ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଏହି ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗତବର୍ଷ ମେଘନାଦ ପ୍ରାଚୀରରେ ପାଣି ଝରିବା ସାମ୍ନାକୁ ଆସିଥିଲା । ସେତେବେଳେ ଏ.ଏସ. ଆଇ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ମରାମତି ତଥା ନିରାକରଣ ପାଇଁ ପଦକ୍ଷେପ ନେବାକୁ ଅବଗତ କରାଯାଇଥିଲା । ସେତେବେଳେ ଏଏସଆଇ ମାର୍ଗଦର୍ଶନରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମରାମତି କରାଯାଇଥିଲା। କିନ୍ତୁ ଏହା ପରେବି ପୁଣି ଥରେ ମେଘନାଦ ପାଚେରୀରୁ ପାଣି ଝରିବା ସହ କିଛିଅଂଶ ସନ୍ତସନ୍ତିଆ ରହୁଛି। ଶ୍ରୀମନ୍ଦିର ସୁରକ୍ଷାର ସବୁଠାରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ ହେଲା ମେଘନାଦ ପ୍ରାଚୀର । ତେଣୁ ଏହାର ସୁରକ୍ଷା ପାଇଁ ଏଏସ୍ଆଇ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢ଼ୀ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହି ସୂଚନା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ପ୍ରେସ ବାର୍ତ୍ତା ଭାବେ ଗଣମାଧ୍ୟମକୁ ଶ୍ରୀମନ୍ଦିର ସୂଚନା ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

# ଶକ୍ତି ସଂରକ୍ଷଣକୁ ଜାତୀୟ କର୍ତ୍ତବ୍ୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ରହିଛି : କନକ ବର୍ଦ୍ଧନ ସିଂହଦେଓ

**ଭୁବନେଶ୍ୱର,୧୪/୧୨**
**ନ୍ୟୁଜ ବ୍ୟୁରୋ**
ଶକ୍ତି ସଂରକ୍ଷଣକୁ କେବଳ ଏକ ଅଭ୍ୟାସ ଭାବରେ ନୁହେଁ, ବରଂ ଏକ ଜାତୀୟ କର୍ତ୍ତବ୍ୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଜାତୀୟ ଶକ୍ତି ସଂରକ୍ଷଣ ଦିବସ ୨୦୨୫ ଅବସରରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଲୋକସେବା ଭବନରେ ଆୟୋଜିତ ଏକ ସମାରୋହରେ ଯୋଗ ଦେଇ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା
ପ୍ରତ୍ୟେକ ଘରେ ଆର୍ଥିଂ କରିବା ଏବଂ ସ୍ମାର୍ଟ ମିଟରର ବ୍ୟାପକ କାର୍ଯ୍ୟାନ୍ୱୟନ ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗୁରୁତ୍ୱାରୋପ କରିଥିଲେ । ଯାହା ଶକ୍ତି କ୍ଷତି ହ୍ରାସ କରିବାର ସମ୍ଭାବନା ରଖେ। ଓଡ଼ିଶା ସରକାର ଜଳବାୟୁ ସ୍ଥିରତା ଏବଂ ସ୍ଥାୟୀ ବିକାଶ ଉପରେ ଜାତୀୟ ମିଶନ ସହିତ ସମନ୍ୱୟ ରଖି ଶକ୍ତି ଦକ୍ଷତା ଏବଂ ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବଦା ପ୍ରତିବଦ୍ଧ ବୋଲି କହିଥିଲେ।




ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଉଲ୍ଲେଖ କରିଥିଲେ ଯେ, ଏକକାଳୀନ ଶକ୍ତି ଉତ୍ପାଦନ ଯୋଡିବା ସହିତ ଆମେ ଶକ୍ତି ସଂରକ୍ଷଣ ଉପରେ ଧ୍ୟାନ ଦେବା ଉଚିତ ଯାହା ସବୁଠାରୁ ଶସ୍ତା, ସ୍ୱଚ୍ଛ ଉତ୍ସରୁ ଉତ୍ପାଦିତ। ନୀତି ସ୍ତରରେ, ପମ୍ପଡ଼ ଷ୍ଟୋରେଜ ନୀତି ପୂର୍ବରୁ କାର୍ଯ୍ୟକାରୀ ହୋଇଛି ଏବଂ ସମ୍ପ୍ରତି ଭାସମାନ ସୌର ନିର୍ଦ୍ଦେଶାବଳୀ ଜାରି କରାଯାଇଛି ଯାହା ସୌର ପବନ, ଜଳ, ଇତ୍ୟାଦି କ୍ଷେତ୍ରରେ ଓଡ଼ିଶାର ନବୀକରଣୀୟ ଶକ୍ତି କ୍ଷମତାକୁ ତ୍ୱରାନ୍ୱିତ କରିପାରିବ।
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶକ ଡ କେ. ମୁରୁଗେସନ ଶିକ୍ଷକମାନଙ୍କୁ ଶକ୍ତି ସଂରକ୍ଷଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବାକୁ କହିଥିଲେ। ସିପିଆରଆଇର ପୂର୍ବତନ ମହାନିର୍ଦ୍ଦେଶକ ଏ.କେ. ତ୍ରିପାଠୀ ଗ୍ରୀଡ୍ ସ୍ଥିରୀକରଣ ସହିତ ନବୀକରଣୀୟ ଶକ୍ତି କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ମନୋଜ କୁମାର ତ୍ରିପାଠୀ ଶକ୍ତି ସଂରକ୍ଷଣ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଉପମୁଖ୍ୟମନ୍ତ୍ରୀ ସିପିପି/ଆଇପିପି, ଇସ୍ପାତ ଏବଂ ବିଦ୍ୟୁତ୍, ଏମ୍ଏସଏମଇ, ଶିକ୍ଷାନୁଷ୍ଠାନ ଇତ୍ୟାଦି ବିଭିନ୍ନ ବର୍ଗରେ ବିଜେତାମାନଙ୍କୁ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର (ଓଏସଇସିଏ)ରେ ସମ୍ମାନିତ କରିଥିଲେ।
ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ ସଚେତନତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯେଉଁଥିରେ ପ୍ରମୁଖ ଶାସନ ସଚିବ ଶକ୍ତି ବିଭାଗ ବିଶାଳ କୁମାର ଦେବ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ମନୋଜ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଶକ୍ତି ବିଭାଗର ଅଧିକାରୀମାନଙ୍କ ସହିତ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ରାଲି କଳିଙ୍ଗ ଷ୍ଟାଡିୟମର ୩ ନମ୍ବର ଗେଟ୍‌ରୁ ଲୋକସେବା ଭବନ ପର୍ଯ୍ୟନ୍ତ ହୋଇଥିଲା। ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଯେଉଁଥିରେ ସାରା ଓଡ଼ିଶାରେ ବ୍ଲକ ସ୍ତରୀୟ ଏବଂ ଜିଲ୍ଲା ସ୍ତରରେ ୨.୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୮ମ, ୯ମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଶ୍ରେଷ୍ଠ ୩ ଜଣ ଛାତ୍ରଛାତ୍ରୀଙ୍କୁ ୮୦୦୦, ୫୦୦୦ ଏବଂ ୩୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ସ୍ମାରକୀ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ, ଯେଉଁମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଇଞ୍ଜିନିୟର ଅଶୋକ କୁମାର ଦାସ ସମସ୍ତ ସମ୍ମାନିତ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ସମ୍ମାନିତ ବ୍ୟକ୍ତି ଗୁରୁତ୍ୱାରୋପ କରିଥିଲେ ଯେ ଶକ୍ତି ସଞ୍ଚୟ ହେଉଛି ଶକ୍ତି ଉତ୍ପାଦନ।

## କିଟ୍ ଓ କିସ୍‌ରେ ଭଲିବଲ୍ ମହାକୁମ୍ଭ

# ଓଡ଼ିଶାରେ ଆୟୋଜିତ ହେବ ଏଫ୍ଆଇଭିବି ବିଚ୍ ଭଲିବଲ୍

**ଭୁବନେଶ୍ୱର, ୧୪।୧୨**
**ନ୍ୟୁଜ ବ୍ୟୁରୋ**
ଓଡ଼ିଶାରେ କିଟ୍ ଓ କିସ୍ ସହଯୋଗରେ ୨୦୨୬ରୁ ଲଗାତାର ୩ବର୍ଷ ଏଫ୍ଆଇଭିବି ବିଚ୍ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫଆଇଭିବି) ସଭାପତି ଫାବିଓ ଆଜେଭେଦୋ ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। କିଟ୍ ଓ କିସ୍‌ରେ ବ୍ୟାପକ ସୁବିଧା ଓ ଓଡ଼ିଶାର ମନୋରମ ପରିବେଶ ପାଇଁ ଆସନ୍ତା ୨୦୨୬, ୨୦୨୭ ଓ ୨୦୨୮ ବର୍ଷରେ କିଟ୍ ଓ କିସ୍ ସହଯୋଗରେ ଓଡ଼ିଶାରେ ଏଫ୍ଆଇଭିବି ବିଚ୍ ଭଲିବଲ୍ ଆୟୋଜିତ ହେବ ବୋଲି ଫାବିଓ ଘୋଷଣା କରିଥିଲେ। ଏଫଆଇଭିବି ସହଯୋଗରେ କିଟ୍ ଓ କିସ୍‌ରେ ୧୧ ତାରିଖରୁ ଆରମ୍ଭ ହୋଇଥିବା ଭଲିବଲ ମହାକୁମ୍ଭ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଓଡ଼ିଶା ଆସିଥିବା ଫାବିଓ କହିଲେ, ଭାରତ ତଥା ଓଡ଼ିଶାରେ ତୃଣମୂଳସ୍ତରରେ ଭଲିବଲ୍‌ର ବିକାଶ ଓ ମହିଳା ସଶକ୍ତିକରଣ ନିମନ୍ତେ ଏହି




ମହାକୁମ୍ଭ ଆୟୋଜନ କରାଯାଇଛି। ୨୦୩୨ ସୁଦ୍ଧା ଭଲିବଲ୍ ମାଧ୍ୟମରେ ବିଶ୍ୱର ୧.୨ ବିଲିୟନ୍ ଲୋକଙ୍କୁ ଯୋଡ଼ିବା ଏଫ୍ଆଇଭିବି ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। କ୍ରୀଡ଼ା ବିଶେଷ କରି ଭଲିବଲ୍‌ର ଶକ୍ତି ମାଧ୍ୟମରେ ଲୋକଙ୍କୁ ଏକାଠି କରିବା ଓ ସେମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବଜାୟ ରଖିବା ଏଫ୍ଆଇଭିବିର ଉଦ୍ଦେଶ୍ୟ।
ଏହି ସାମ୍ବାଦିକ ସମ୍ମିଳନୀରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ଏଫଆଇଭିବି ସହିତ ଆମର ସହଭାଗିତା ଯୋଗୁଁ ଓଡ଼ିଶାକୁ ଏଭଳି କର୍ମଶାଳା ଜରିଆରେ ବିଶ୍ୱସ୍ତରୀୟ ଦକ୍ଷତା ଅଣାଯାଇପାରିଛି। ଏଥିରେ ହଜାର ହଜାର ବାଳିକା ଓ ମହିଳାଙ୍କୁ ଭଲିବଲ୍‌ର ପରିବର୍ତ୍ତନକାରୀ ଶକ୍ତି ଅନୁଭବ କରିବାର ସୁଯୋଗ ସୃଷ୍ଟି କରିବ। କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ମହିଳା ସଶକ୍ତିକରଣ ଏବଂ ତୃଣମୂଳ ସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା ଏହି ଭଲିବଲ୍ ମହାକୁମ୍ଭର ଲକ୍ଷ୍ୟ ବୋଲି ଡ. ସାମନ୍ତ କହିଥିଲେ।
ଏହି ଅବସରରେ କିଟ୍, କିସ୍ ଓ ଏଫ୍ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଫାବିଓଙ୍କ ଦ୍ୱାରା ଏଫ୍ଆଇଭିବି- କିଟ୍, କିସ୍ ଉତ୍କର୍ଷ କେନ୍ଦ୍ରର ଉଦ୍‌ଘାଟନ କରାଯାଇଥିଲା। ଏହା ସହ ଡ. ସାମନ୍ତଙ୍କ ଉପସ୍ଥିତିରେ ଫାବିଓଙ୍କ ଦ୍ୱାରା ଏକ ସ୍ପୋର୍ଟ୍‌ସ ଜୋନ୍ ଉଦ୍‌ଘାଟିତ ହୋଇଥିଲା।
ସୂଚନାଯୋଗ୍ୟ, ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ୪୦ ହଜାର ଛାତ୍ରଛାତ୍ରୀ ଦର୍ଶକଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ଭଲିବଲ୍ ମହାକୁମ୍ଭର ବିଭିନ୍ନ ଦିନରେ କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ମହିଳା ଭଲିବଲ୍ କୋଚଙ୍କୁ କର୍ମଶାଳା ଜରିଆରେ ପ୍ରଶିକ୍ଷଣ ସହ ସଶକ୍ତିକରଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୫୦୦ ଅଂଶଗ୍ରହଣକାରୀଙ୍କ ବ୍ୟତୀତ ଭାରତ ସମେତ ବିଶ୍ୱର ୨୦୦ରୁ ଅଧିକ ଭଲିବଲ୍ ପ୍ରଶିକ୍ଷକ, ଖେଳାଳି ଏବଂ ବିଶେଷଜ୍ଞ ଏଥିରେ ଯୋଗ ଦେଇଥିଲେ। ସେମାନେ ଏଠାରୁ ତାଲିମ ପାଇ ନିଜ ଅଞ୍ଚଳରେ ଭଲିବଲ ଖେଳାଳିଙ୍କୁ ତାଲିମ ପ୍ରଦାନ କରିବେ। ଫଳରେ ଏହା ଦ୍ୱାରା ୫୦ ହଜାରରୁ ଊର୍ଦ୍ଧ୍ୱ ଭଲିବଲ ଖେଳାଳି ଉପକୃତ ହେବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ ପ୍ରଶିକ୍ଷକ ଜନ୍ କେସେଲ୍ ଏବଂ ଜାନା କୁଲାନ୍ ପ୍ରମୁଖ ୪ଟି ଇନ୍‌ଡୋର ଓ ୪୦ରୁ ଊର୍ଦ୍ଧ୍ୱ ଆଉଟଡୋର କୋର୍ଟରେ ଗତିଶୀଳ ଅନ-କୋର୍ଟ ତାଲିମ, ଉନ୍ନତ କୌଶଳ ଅଧିବେଶନ, ପ୍ରଶିକ୍ଷକ-ବିକାଶ ପ୍ରୟୋଗଶାଳା ଓ ଗଣ ଅଂଶଗ୍ରହଣ କାର୍ଯ୍ୟକ୍ରମ ଗୁଡ଼ିକରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।
ଏହି ଅବସରରେ ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷା, ସାମାଜିକ ପରିବର୍ତ୍ତନ ଓ ଯୁବ କଲ୍ୟାଣରେ ଭଲିବଲର ଭୂମିକା, ଭଲିବଲ୍ ଜରିଆରେ ତୃଣମୂଳସ୍ତରରେ ପରିବର୍ତ୍ତନ ଏବଂ ଭଲିବଲ୍ ମାଧ୍ୟମରେ ମହିଳା ସଶକ୍ତିକରଣ, ସମାନତା ଏବଂ ବିଶ୍ୱ ସଶକ୍ତିକରଣକୁ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଫାବିଓ ଆଜେଭେଡୋ, ଡ. ଅଚ୍ୟୁତ ସାମନ୍ତ, ଅଭିଜିତ ବି, ଅଭିନବ ବିନ୍ଦ୍ରା, ଜନ୍ କେସେଲ୍ ଓ ଜାନା କୁଲାନ୍ ପ୍ରମୁଖ ଏଥିରେ ଯୋଗଦେଇ ଉପରୋକ୍ତ ବିଷୟ ଉପରେ ଆଲୋଚନା କରିଥିଲେ।



ଭୁବନେଶ୍ୱର : ପ୍ରଦର୍ଶନୀ ପଡିଆରେ ଚାଲିଥିବା ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଜମୁଛି ପାଠକଙ୍କ ଭିଡ଼ । (ଫଟୋ : ସମ୍ବାଦ କଳିକା)

## ଗୋଆ ଅଗ୍ନିକାଣ୍ଡ ଘଟଣା ପରେ ବଢିଛି ଟେନସନ୍

# ରାଜଧାନୀର ବାର୍ ଓ ରେଷ୍ଟୁରାଣ୍ଟରେ ରାତି ଅଧିଆ ଚଢ଼ଉ

**ଭୁବନେଶ୍ୱର,୧୪/୧୨**
**ନ୍ୟୁଜ ବ୍ୟୁରୋ**
ଗୋଆ ଅଗ୍ନିକାଣ୍ଡ ଘଟଣା ପରେ ବଢିଛି ଟେନସନ୍। ରାଜଧାନୀର ବାର୍ ଓ ରେଷ୍ଟୁରାଣ୍ଟରେ ଚଢ଼ଉ ଜାରି ରହିଛି। ରାତି ଅଧିଆ ଚଢଉ କରିଛି ଅବକାରୀ ବିଭାଗ। ୭ଟି ଟିମ୍ ଦ୍ୱାରା କରାଯାଇଛି ଚଢଉ। ତେବେ ଦିନରେ ପୁଲିସ ଓ ଅଗ୍ନିଶମ ବାହିନୀର ଚଢଉ ହେଉଥିବା ବେଳେ ବିଳମ୍ବିତ ରାତିରେ ଅବକାରୀ ବିଭାଗ ଚଢଉ କରୁଛି। ଭୁବନେଶ୍ୱରରେ ଥିବା ସମସ୍ତ ବାର୍ ଏବଂ ରେଷ୍ଟୁରାଣ୍ଟ ଗୁଡ଼ିକୁ ଦିଆ ଯାଇଥିବା ଗାଇଡ ଲାଇନ୍ ସଠିକ୍ ଭାବେ ପାଳନ କରାଯାଉଛି ନା ନାହିଁ ତାହାର ତଦାରଖ କରାଯାଉଛି । ଏନେଇ ୭ଟି ଟିମ୍ ଦ୍ୱାରା କରାଯାଉଛି ଚଢଉ।

# ଏମ୍‌ଭି ୨୬ ଓ ରାଖେଲଗୁଡ଼ା ଗାଁ ବିବାଦକୁ ନେଇ ଘୁଞ୍ଚିଲା ଧାନକିଣା ତାରିଖ

**ମାଲକାନଗିରି,୧୪/୧୨**
**ନ୍ୟୁଜ ବ୍ୟୁରୋ**
ଜିଲ୍ଲା ମଣ୍ଡିରେ ଧାନ କିଣିବା ତାରିଖ ଘୁଞ୍ଚିଛି । ୧୭ ତାରିଖ ପରିବର୍ତ୍ତେ ୨୪ତାରିଖରେ ଧାନ କିଣା ଯିବା ନେଇ ପ୍ରଶାସନ ପକ୍ଷରୁ ଘୋଷଣା ହୋଇଛି । ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ କିଣିବା ତାରିଖ ପରବର୍ତ୍ତନ କରିଛି ପ୍ରଶାସନ । ମାଲକାନଗିରି ଜିଲ୍ଲା ଏମଭି ୨୬ ଗ୍ରାମ ଓ ରାଖେଲଗୁଡା ଗ୍ରାମ ବିବାଦକୁ ନେଇ ତାରିଖ ଘୁଞ୍ଚା ଯାଇଥିବାର ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି ।
ମାଲକାନଗିରି ଜିଲ୍ଲାରେ ଚଳିତ ଖରିଫ ଚାଷରେ ୭୫୬୬୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ଚଳିତ ବର୍ଷ ୩୬୭୮୯ ଜଣ ଚାଷୀ ବିଭିନ୍ନ ଲ୍ୟାମ୍ପସରେ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ପାଇଁ ଖରିଫ୍ ଧାନକ୍ରୟ ଟାର୍ଗେଟ ମଧ ଧାର୍ଯ୍ୟ ହୋଇ ସାରିଛି। ଏ ବର୍ଷ ୬୭ ଟି ମଣ୍ଡିରେ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୮ ଲକ୍ଷ ୬୬ହଜାର କୁଇଣ୍ଟାଲ ଧାନ ସଂଗ୍ରହର ଟାର୍ଗେଟ ରହିଛି । ମାଲକାନଗିରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୧୭ ତାରିଖରେ ହେବାକୁ ଥିବା ଧାନମଣ୍ଡି ଆସନ୍ତା ୨୪ ତାରିଖକୁ ଘୁଞ୍ଚାଇ ଦିଆ ଯାଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ସୂଚନା ଦେଇଛନ୍ତି ।
ମାଲକାନଗିରି ଜିଲ୍ଲା ଏମ୍‌ଭି-୨୬ ଗାଁରେ ଶାନ୍ତି ଫେରାଇ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ଜାରି ରହିଛି ଉଦ୍ୟମ । ହିଂସା ମାମଲାରେ ୬ ଜଣଙ୍କୁ ଗିରଫ କରାଯାଇଛି । କ୍ଷଷ୍ଟଥର ପାଇଁ ବନ୍ଦ ରଖାଯାଇଛି ଇଣ୍ଟରନେଟ୍ ସେବା । ଆଉ ୩୬ ଘଣ୍ଟା ଅର୍ଥାତ୍ ଆସନ୍ତା ସୋମବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ।



# ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଲୁପ୍ତ ହୋଇଯିବେ ୮ ହଜାର ଜୀବଜନ୍ତୁ

**ନୂଆଦିଲ୍ଲୀ, ୧୪/୧୨**
ଅଧିକ ଗରମ ଓ ଭୂମି ଉପଯୋଗରେ ପରିବର୍ତ୍ତନ ଯୋଗୁ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ସାରା ଦୁନିଆର ପ୍ରାୟ ୮ ହଜାର ପ୍ରଜାତିର ଜୀବ ବିଲୁପ୍ତ ହୋଇପାରନ୍ତି। ଏହି ତଥ୍ୟ ଏକ ଅଧ୍ୟୟନରେ ସାମନାକୁ ଆସିଛି । ବ୍ରିଟେନର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ନେତୃତ୍ୱରେ ଏକ ଅନ୍ତର୍ଜାତୀୟ ଟିମ୍ ଉଭୟଚର, ପକ୍ଷୀ, ସ୍ତନ୍ୟପାୟୀ ଓ ସରୀସୃପର ପ୍ରାୟ ୩୦,୦୦୦ ପ୍ରଜାତିଙ୍କ ଉପରେ ଅଧ୍ୟୟନ କରିଥିଲା। ଗ୍ଲୋବାଲ୍ ଚେଞ୍ଜ ବାୟୋଲୋଜି ପତ୍ରିକାରେ ପ୍ରକାଶିତ



ଅଧ୍ୟୟନରେ କୁହାଯାଇଛି ଯେ ୨୧୦୦ ସୁଦ୍ଧା, ଅତ୍ୟଧିକ ଗରମ ଏବଂ ଭୂମି ବ୍ୟବହାର ପରିବର୍ତ୍ତନ ଯୋଗୁଁ ୭,୮୯୫ ମେରୁଦଣ୍ଡୀ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ରହିଛି । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଅଧ୍ୟୟନ ଲେଖକ ରୁଟ୍ ଭାର୍ଡି କହିଛନ୍ତି, 'ଆମର ଅଧ୍ୟୟନ ଏକାଧିକ ବିପଦର ସମ୍ଭାବ୍ୟ ପ୍ରଭାବକୁ ଏକକାଳୀନ ବିଚାର କରି ସେମାନଙ୍କର ସମ୍ଭାବ୍ୟ ପ୍ରଭାବକୁ ଭଲ ଭାବରେ ଆକଳନ କରିଛି । ଏହା ବିଶ୍ୱବ୍ୟାପୀ ଗୁରୁତ୍ୱପୂର୍ଣ୍ଣ ଜୈବ ବିବିଧତା କ୍ଷତିକୁ ରୋକିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟର ଆବଶ୍ୟକତାକୁ ଆହୁରି ଗୁରୁତ୍ୱାରୋପ କରେ ।' ଅଧ୍ୟୟନରେ ଚାରୋଟି ସ୍ଥିତି ଉପରେ ବିଚାର କରାଯାଇଥିଲା । ସବୁଠାରୁ ଖରାପ ସ୍ଥିତିରେ, ପ୍ରଜାତି ଏହାର ପରିସରର ୫୨ ପ୍ରତିଶତରେ ଅବନତିର ସମ୍ମୁଖୀନ ହୋଇପାରେ । ଭଲ ସ୍ଥିତିରେ କେବଳ ୧୦ ପ୍ରତିଶତ ପ୍ରଜାତି ପ୍ରଭାବିତ ହେବେ । ଜଳବାୟୁ ଏବଂ ଭୂମି ବ୍ୟବହାର ପରିବର୍ତ୍ତନର ମିଳିତ ପ୍ରଭାବ ସାହେଲ (ଯଥା, ସୁଦାନ, ଚାଦ୍ ଏବଂ ନାଇଜର), ମଧ୍ୟପ୍ରାଚ୍ୟ ଏବଂ ବ୍ରାଜିଲ ଭଳି ଅଞ୍ଚଳରେ ବିଶେଷ ଭାବରେ ଗୁରୁତର ହେବ ବୋଲି ଆକଳନ କରାଯାଇଛି। ଗବେଷକମାନେ ଉଲ୍ଲେଖ କରିଛନ୍ତି ଯେ ଏହି ଫଳାଫଳଗୁଡ଼ିକ ପୂର୍ବ ଅଧ୍ୟୟନ ସହିତ ସମାନ ରହିଛି । ଏହା ଦର୍ଶାଉଛି ଯେ ଭୂମି ବ୍ୟବହାର ଭବିଷ୍ୟତରେ ସର୍ବବୃହତ ପରିବର୍ତ୍ତନର ସମ୍ମୁଖୀନ ହେବ । ଯାହା ଜଳବାୟୁ ପରିବର୍ତ୍ତନକୁ ହ୍ରାସ ଏବଂ ଅନୁକୂଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିବ । ଗବେଷକମାନେ କହିଛନ୍ତି ଯେ ଏହି ଅଧ୍ୟୟନ ଭବିଷ୍ୟତର ଜୈବ ବିବିଧତାକୁ କିପରି ଗଭୀର ଭାବରେ ପରିବର୍ତ୍ତନ କରିପାରିବ ତାହା ଉପରେ ଆଲୋକପାତ କରି ନୀତି ନିର୍ଦ୍ଧାରଣ କରିପାରିବ । ଏହା ପାରସ୍ପରିକ ବିପଦଗୁଡ଼ିକୁ ଚିହ୍ନଟ ଏବଂ ହ୍ରାସ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରେ ।